


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୧୭ ଅକ୍ଟୋବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 October 2025
Vol.No. 36 ■ No.273 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

### ଋଷ ଠାରୁ ତେଲ କିଣା ପ୍ରସଙ୍ଗ :

## ଟ୍ରମ୍ପଙ୍କ ଦାବି ଉପରେ ଜବାବ ରଖିଲା ଭାରତ

### ଦେଶର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷାକୁ ଦିଆଯିବ ଅଗ୍ରାଧିକାର



ନୂଆଦିଲ୍ଲୀ, ୧୬/୧୦ : ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଭାରତ ତୈଳ ଓ ଗ୍ୟାସର ଏକ ପ୍ରମୁଖ ଆମଦାନିକାରୀ ଦେଶ । ଭାରତୀୟ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ଆମର ଅଗ୍ରାଧିକାର । ପୁଣି ଆମେରିକା ରାଷ୍ଟ୍ରପତିଙ୍କର ବିଭ୍ରାନ୍ତିକର ବୟାନ । ରୁଷିଆଠାରୁ ଭାରତ ତେଲ କିଣିବା ବନ୍ଦ କରିବ ବୋଲି ଦାବି କରିଛନ୍ତି ଡୋନାଲ୍ଡ ଟ୍ରମ୍ପ । ହ୍ୱାଇଟ ହାଉସରେ ଏକ କାର୍ଯ୍ୟକ୍ରମରେ ଟ୍ରମ୍ପ କହିଛନ୍ତି, ମୋଦୀ ତାଙ୍କୁ ବ୍ୟକ୍ତିଗତ ଭାବେ ପ୍ରତିଶ୍ରୁତି ଦେଇଛନ୍ତି ଯେ ଭାରତ ଅତିଶୀଘ୍ର ରୁଷିଆରୁ ତେଲ ଆମଦାନୀ ବନ୍ଦ କରିବ । ରୁଷିଆକୁ ଆର୍ଥିକ ଭାବେ ଏକ ଘରିକିଆ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବର୍ଣ୍ଣନା କରିଛନ୍ତି ଟ୍ରମ୍ପ । ତେବେ କିଛି ପ୍ରକ୍ରିୟା ପାଇଁ ଏହି ନିଷ୍ପତ୍ତି ତୁରନ୍ତ ନିଆଯାଇ ପାରିବ ନାହିଁ । କିନ୍ତୁ ଏହା ହେବ ବୋଲି ଟ୍ରମ୍ପ କହିଛନ୍ତି । ଏଥିସହ ମୋଦୀଙ୍କୁ ବନ୍ଧୁ ଓ ମହାନ ନେତା କହି ପ୍ରଶଂସା କରିଛନ୍ତି ଟ୍ରମ୍ପ । ଏହା ପରେ ସେ ଚୀନ ଉପରେ ମଧ ଏହିଭଳି ପଦକ୍ଷେପ ନେବା ପାଇଁ ଚାପ ପକାଇବେ ବୋଲି କହିଛନ୍ତି। ଗତ ମାସରେ ରୁଷିଆରୁ ଭାରତକୁ ତେଲ ରପ୍ତାନୀ ଦୈନିକ ୧ଦଶମିକ ୬୨ ନିୟୁତ ବ୍ୟାରେଲକୁ ବୃଦ୍ଧି ପାଇଥିଲା । ଯାହା ଭାରତର ସମୁଦାୟ ତେଲ ଆମଦାନୀର ପ୍ରାୟ ଏକ-ତୃତୀୟାଂଶ ଥିଲା । ରୁଷିଆର ତେଲ ଆମଦାନୀ ପାଇଁ ଭାରତ ଉପରେ ଅତିରିକ୍ତ ୨୫ ପ୍ରତିଶତ ଟାରିଫ ଲଗାଇଥିଲେ ଟ୍ରମ୍ପ । ଫଳରେ ଭାରତୀୟ ସାମଗ୍ରୀ ଉପରେ ଏବେ ୫୦ ପ୍ରତିଶତ ଶୁଳ୍କ ଆଦାୟ କରୁଛି ଆମେରିକା । ସେପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ଉପରେ ଭାରତ ପ୍ରତିକ୍ରିୟା ରଖିଛି । ବୈଦେଶିକ ମନ୍ତ୍ରାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଭାରତ ତୈଳ ଓ ଗ୍ୟାସର ଏକ ପ୍ରମୁଖ ଆମଦାନିକାରୀ ଦେଶ । ଭାରତୀୟ ଉପଭୋକ୍ତାଙ୍କ ସ୍ୱାର୍ଥ ରକ୍ଷା ଆମର ଅଗ୍ରାଧିକାର । ଆମର ଆମଦାନୀ ନୀତି ଏହି ଲକ୍ଷ୍ୟ ଦ୍ୱାରା ସମ୍ପୂର୍ଣ୍ଣ ପରିଚାଳିତ ହେଉଛି । ଏହା ବିଶ୍ୱ ଶକ୍ତି ବଜାରରେ ଭାରତର ସତର୍କ ନୀତିକୁ ସୂଚାଏ । ଭାରତୀୟ ଶକ୍ତି ନୀତିର ଦୁଇଟି ପ୍ରମୁଖ ଲକ୍ଷ୍ୟକୁ ରଣଧୀର ଜୟସୱାଲ ବ୍ୟାଖ୍ୟା କରିଛନ୍ତି । ସେ କହିଛନ୍ତି, ବିସ୍ତୃତ ଆଧାର ଉପରେ ଧ୍ୟାନ ଦେଇ ଏବଂ ବଜାର ସ୍ଥିତି ଅନୁଯାୟୀ ପଦକ୍ଷେପ ନିଆଯାଉଛି। ଏହା ଶକ୍ତି ସୁରକ୍ଷା ଓ ଅର୍ଥନୈତିକ ସ୍ଥିରତାକୁ ସୁନିଶ୍ଚିତ କରୁଛି। ସେପଟେ ରୁଷ ରାଷ୍ଟ୍ରଦୂତ ଭାରତର ପ୍ରତିକ୍ରିୟାକୁ ସମର୍ଥନ କରିଛନ୍ତି । ରୁଷ୍ ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍ କହିଛନ୍ତି, ଭାରତ ସରକାର ଦେଶର ଜାତୀୟ ସ୍ୱାର୍ଥକୁ ପ୍ରଥମ ସ୍ଥାନରେ ରଖିଛନ୍ତି । ଆମର ଶକ୍ତି କ୍ଷେତ୍ରରେ ସହଯୋଗ ଏହି ସ୍ୱାର୍ଥରେ ଦ୍ୱାରା ପରିଚାଳିତ ।

### ବିଜୟ ସଂକଳ୍ପ ସମାବେଶ:

## ନୂଆପଡାର ସାମଗ୍ରିକ ବିକାଶ ଦାୟିତ୍ୱ ମୁଁ ନେଇଛି : ମୁଖ୍ୟମନ୍ତ୍ରୀ



ନୂଆପଡା /ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଆଜି ନୂଆପଡା ରାଜନୈତିକ ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡି ହେବାକୁ ଯାଉଛି। କେବଳ ନୂଆପଡା ନିର୍ବାଚନମଣ୍ଡଳୀ ନୁହେଁ, ସମଗ୍ର ନୂଆପଡା ଜିଲ୍ଲାର ଜଣେ ଲୋକପ୍ରିୟ ଜନପ୍ରତିନିଧିଙ୍କ ସୁଯୋଗ୍ୟ ଦାୟାଦ ଆଜି ତାଙ୍କ ପିତାଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ଭାରତୀୟ ଜନତା ପାର୍ଟୀର ପରିବାରରେ ସାମିଲ ହୋଇଛନ୍ତି ବୋଲି ନୂଆପଡାରେ ଅନୁଷ୍ଠିତ ବିଜୟ ସଂକଳ୍ପ ସମାବେଶରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏବେ ନୂଆପଡା ଦେଖିବ ଡବଲ ଇଂଜିନ ସରକାରର ବିକାଶର ଗତି । ବିଭିନ୍ନ ଦଳରୁ ହଜାର ହଜାର କର୍ମୀଙ୍କ ସହିତ ଅନେକ ଦଳୀୟ ନେତା ନିଜ ନିଜ ଦଳ ତ୍ୟାଗ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜିଙ୍କ ବିଚାର ଓ ବିକାଶ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ଯୋଗଦାନ କରିଛନ୍ତି । ଏତେ ସଂଖ୍ୟକ କର୍ମୀ ଗୋଟିଏ ଦଳ ଛାଡି ବିଜପେିରେ ମିଶିବା ହୁଏତ ପୂର୍ବରୁ କେବେ ହୋଇନଥିଲା। ଏହା ମୋତେ ଅଭିଭୂତ କରିଛି । ଆପଣମାନଙ୍କ ପରିଶ୍ରମ ଓ ତ୍ୟାଗ କେବଳ ବିଜେପି ନୁହେଁ, ବରଂ ରାଷ୍ଟ୍ର ଗଠନ ଦିଗରେ ଏକ ବଳିଷ୍ଠ ପଦକ୍ଷେପ ହେବ । ସମସ୍ତ ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ଅବସରରେ ନୂଆପଡା ଉପନିର୍ବାଚନ ଫଳାଫଳ ବିଜେପି ସପକ୍ଷରେ ଯିବ ଏବଂ ଏହାକୁ ନେଇ କାହା ମନରେ ଦ୍ୱନ୍ଦ କି ସନ୍ଦେହ ରହିବା କଥା ନୁହେଁ ବୋଲି ଶ୍ରୀ ମାଝୀ କହିଛନ୍ତି । ନୂଆପଡାର ବିକାଶର ଦାୟିତ୍ୱ ମୁଁ ନେଇଛି, ଏହି ଜିଲ୍ଲାକୁ ରାଜ୍ୟର ବିକଶିତ ଓ ଶ୍ରେଷ୍ଠ ଜିଲ୍ଲା ବର୍ଗକୁ ନେବାର ଦାୟୀତ୍ୱ ମୁଁ ନେଇଛି । ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ଦିନ ଜିଲ୍ଲା ଗସ୍ତ ଅବସରରେ ୧୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପଗୁଡିକର ଶିଳାନ୍ୟାସ ହୋଇଛି । ଗୋଟିଏ ଦିନରେ ଗୋଟିଏ ଜିଲ୍ଲାରେ ଏତେ ଟଙ୍କାର ପ୍ରକଳ୍ପ ଆଗରୁ କେବେ ହୋଇନଥିଲା । ଏହା ହେଉଛି ଆମ ସରକାରଙ୍କ ପ୍ରତିବଦ୍ଧତା ଓ ବ୍ୟକ୍ତିଗତ ଭାବେ ମୋର ଉତରଦାୟିତ୍ୱ ବୋଲି ଶ୍ରୀ ମାଝୀ କହିଛନ୍ତି । ଅତୀତରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବାଲେଶ୍ୱର

▶▶ପୃଷ୍ଠା ୭

## ପୋଲିସ୍ ଏସ୍ ଆଇ ପରୀକ୍ଷାରେ ମହାଘୋଟାଲାର ଖୋଲୁଛି ଗୁମର : ଶଙ୍କର ପରେ ମୁନା ମହାନ୍ତିର କଳା ସାମ୍ରାଜ୍ୟର କାହାଣୀ



ଭୁବନେଶ୍ୱର, ୧୬/୧୦ : ପୋଲିସ୍ ଏସ୍ ଆଇ ପରୀକ୍ଷାରେ ମହାଘୋଟାଲା ମାମଲାର ମୁଖ୍ୟ ଦୁଇ କାର୍ପଟଦାରଙ୍କ ଠିକଣା ଖୋଜା ଚାଲିବା ଭିତରେ ପ୍ରତିଦିନ ମାମଲାର ନୂଆ ଖୁଲାସା ହେଉଛି। ନୂଆ ନୂଆ ଠକେଇ କଥା ପଦାକୁ ଆସୁଛି। ଶଙ୍କର ପରେ ମୁନା ମହାନ୍ତିର କଳା ସାମ୍ରାଜ୍ୟର କାହାଣୀ ନୟାଗଡ଼ ଯାଏଁ ଲମ୍ବିଛି। ସ୍କାମ ଟଙ୍କାରେ କିଣା ହେଇଥିବା ଚୋରା ବାଲି ଚାଲାଣ ଟିପର୍ ଏବେ ଅନେକ ତଥ୍ୟ ଦେଇଛି। ଏସବୁ ଭିତରେ ପୋଲିସ୍ ଡିଜି କହିଛନ୍ତି, ଘଟଣାରେ ଯିଏ ବି ସଂପୃକ୍ତ ସମସ୍ତଙ୍କୁ ବନ୍ଧା ଯିବ। ରାଜ୍ୟର ସବୁଠୁ ବଡ଼ ସ୍କାମ...ଖାକି ବର୍ଦ୍ଦିକୁ ବଦନାମ୍...ପୋଲିସ୍ ଏସ୍ ଆଇ ପରୀକ୍ଷାରେ ମହାଘୋଟଲାରେ ମହା ଘଣ୍ଟାଚକଟା। ଦିନକୁ ଦିନ ବୁଡ଼ିଆଣି ଜାଲ ଭିତରେ ଛନ୍ଦି ହେଉଛି ପୁରା ଘଟଣା। ଆଉ ଏଥିରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ ଏବେ ମିଳିବନି ଜାମିନ, ଏତେ ଶୀଘ୍ର ମିଳିବନି ତ୍ରାହି। ବ୍ରହ୍ମପୁର କୋର୍ଟରେ ଥିବା ମାମଲା ଏବେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଯାଇଛି। ଗିରଫ ୧୧୯ ଜଣଙ୍କ ମଧ୍ୟରୁ ୧୧୩ ଜଣ ଜାମିନ୍ ଆବେଦନ କରିଛନ୍ତି। ଆଜି ଶୁଣାଣୀରେ ମାମଲାର କେସଡାଏରୀ ଓ ସମସ୍ତ ଦସ୍ତାବିଜ ଦାଖଲ କରିବା ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ହେଲେ ଠକେଇ ଶିକାର କିମ୍ବା ଏଥିରେ ସାମିଲ ଥିବା ବ୍ୟକ୍ତିଙ୍କ ଅସଲ ସତ ଖୋଲିବ କେମିତି ତାହା ଏବେ ବଡ଼ ପ୍ରଶ୍ନ। ପୋଲିସ୍ ଏସ୍ ଆଇ ପରୀକ୍ଷାରେ ମହାଜାଲିଆତି ମାମଲାରେ ଯେତେ ଖୋଳିଲେ ସେତେ ବାହାରୁଛି।

▶▶ପୃଷ୍ଠା ୭

## ବିଜେପିରେ ଯୋଗ ଦେଲେ କଳାହାଣ୍ଡିର ବିଜେଡି ସାଂସଦ ପ୍ରାର୍ଥୀ ଲମ୍ବୋଧର ନିଆଲ୍



ନୂଆପଡା /ଭୁବନେଶ୍ୱର, ୧୬/୧୦ (ନି.ପ୍ର): କଳାହାଣ୍ଡି ସଂସଦୀୟ କ୍ଷେତ୍ରରୁ ଗତ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଲମ୍ବୋଧର ନିଆଲ ଆଜି ବିଜେଡିର ପ୍ରାଥମିକ ସଦସ୍ୟତା ଏବଂ ଦଳୀୟ ପଦବୀରୁ ଇସ୍ତଫା ଦେଇ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ନିଆଲଙ୍କ ସମେତ ୫୫ ଜଣ ସରପଂଚ, ସମିତି ସଭ୍ୟ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଛନ୍ତି । ତାଙ୍କ ଯୋଗଦାନ ଦ୍ୱାରା ନୂଆପଡା ଭାରତୀୟ ଜନତା ପାର୍ଟି ଆହୁରି ଅଧିକ ଶକ୍ତିଶାଳୀ ହୋଇଛି । ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଉପସ୍ଥିତ ରହି ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଟୋପି ଉତରୀୟ ପିନ୍ଧାଇ ସ୍ୱାଗତ କରିଛନ୍ତି।

## ଛତିଶଗଡ଼ର ଅବୁଝମାଡ ଏବଂ ଉତର ବସ୍ତରକୁ ନକ୍ସଲ ଆତଙ୍କ ମୁକ୍ତ ଘୋଷଣା କରାଯାଇଛି: ଅମିତ ଶାହ



ଜଗଦଲପୁର, ୧୬ ଅକ୍ଟୋବର (ହି.ସ.) - କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର କହିଛନ୍ତି ଯେ ଛତିଶଗଡ଼ର ଆତଙ୍କବାଦର କେନ୍ଦ୍ରସ୍ଥଳ, ଆବୁଝମାଦ ଏବଂ ଉତର ବସ୍ତରକୁ ନକ୍ସଲ ଆତଙ୍କ ମୁକ୍ତ ଘୋଷଣା କରାଯାଇଛି। ଏବେ, ଦକ୍ଷିଣ ବସ୍ତରରେ ନକ୍ସଲବାଦର କୌଣସି ଚିହ୍ନ ବାକି ନାହିଁ, ଯାହାକୁ ଆମର ସୁରକ୍ଷା ବାହିନୀ ଶୀଘ୍ର ସମାପ୍ତ କରିବେ। କେନ୍ଦ୍ର ଗୃହମନ୍ତ୍ରୀ ଶାହ ଆଜି ତାଙ୍କ ଏକ୍ସ ପ୍ଲାଟଫର୍ମରେ ଲେଖିଛନ୍ତି ଯେ ଏହା ବହୁତ ଖୁସିର କଥା ଯେ ଛତିଶଗଡ଼ର ଆବୁଝମାଦ ଏବଂ ଉତର ବସ୍ତର, ଯେଉଁମାନେ ଏକଦା ଆତଙ୍କବାଦର ଗଡ଼ ଥିଲେ, ସେମାନଙ୍କୁ ନକ୍ସଲ ଆତଙ୍କ ମୁକ୍ତ ଘୋଷଣା କରାଯାଇଛି। ବର୍ତମାନ, ଦକ୍ଷିଣ ବସ୍ତରରେ ନକ୍ସଲବାଦର କୌଣସି ଚିହ୍ନ ବାକି ନାହିଁ, ଯାହାକୁ ଆମର ସୁରକ୍ଷା ବାହିନୀ ଖୁବ୍ ଶୀଘ୍ର ସମାପ୍ତ କରିବେ। ଜାନୁଆରୀ ୨୦୨୪ ରେ ଛତିଶଗଡ଼ରେ ବିଜେପି ସରକାର ଗଠନ ହେବା ପରଠାରୁ, ୨,୧୦୦ ନକ୍ସଲ ଆତ୍ମସମର୍ପଣ କରିଛନ୍ତି, ୧,୭୮୫ ଜଣଙ୍କୁ ଗିରଫ କରାଯାଇଛି ଏବଂ ୪୭୭ ଜଣଙ୍କୁ ହତ୍ୟା କରାଯାଇଛି। ଏହି ସଂଖ୍ୟା ୩୧ ମାର୍ଚ୍ଚ, ୨୦୨୬ ପୂର୍ବରୁ ନକ୍ସଲବାଦକୁ ଦୂର କରିବା ପାଇଁ ଆମର ସଂକଳ୍ପକୁ ପ୍ରତିଫଳିତ କରେ। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅନୁଯାୟୀ, ନକ୍ସଲବାଦ ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲାର ସଂଖ୍ୟା ଛଅରୁ ତିନିକୁ ହ୍ରାସ କରାଯାଇଛି। ସେହିପରି, ବାମପନ୍ଥୀ ଉଗ୍ରବାଦ ଦ୍ୱାରା ପ୍ରଭାବିତ ଜିଲ୍ଲାର ସଂଖ୍ୟା ମଧ ୧୮ ରୁ ମାତ୍ର ୧୧ କୁ ହ୍ରାସ କରାଯାଇଛି। ଭାରତ ୩୧ ମାର୍ଚ୍ଚ, ୨୦୨୬ ସୁଦ୍ଧା ନକ୍ସଲବାଦର ବିପଦରୁ ମୁକ୍ତ ହେବ। କେନ୍ଦ୍ର ସରକାର ଆସନ୍ତା ବର୍ଷ ୩୧ ମାର୍ଚ୍ଚ ସୁଦ୍ଧା ନକ୍ସଲ ସମସ୍ୟାକୁ ସମ୍ପୂର୍ଣ୍ଣ ସମାପ୍ତ କରିବାକୁ ପ୍ରତିବଦ୍ଧ।

## ଗୁଜୁରାଟ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଆନୁଷ୍ଠାନିକ ଭାବରେ ଘୋଷଣା, ଆସନ୍ତାକାଲି ଶପଥ ଗ୍ରହଣ ସମାରୋହ

ଗାନ୍ଧିନଗର, ୧୬/୧୦ : ଗୁଜୁରାଟ ରାଜ୍ୟର ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି। ନୂତନ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ସମାରୋହ ଶୁକ୍ରବାର, ଅକ୍ଟୋବର ୧୭ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ କେନ୍ଦ୍ରୀୟ ବିଜେପି ନେତାମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ରାଜ୍ୟ ସୂଚନା ବିଭାଗ ଏକ ବିବୃତିରେ କହିଛି ଯେ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ କ୍ୟାବିନେଟ ସମ୍ପ୍ରସାରଣରେ ନାମିତ ମନ୍ତ୍ରୀମାନଙ୍କ ଶପଥ ଗ୍ରହଣ ସମାରୋହ ୧୭ ଅକ୍ଟୋବର ଶୁକ୍ରବାର, ପୂର୍ବାହ୍ନ ୧୧ଟା୩୦ ରେ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଅନୁଷ୍ଠିତ ହେବ। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ଏହି ଉତ୍ସବରେ ନବନିଯୁକ୍ତ ମନ୍ତ୍ରୀମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ। କ୍ୟାବିନେଟ ସାଧାରଣତଃ ପ୍ରତି ବୁଧବାର ବୈଠକ ହୁଏ, କିନ୍ତୁ ଅକ୍ଟୋବର ୧୫ ରେ କୌଣସି ବୈଠକ ହୋଇନଥିଲା। ବିଜେପି ଏହାର ସମସ୍ତ ବିଧାୟକ ଏବଂ ମନ୍ତ୍ରୀମାନଙ୍କୁ ଦୁଇ ଦିନ ପାଇଁ ଗାନ୍ଧୀନଗରରେ ରହିବାକୁ ନିର୍ଦ୍ଦେଶ ଦେଇଛି। ସମସ୍ତଙ୍କୁ ଆଜି ଅପରାହ୍ନ ସୁଦ୍ଧା ଗାନ୍ଧୀନଗର ପହଂଚିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ନୂଆପଡ଼ା ଉପନିର୍ବାଚନ: ନାମାଙ୍କନ ପତ୍ର ଦାଖଲ କଲେ ଜଣେ ସ୍ୱାଧୀନ ପ୍ରାର୍ଥୀ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ରେ ଉପନିର୍ବାଚନ ପାଇଁ ଗୁରୁବାର ସୁଦ୍ଧା ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ତାଙ୍କର ନାମ ଆଶ୍ରୟ ମହାନନ୍ଦ। ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି । ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି । ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।



## ଲାଞ୍ଚ ନେଇ ଧରାପଡ଼ିଲେ ବରିଷ୍ଠ ଆଇପିଏସ୍ ଅଫିସର



ନୂଆଦିଲ୍ଲୀ, ୧୬/୧୦ : ପଞ୍ଜାବର ଡିଆଇଜି ହରଚରଣ ସିଂ ଭୁଲ୍ଲରଙ୍କୁ ସେଣ୍ଟ୍ରାଲ ବ୍ୟୁରୋ ଅଫ ଇନଭେଷ୍ଟିଗେସନ ସିବିଆଇ ୫ ଲକ୍ଷ ଟଙ୍କା ଲାଂଚ ନେବା ଅଭିଯୋଗରେ ଗିରଫ କରିଛି । ଫତେହଗଡ଼ ସାହିବର ଜଣେ ଅଭିଯୋଗକାରୀ ଦାବି କରିଛନ୍ତି, ଡିଆଇଜି ଭୁଲ୍ଲର ମାମଲାର ସମାଧାନ କରିବା ପାଇଁ ବଡ଼ ଅଙ୍କର ଅର୍ଥ ଦାବି କରିଥିଲେ । ସିବିଆଇ ଏହି ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ କରି ଭୁଲ୍ଲରଙ୍କୁ ଘଟଣାସ୍ଥଳରେ ଧରିଥିଲେ ।

ଏହି ଘଟଣା ପଞ୍ଜାବ ପୁଲିସ ବିଭାଗରେ ଏକ ବଡ଼ ଧରଣର ବିବାଦ ସୃଷ୍ଟି କରିଛି । ସିବିଆଇ ଅଧିକାରୀମାନେ ଜଣାଇଛନ୍ତି, ତଦନ୍ତ ଜାରି ରହିଛି ଏବଂ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତି ସମ୍ପର୍କରେ ମଧ ଖୋଜାଖୋଜି ଚାଲିଛି। ଏହା ପଞ୍ଜାବରେ ଦୁର୍ନୀତି ବିରୋଧୀ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି । ତଦନ୍ତ ଜାରି ରହିଛି, ଅଧିକ ତଥ୍ୟ ଖୁବ୍ ଶୀଘ୍ର ସାମ୍ନାକୁ ଆସିବ ବୋଲି ପୁଲିସ କହିଛି ।

## ମାତ୍ର ଦୁଇ ଦିନରେ ଛତିଶଗଡ଼ ଓ ମହାରାଷ୍ଟ୍ରରେ ୨୫୮ ନକ୍ସଲଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ, ୧୬/୧୦ : କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କହିଛନ୍ତି ଯେ, ଗତ ଦୁଇ ଦିନ ମଧ୍ୟରେ ଛତିଶଗଡ଼ ଏବଂ ମହାରାଷ୍ଟ୍ରରେ ୨୫୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି, ଯାହା ନକ୍ସଲବାଦ ବିରୋଧରେ ଆମର ଲଢ଼େଇରେ ଏକ ଗୁରୁତ୍ୱପୂର୍ଣ୍ଣ ଦିନ। ସେ କହିଥିଲେ, ଆଜି ଛତିଶଗଡ଼ରେ ୧୭୦ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ଗତକାଲି ୨୭ ଜଣ ଛତିଶଗଡ଼ରେ ଏବଂ ୬୧ ଜଣ ମହାରାଷ୍ଟ୍ରରେ ଅସ୍ତ୍ର ସମର୍ପଣ କରିଛନ୍ତି। ଭାରତର ସମ୍ବିଧାନ ଉପରେ ସେମାନଙ୍କର ବିଶ୍ୱାସକୁ ଦୋହରାଇ ହିଂସା ପରିତ୍ୟାଗ କରିବା ଲାଗି ସେମାନଙ୍କ ନିଷ୍ପତ୍ତିକୁ ଗୃହମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏହା ଏହି ସତ୍ୟର ପ୍ରମାଣ ଦେଉଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହି ବିପଦର ଅବସାନ ପାଇଁ ନିରବଚ୍ଛିନ୍ନ ପ୍ରୟାସ ଯୋଗୁଁ ନକ୍ସଲବାଦ ଶେଷ ନିଃଶ୍ୱାସ ପ୍ରଶ୍ୱାସ ନେଉଛି ବୋଲି ଏକ୍ସରେ ଏକ ପୋଷ୍ଟରେ କେନ୍ଦ୍ର ଗୃହମନ୍ତ୍ରୀ କହିଛନ୍ତି ।

## ନିୟମିତ ହାତ ଧୋଇବା ଅଭ୍ୟାସକୁ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ବିଶ୍ୱ ହାତଧୁଆ ଦିବସରେ ନିୟମିତ ହାତ ଧୋଇବା ଅଭ୍ୟାସକୁ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ବିଶ୍ୱ ହାତଧୁଆ ଦିବସ ଅବସରରେ ଏହି ଅଭିଯାନର ଗୁରୁତ୍ୱକୁ ହୃଦୟଙ୍ଗମ କରି ଆମେ ସମସ୍ତେ ନିୟମିତ ହାତ ଧୋଇବା ଅଭ୍ୟାସକୁ ଆମ ଜୀବନଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ଉଚିତ୍ । କୋଭିଡ୍ ସଙ୍କଟ ଏବଂ ଡାଇରିଆ, ନିମୋନିଆ ଭଳି ରୋଗରୁ ସୁରକ୍ଷିତ ରହିବା ପାଇଁ ସାବୁନ ଓ ପାଣିରେ ସଠିକ୍ ଭାବେ ହାତ ଧୋଇବା ହେଉଛି ସବୁଠାରୁ ସହଜ ଓ ପ୍ରଭାବଶାଳୀ ମାଧ୍ୟମ । ଖାଦ୍ୟ ଖାଇବା ପୂର୍ବରୁ ଓ ପରେ, ଶୌଚାଳୟରୁ ଆସିବା ପରେ ଏବଂ ଅସୁସ୍ଥ ବ୍ୟକ୍ତିଙ୍କ ଯତ୍ନ ନେବା ପରେ ଅତି କମରେ ୨୦ ସେକେଣ୍ଡ ପାଇଁ ହାତ ଧୁଅନ୍ତୁ । ଆସନ୍ତୁ, ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରି ଏକ ସୁସ୍ଥ ଓ ନିରୋଗ ଓଡ଼ିଶା ଗଠନ ଦିଗରେ ସମସ୍ତେ ସହଯୋଗ କରିବା । ସଫା ହାତ, ସୁସ୍ଥ ଜୀବନ !

## ଡ. କାଲାମଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଭାରତ ରତ୍ନ ଡ.ଏପିଜେ ଅବଦୁଲ କାଲାମଙ୍କ ଜୟନ୍ତୀରେ ତାଙ୍କ ସ୍ମୃତିଚାରଣ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଜଣେ ବିଶିଷ୍ଟ ଶିକ୍ଷକ, ଜଣେ ଅସାଧାରଣ ବୈଜ୍ଞାନିକ, ଜନତାଙ୍କର ରାଷ୍ଟ୍ରପତି ଓ 'ମିସାଇଲ୍ ମ୍ୟାନ୍ ଅଫ୍ ଇଣ୍ଡିଆ', ଭାରତ ରତ୍ନ ଡ଼. ଏପିଜେ ଅବ୍ଦୁଲ୍ କଲାମଙ୍କୁ ତାଙ୍କ ଜନ୍ମ ଜୟନ୍ତୀ ଅବସରରେ ସ୍ମରଣ କରୁଛୁ । ଜଣେ ଦୂରଦୃଷ୍ଟି ଓ ରାଜନେତା ଭାବରେ, ତାଙ୍କର ଜୀବନ, ଆଦର୍ଶ ଓ କାର୍ଯ୍ୟ ସାଧନା ଆଜି ମଧ୍ୟ ଯୁବ ମନମସ୍ତିଷ୍କକୁ ପ୍ରେରଣା ଦେଉଛି । ଆସନ୍ତୁ, ଆମେ ସମସ୍ତେ ତାଙ୍କଠାରୁ ପ୍ରେରଣା ନେଇ, ଏକ ସଶକ୍ତ ଓ ସ୍ୱାବଲମ୍ବୀ ଭାରତ ଗଠନ କରିବା ପାଇଁ ପ୍ରୟାସ କରିବା ।

## ଧାର ଟଙ୍କା ମଗାକୁ କେନ୍ଦ୍ରକରି ମାରପିଟ ୨ ଗୁରୁତର

ଧର୍ମଶାଳା, ୧୬/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ଥାନା ଜାଲସୁଖା ଗ୍ରାମରେ ଧାର ଟଙ୍କା ମଗାକୁ କେନ୍ଦ୍ରକରି ଦୁଇ ଜଣଙ୍କ ମଧ୍ୟରେ ମାରପିଟ ଘଟି ଉଭୟ ଗୁରୁତର ହୋଇଥିବା ଜଣାପଡିଛି । ସୂଚନା ମୁତାବକ ଜାଲସୁଖା ଗ୍ରାମରେ ରହୁଥିବା କୁଳମଣି ଦେଉରୀଙ୍କ ପୁଅ ଚିତରଞ୍ଜନ ଦେଉରୀ ସେହି ଗ୍ରାମର ନରୀ ଦାସଙ୍କ ପୁଅ ସୁକାନ୍ତ ଦାସକୁ ଧାର ଟଙ୍କା ମାଗିବାରୁ ସୁକାନ୍ତ ତାକୁ ମରଣାନ୍ତକ ଆକ୍ରମଣ କରିଥିଲା । ଫଳରେ ଉଭୟଙ୍କ ମଧ୍ୟରେ ମାରପିଟ ଲାଗିବା ଯୋଗୁଁ ଉଭୟ ଗୁରୁତର ଆହତ ହୋଇଥିଲେ । ଏନେଇ ସ୍ଥାନୀୟ ଅଂଚଳର ଜଣେ ବ୍ୟକ୍ତି ୧୧୨କୁ ଫୋନ କରିବା ପରେ ପୁଲିସ ସେଠାରେ ପହଁଚି ଉଭୟଙ୍କୁ ଆଣି ଧର୍ମଶାଳା ଡାକ୍ତରଖାନାରେ ଭର୍ତୀ କରିଥିଲେ । ତେବେ ଡାକ୍ତଖାନାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଏସମ୍ପର୍କରେ ଚିତରଞ୍ଜନଙ୍କ ସମ୍ପର୍କିୟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ନଂ ୬୪୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝି ସୂଚନା ଦେଇଛନ୍ତି ।

# ଦୁଇ ଦିନିଆ ଓଡ଼ିଶା ସହରାଂଚଳ ସମ୍ମିଳନୀ ୨୩ରୁ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଚଳିତ ଅକ୍ଟୋବର ୨୩ ଓ ୨୪ ତାରିଖରେ ଭୁବନେଶ୍ୱରର ଲୋକ ସେବା ଭବନ ପରିସରରେ ଥିବା କନଭେନସନ ସେଣ୍ଟର ଅଡିଟୋରିୟମରେ ଏକ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଆୟୋଜନ କରାଯାଉଛି । ଏହି ସମ୍ମିଳନୀ 'ନିରନ୍ତର ସହରାଂଚଳ ବିକାଶ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦିଗରେ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକୁ ଏକତ୍ର କରି ସହରାଂଚଳ ଶାସନ, ସେବା ପ୍ରଦାନ ଏବଂ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାର-ବିମର୍ଶ ହେବ । ଏହି ସମ୍ମିଳନୀକୁ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ବିଭିନ୍ନ ସହରାଂଚଳ ଅନୁଷ୍ଠାନର ପ୍ରତିନିଧି ଏବଂ ରାଜ୍ୟର ସମସ୍ତ ୟୁଏଲବିର ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ । ଏନେଇ ମନ୍ତ୍ରୀ ଡକ୍ଟର ମହାପାତ୍ର କହିଛନ୍ତି 'ଓଡ଼ିଶାର ସହରଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ନୁହେଁ, ବରଂ ଆମର ସାମୂହିକ ଆକାଂକ୍ଷାର ଦର୍ପଣ । ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ, ଆମେ ସ୍ଥାୟୀ, ନମନୀୟ ଏବଂ ନାଗରିକ କୈନ୍ଦ୍ରିକ ସହରୀ ଇକୋସିଷ୍ଟମ ନିର୍ମାଣ କରିବାକୁ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ସହରାଂଚଳ ସମ୍ମିଳନୀ ୨୦୨୫ 'ବିକାଶିତ୍ ଓଡ଼ିଶା' ର ରୋଡମ୍ୟାପ୍ ପ୍ରସ୍ତୁତ କରିବାରେ ଏବଂ 'ବିକାଶିତ୍ ଭାରତ' ର ଜାତୀୟ ଦୃଷ୍ଟିକୋଣରେ ଯୋଗଦାନ ଦେବାରେ ଏକ ମାଇଲଖୁଣ୍ଟ ହେବ" । ସମ୍ମିଳନୀର ଉଦ୍ଦେଶ୍ୟ ଉପରେ ଦୃଷ୍ଟିକୋଣ ଯୋଡ଼ିବା ସହିତ, ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗର ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀ କହିଛନ୍ତି 'ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଏକ ସହଯୋଗୀ ପ୍ଲାଟଫର୍ମ ଭାବରେ ପରିକଳ୍ପନା କରାଯାଇଛି ଯେଉଁଠାରେ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବିଚାର, ନବସୃଜନ ଏବଂ ସର୍ବୋତମ ଅଭ୍ୟାସ ବାଣ୍ଟିପାରିବେ । ଆମର ଧାନ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା, ସହରାଞ୍ଚଳ ସେବା ପ୍ରଦାନକୁ ବୃଦ୍ଧି କରିବା ଏବଂ ପ୍ରଭାବୀ, ସ୍ୱଚ୍ଛ ଏବଂ ନାଗରିକ-ପ୍ରଥମ ଶାସନ ପାଇଁ ଡିଜିଟାଲ ରୂପାନ୍ତରଣକୁ ପ୍ରୋତ୍ସାହିତ କରିବା ଉପରେ ରହିଛି । ଏହି ସାମୂହିକ ଆଲୋଚନା ନିରନ୍ତର ଏବଂ ସମାବେଶୀ ସହରାଞ୍ଚଳ ବିକାଶ ଦିଗରେ ଆମର ଯାତ୍ରାକୁ ମାର୍ଗଦର୍ଶନ କରିବ" । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ନାଗରିକ କୈନ୍ଦ୍ରିକ ପ୍ରଶାସନକୁ ସୁଦୃଢ଼ କରିବା, ସହରାଂଚଳ ଭିତିଭୂମି, ସଡ଼କ ଏବଂ ଜଳ ନିଷ୍କାସନ ବ୍ୟବସ୍ଥାରେ ଉନ୍ନତି ଆଣିବା, ଜଳ ଯୋଗାଣ ଏବଂ ପରିମଳ ସେବାକୁ ବୃଦ୍ଧି କରିବା ଏବଂ ସୁଜୋଗ, ଓ. ଆର. ଟି. ପି. ଏସ୍. ଏ., ଓ. ଏସ୍. ଡବ୍ଲ୍ୟୁ. ଏ. ଏସ୍. ଏବଂ ସମନ୍ୱିତ କଲ୍ ସେଣ୍ଟର (୧୯୨୯) ଭଳି ଡିଜିଟାଲ ପ୍ରଶାସନିକ ପଦକ୍ଷେପକୁ ପ୍ରୋତ୍ସାହନ ଦେବା ଉପରେ ଗୁରୁତ୍ୱ ଦିଆଯିବ । ଆର୍ଥିକ ଏବଂ ପ୍ରଶାସନିକ ଦୃଷ୍ଟିରୁ ସଶକ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ନିର୍ମାଣ ଉପରେ ମଧ ଏହା ବିଚାର-ବିମର୍ଶ କରିବ, ଯାହା ସମାବେଶୀ ଏବଂ ଉତରଦାୟୀ ସହରାଂଚଳ ବିକାଶକୁ ଆଗେଇ ନେବାରେ ସକ୍ଷମ ହେବ । ଏହି ସମ୍ମିଳନୀରେ ସକ୍ରିୟ ଅଂଶଗ୍ରହଣ ସୁନିଶ୍ଚିତ କରିବା ଲାଗି ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ମାନଙ୍କୁ ବିଭାଗ ତରଫରୁ ସୁଚିତ କରାଯାଇଛି । ପ୍ରତ୍ୟେକ ୟୁଏଲବିର ପ୍ରତିନିଧିତ୍ୱ ପିଡି (ଡୁଡା), ମ୍ୟୁନିସିପାଲ କମିଶନର/କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତିନିଧି ଦଳର ମୁଖ୍ୟ ଭାବେ ଜଣେ ମ୍ୟୁନିସିପାଲ ଇଞ୍ଜିନିୟର (ଏ. ଇ./ଜେ. ଇ.) ଙ୍କ ସହିତ ଯୋଗଦେବାକୁ କୁହାଯାଇଛି ।

## କୃଷ୍ଣପ୍ରସାଦରୁ ବିସ୍ଫୋରକ ପଦାର୍ଥ ଓ ପଟାକା ଜବତ : ୨ ଗିରଫ

ପୁରୀ, ୧୬/୧୦ (ନି.ପ୍ର): ପୁରୀଜିଲ୍ଲା କୃଷ୍ଣପ୍ରସାଦ ଥାନା ଅଂଚଳରେ ବିସ୍ଫୋରକ ପଦାର୍ଥ ଓ ପଟାକା ଗଛିତ ରଖିବା ଅଭିଯୋଗରେ ଦୁଇଟି ମାମଲା ରୁଜୁ ହେବା ସହ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ମାମଲା ନମ୍ବର ୨୮୪/୨୫ ବିଏନଏସ ଧାରା ୨୮୮ ଓ ୫ ଫାୟାର ଓ୍ୱାରକ୍ସ ଓ ଲାଉଡ ସ୍ପିକର ଆକ୍ଟ/୯ ବି ଇଣ୍ଡିଆନ ଏକ୍ସପ୍ଲୋସିଭ ଅନୁସାରେ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ଇପିଙ୍ଗା ଗ୍ରାମର ନାରାୟଣ ପାତ୍ରଙ୍କ ପୁଅ ଅଶେଷ ପାତ୍ର ( ୪୮) ଙ୍କୁ ଗିରଫ କରାଯାଇଛି । ତଲାଫଟାକା ୨୦୦ ଟି, ସ୍ନେକ୍ କ୍ରାକର ୨ ପ୍ୟାକେଟ, କ୍ରାକର ବମ୍ ୨ ପ୍ୟାକେଟ, କିଟକାଟ ସାଉଣ୍ଡ ୩ ପ୍ୟାକେଟ, ଟାଇଗର କ୍ରାକର ୩ ପ୍ୟାକେଟ, ମାଚିସ ବକ୍ସ ୧୦ ପ୍ୟାକେଟ, ରୋଲ କ୍ୟାପ ୮ ପ୍ୟାକେଟ, ଝୁରଝୁରି ୨ ପ୍ୟାକେଟ । ଗ୍ରାମର ପୋଖରୀ ମୁଣ୍ଡରୁ ଜବତ କରାଯାଇଛି । ସେହିପରି ଅନ୍ୟ ଘଟଣାରେ ସେହି ଗ୍ରାମର କୈଳାସ ପରିଡା (୫୨)ଙ୍କୁ ଗିରଫ କରାଯାଇଛି । ମାମଲା ନଂ-୨୮୫ ଧାରା ୨୮୮ ବିଏନଏସ/ ୫ ଫାୟାର ଓ୍ୱାରକ୍ସ ଓ ଲାଉଡ ସ୍ପିକର ଆକ୍ଟ ୯ ବି ଇଣ୍ଡିଆନ ଏକ୍ସପ୍ଲୋସିଭ ଆକ୍ଟ ଅନୁସାରେ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ଗ୍ରାମର ଶେଷ ଅଂଚଳରୁ ତଲାଫଟାକା ୧୦୦ ଟି, ଗଙ୍ଗା ଜମୁନା କ୍ରାକର ୧ ପ୍ୟାକେଟ, ଧପଧପି ୫ପ୍ୟାକେଟ, ଟୁ ସାଉଣ୍ଡ କ୍ରାକର ୨୫ଟି, ବିଜ୍ଲି କ୍ରାକର ୨ ପ୍ୟାକେଟ, ମାଚିସ ବକ୍ସ ୩୦ ପ୍ୟାକେଟ, ରୋଲ କ୍ୟାପ ୭ ପ୍ୟାକେଟ ଜବତ କରାଯାଇଛି । ଉଭୟ ଘଟଣାରେ ଅବୈଧ ଭାବରେ ବିସ୍ଫୋରକ ଓ ପଟାକା ସଂଚୟ କରାଯାଇଥିବା ବୋଲି ପୋଲିସ ତଦନ୍ତରେ ଜଣାପଡ଼ିଛି । ଆରୋପୀମାନଙ୍କୁ ଗିରଫ କରାଯାଇଛି ଓ ଆଗକୁ ବିସ୍ତୃତ ତଦନ୍ତ ଚାଲିବ । ପୁରୀ ଜିଲ୍ଲା ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି ଯେ ଅବୈଧ ଭାବରେ ବିସ୍ଫୋରକ ବା ପଟାକା ସଂଚୟ କରିବେ ନାହିଁ । ଏହା ସମ୍ବନ୍ଧୀୟ ସୂଚନା ମିଳିଲେ ତୁରନ୍ତ ନିକଟସ୍ଥ ପୋଲିସ ଥାନା କିମ୍ୱା ୧୧୨କୁ ଜଣାନ୍ତୁ । ପୁରୀ ପୋଲିସ ଜନସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷାରେ ସଦା ସତର୍କ ରହିଛି ।

## ସାଇଜର ପକ୍ଷରୁ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ ପାଳିତ

# ଧଳା ବାଡ଼ି - ଦୃଷ୍ଟିବାଧିତଙ୍କ ସ୍ୱାଧିନତାର ପ୍ରତୀକ :ସୁଶ୍ରୀ ପଟାଓ୍ୱରୀ

ଭୁବନେଶ୍ୱର, ୧୬/୧୦ (ନି.ପ୍ର):- ଧଳାବାଡି ଦୃଷ୍ଟିବାଧିତଙ୍କ ସ୍ୱାଧିନତା ଓ ସ୍ୱାଭିମାନର ପ୍ରତୀକ । ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡିର ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ଦୃଷ୍ଟିବାଧିତ ବ୍ୟକ୍ତି ଯେପରି ସମାନତାର ଅଧିକାରକୁ ସାବ୍ୟସ୍ତ କରିପାରିବ ସେଥି ନିମନ୍ତେ ଏଇ ଧଳାବାଡ଼ି ଆତ୍ମବିଶ୍ୱାସ ଜାଗ୍ରତ କରାଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାଓ୍ୱରୀ ପ୍ରକାଶ କରିଛନ୍ତି । ଆଜି ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୁଲ୍ୟରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ଦିବସ ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶ୍ରୀ ପଟାଓ୍ୱରୀ ଏକ ଅନ୍ତର୍ନିବେଶୀ ସମାଜ ଗଠନରେ ଧଳାବାଡି ଦିବସର ଗୁରୁତ୍ୱ ଦର୍ଶାଇବା ସହ ଓଡିଶା ସରକାର ଦୃଷ୍ଟିବାଧିତମାନଙ୍କ ପାଇଁ ଦେଶରେ ପ୍ରଥମ କରି ସ୍ୱତନ୍ତ୍ର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଥିଲେ । ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଏବଂ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷକ ତାପସ କୁମାର ମହାନ୍ତି ମଧ ଧଳାବାଡ଼ି ଦିବସର ଆଭିମୁଖ୍ୟ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ନିର୍ଦ୍ଦେଶିକା ସୁଶ୍ରୀ ପଟାଓ୍ୱରୀ ଧଳାବାଡି ଦିବସ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ସେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀମାନଙ୍କୁ ଧଳାବାଡ଼ି ବିତରଣ କରିବା ସହ ସେମାନଙ୍କ ସହ ବାର୍ତାଳାପ କରିଥିଲେ । ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ସାଇଜରର ଭାରପ୍ରାପ୍ତ ଅଧକ୍ଷ ଡ଼ଃ ଲାନୋ, ଅତିରିକ୍ତ ଶାସନ ସଚିବ ଶ୍ରୀ ଦୀପକ ରାଉତରାୟ, ଭାସ୍କର ରଇତ, ସାଇଜରର ଉନ୍ନୟନ ଅଧିକାରୀ ସେଖ୍ ଇକ୍‌ବାଲ୍ ଅଲ୍ଲୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ । ଶେଷରେ ଲୁଇ ବ୍ରେଲ୍ ଦୃଷ୍ଟିବାଧିତ ବିଦ୍ୟାଳୟର ଦୃଷ୍ଟିବାଧିତ ଶିକ୍ଷାର୍ଥୀମାନଙ୍କର ଡ୍ରମ, ତୁରୀ, ଝାଞ୍ଜ ଓ ଝୁମୁକା ଆଦି ବଦ୍ୟଯନ୍ତ୍ର ପରିବେଷଣ କରିଥିଲେ । ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀମାନଙ୍କ ତରଫରୁ 'ଶ୍ୱେତସାଥୀ' ଶୀର୍ଷକ ପଥପ୍ରାନ୍ତ ନାଟକ ପରିବେଷିତ ହୋଇଥିଲା । ସାଇଜରର ଓମ୍ ପ୍ରକାଶ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କ ବିୟୋଗରେ ନବୀନଙ୍କ ଶୋକ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କର ଦେହାନ୍ତରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି । ଏକ୍ସରେ ନବୀନ ଲେଖିଛନ୍ତି ବଣାଇର ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ରଙ୍କର ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଦୀର୍ଘଦିନ ଧରି ଲୋକଙ୍କ ସେବାରେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ । ଏପରି ଦୁଃଖଦ ସମୟରେ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି କାମନା କରୁଛି ।

## ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ଜନ ଶୁଣାଣି ବାତିଲ

ଚମ୍ପୁଆ, ୧୬/୧୦ (ନି.ପ୍ର): ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ରଙ୍ଗାମାଟିଆ ପଂଚାୟତ ରରୁଆଁଗୋଡା ଗ୍ରାମରେ ଥିବା ଧଳା ହୁଡ଼ି (କ୍ୱାର୍ଟଜାଇଟ ପଥର ବ୍ଲକ୍ ) ଲିଜ ପାଇଁ ହେବାକୁ ଥିବା ଜନ ଶୁଣାଣି ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ବାତିଲ ହୋଇଛି । ଜନଶୁଣାଣି ବାତିଲ ଯୋଗୁଁ ଆସିଥିବା ଅଧିକାରୀ ମାନେ ଫେରି ଯାଇଥିଲେ । ସୂଚନା ଯୋଗ୍ୟ କି, ଚମ୍ପୁଆ ତହସିଲ ଅନ୍ତର୍ଗତ ରରୁଆଁଗୋଡା ଗ୍ରାମର ଧଳାହୁଡିରୁ ମେସର୍ସ ଫ୍ଲକ୍ସ ମିନେରାଲ୍ସ ବାର୍ଷିକ ୦.୫୫୧ ମିଲିୟନ ଟନ କ୍ୱାର୍ଟଜାଇଟ ଉତୋଳନ ସହିତ ଘଂଟା ପ୍ରତି ୫୦ ଟନ ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡ ତରଫରୁ ଏକ ଜନଶୁଣାଣି ଅନୁଷ୍ଠିତ ହେବାର ଥିଲା । ତେବେ ଆଜି ଦିନ ୧୧ ଟାରୁ ଶୁଣାଣି ଆରମ୍ଭ ପାଇଁ ଧାର୍ଯ୍ୟ ହୋଇଥିଲା । ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା । ଜନଶୁଣାଣି ପାଇଁ କେନ୍ଦୁଝରର ଏଡିଏମ ରବୀନ୍ଦ୍ର କୁମାର ପ୍ରଧାନ, ରାଜ୍ୟ ପ୍ରଦୂଷଣ ବୋର୍ଡ ଅଧିକାରୀ ପ୍ରଶାନ୍ତ କର, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା , ତହସିଲଦାର ସଜ୍ଜତ ମାର୍କେ ପ୍ରମୁଖ ପହଂଚିଥିଲେହେଁ ଗ୍ରାମବାସୀ ଜନଶୁଣାଣିକୁ ବିରୋଧ କରି ସଭାସ୍ଥଳକୁ କେହି ଆସିନଥିଲେ । ଅପର ପକ୍ଷେ ଗ୍ରାମବାସୀ ଏହା ବିରୋଧରେ ବିଭିନ୍ନ ନାରାବାଜି ଦେଇ ଏକ ଶୋଭାଯାତ୍ରା କରିଥିବା ସହିତ କୌଣସି ପରିସ୍ଥିତିରେ ଗ୍ରାମ ସମ୍ପତିକୁ ବିକ୍ରୀହେବାକୁ ଦିଆଯିବ ନାହିଁ କି ଗ୍ରାମ୍ୟ ପରିବେଶ ନଷ୍ଟ କରିବାକୁ ଦିଆଯିବ ନାହିଁ ବୋଲି ନାରା ବାଜି କରିବା ସହିତ ଗ୍ରାମ୍ୟ ରାସ୍ତା ଉପରେ ଧାରଣାରେ ବସିଥିଲେ ଓ ଧଳା ହୁଡିରେ କାର୍ଯ୍ୟ ବନ୍ଦ ସମ୍ବନ୍ଧରେ ଏକ ଜ୍ଞାପନ ଗ୍ରାମବାସୀ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଗ୍ରାମବାସୀଙ୍କ ଅନୁସାରେ ଧଳାହୁଡି ପଥର ଲିଜ କାର୍ଯ୍ୟକାରୀ ହେଲେ ଗ୍ରାମବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେବେ । ସେଠାରେ ଗ୍ରାମର ଆରାଧ ଦେବତା ସିଂହାସନ ପାଟ ଅଧିଷ୍ଠିତ ଥିବାରୁ ଏହି ପଥର ଲିଜ ଯୋଗୁଁ ଗ୍ରାମବାସୀଙ୍କ ଧର୍ମୀୟ ଭାବନାରେ କୁଠାର ଘାତ ହେବ । ଏଥି ସହିତ ବୈତରଣୀ ନଦୀ ନିକଟରେ ଏହି ପଥର ହୁଡି ଥିବାରୁ ପଥର ଉତୋଳନ ହେଲେ ନଦୀର ଗତିପଥ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବା ସହିତ ନଦୀର ବନ୍ୟାଜଳ ଗ୍ରାମରେ ପ୍ରବେଶ କରି ଗ୍ରାମ ପ୍ରତି ବିପଦ ସୃଷ୍ଟି କରିବ । ଏଥି ସହିତ ଧଳା ହୁଡ଼ିରେ ଗ୍ରାମବାସୀଙ୍କ ତରଫରୁ ବୃକ୍ଷ ରୋପଣ କରାଯାଇ ଏହାକୁ ସବୁଜିମାମୟ କରା ଯାଇଥିବାରୁ ପଥର ଉତୋଳନ ହେଲେ ଗ୍ରାମର ପରିବେଶ ନଷ୍ଟ ହେବ ।

## ସ'ମିଲ୍‌ରେ ବନ ବିଭାଗର ଚଢ଼ାଉ, କାଠ ଓ ଯନ୍ତ୍ରାଂଶ ଜବତ

ଭଦ୍ରକ, ୧୫ ଅକ୍ଟୋବର (ହି.ସ.) - ଭଦ୍ରକ ଜିଲା ଧାମନଗର ରେଞ୍ଜ ଅଧୀନ ମୁଢ଼ାପଦା ଠାରେ କିଛି ଦିନ ଧରି ବେଆଇନ ଭାବେ କରତକଳ ପ୍ରତ୍ୟେକ ଦିନ ଚାଲିଛି ।ଧାମନଗର ବନ ବିଭାଗର ରେଞ୍ଜର ବବୁଲ ମଲିକ ଙ୍କ ନେତୃତ୍ୱରେ ମୁଢ଼ାପଦା ସ୍ଥିତ ବୈଦ୍ୟନାଥ ମନ୍ଦିର ନିକଟରେ ଚାଲୁଥିବା ବେଆଇନ କରତକଳ ଉପରେ ଧାମନଗର ବନବିଭାଗ ବୁଧବାର ଚଢାଉ କରି କାଠ ଓ ଯନ୍ତ୍ରାଂଶ ଜବତ କରିଛି ।ଏହି ଚଢାଉ ରେ ଅନ୍ୟ ମାନଙ୍କ ମଧରେ ବନବିଭାଗ ଅଧିକାରୀ ପ୍ରୀତିରାଣୀ ଦାସ, ବସନ୍ତ ମାଝୀ, କୃଷ୍ଣଚନ୍ଦ୍ର ବାସକେ, ଭଦ୍ରକ ବନବିଭାଗ ଅଧିକାରୀ ଓ ଭଣ୍ଡାରିପୋଖରୀ ପୁଲିସ ସହାୟତାରେ ଚଢାଉ କରିଥିଲେ । ଅୟ, ଆକାଶି, ପୁଂଟିଆ, ଫାସି ଆଦି କିସମ ୪୯ ଘନଫୁଟ କାଠଗଣ୍ଡି ଓ ପଟା ସହ ଭ୍ରାମ୍ୟମାଣ କରତକଳ ଯନ୍ତ୍ରାଂଶ ଜବତ ହୋଇଥିଲା । ଜବତ କାଠ ଓ ଯନ୍ତ୍ରାଂଶର ମୂଲ୍ୟ ଆନୁମାନିକ ୪ ଲକ୍ଷ ଟଙ୍କା ହେବ ବୋଲି ବନବିଭାଗ ସୂତ୍ରରୁ ଜଣାଯାଇଛି । ଏଥନେଇ ୪ଡି ୨୫-୨୭ନଂ ମାମଲା ରୁଜୁ ହୋଇଛି ।ଏହି ଚଢାଉ ସମୟ ରେ କରତକଳ ମାଲିକ ଫେରାର ହୋଇଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି ।

## ରାଜ୍ୟସ୍ତରୀୟ ୬୯ତମ ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ

ଭଦ୍ରକ, ୧୫ ଅକ୍ଟୋବର (ହି.ସ.) - ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ୬୯ତମ ଭଲିବଲ ପ୍ରତିଯୋଗିତା ରେ ୧୪ ବର୍ଷରୁ କମ ବାଳକ ବିଭାଗରେ ରନର୍ସ ଢେଙ୍କାନାଳ ଚମ୍ପିୟାନ କେନ୍ଦ୍ରାପଡ଼ା ଓ ବାଳିକା ବିଭାଗରେ ରନର୍ସ ଢେଙ୍କାନାଳ ହୋଇଥିବା ବେଳେ ଚମ୍ପିୟାନ ଭୁବନେଶ୍ୱର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସେହିପରି ୧୭ବର୍ଷରୁ କମ ବାଳକ ରନର୍ସ ପୁରୀ ଚମ୍ପିୟାନ କେନ୍ଦ୍ରାପଡ଼ା ବାଳିକା ରନର୍ସ ଢେଙ୍କାନାଳ ଚମ୍ପିୟାନ କେନ୍ଦ୍ରାପଡ଼ା ର ଖେଳାଳିମାନେ ମୁଖ୍ୟଅତିଥିଙ୍କ ଠାରୁ ଟ୍ରଫି ଗ୍ରହଣ କରିଥିଲେ । ରାଜ୍ୟ ସ୍ତରୀୟ ଭଲିବଲ ଟୁର୍ନାମେଂଟରେ କେନ୍ଦ୍ରାପଡ଼ା ଚମ୍ପିୟାନ ହୋଇଥିଲା । ଏଥିରୁ ଚୟନ ହୋଇଥିବା ୪୮ ଜଣ ପ୍ରତିଯୋଗୀ ଜାତୀୟ ସ୍ତରକୁ ଖେଳିବାପାଇଁ ମନୋନୀତ ହୋଇଥିବାରୁ ସେମାନଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଶୁଭେଚ୍ଛା ଜଣାଇଥଲେ । ଏହି ଅବସରରେ ଜିଲ୍ଲା ଶିକ୍ଷଧିକାରୀ ଡ଼ା ଜଗବନ୍ଧୁ ସାହୁ ଙ୍କ ସଭାପତିତ୍ୱରେ ଆୟୋଜିତ ସଭରେ ମୁଖ୍ୟ ଅତିଥି ଓଡ଼ିଶାର ମାନ୍ୟବର ଉଚ୍ଚ ଶିକ୍ଷା, କ୍ରୀଡା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରଭୁ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଆର ସି ବି ଏଲ ଚରମ୍ପା ର ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ଆୟୋଜିତ ଉଦଯାପନୀ ଉତ୍ସବରେ ସମସ୍ତ ଖେଳାଳି ମାନଙ୍କୁ ଏକ ସ୍ପୋର୍ଟ୍ସମ୍ୟାନ ସ୍ପିରିଟ ରେ ଖେଳିଥିବାରୁ ମଂଚରେ ଉପସ୍ଥିତ ବରେଣ୍ୟ ଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ,ଜ୍ୟୋତିପ୍ରକାଶ ପରିଡା, ସପନ କୁମାର ଯେନା ଭାଗିରଥୀ ମଲ୍ଲିକ, ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ଅତିଥିମାନେ ବକ୍ତବ୍ୟ ରେ ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଯୋଗିତା ମନୋଭାବକୁ ପ୍ରଶଂସା କରିଥିଲେ ।

## ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର, ୧୫/୧୦ : ଓଡିଶା ପୋଲିସର କ୍ରାଇମବ୍ରାଂଚ ଶାଖା ଆନୁକୂଲ୍ୟରେ ଆଜି (ଗୁରୁବାର) ଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ୭୦ତମ ପୋଲିସ ବୃତିଗତ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ରାଜ୍ୟର ୩୪ଟି ପୋଲିସ ଜିଲ୍ଲା ଏବଂ ପ୍ରତିଷ୍ଠାନରୁ ୨୭୩ ପୋଲିସ କର୍ମଚାରୀ, ୪୩ ଶ୍ୱାନ ଏବଂ ୪୩ ହ୍ୟାଣ୍ଡଲର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଥିନିମନ୍ତେ ରାଜ୍ୟ କ୍ରାଇମ ବ୍ରାଞ୍ଚ ପକ୍ଷରୁ ବ୍ୟାପକ ଆୟୋଜନ ଓ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପୋଲିସ କର୍ମଚାରୀମାନଙ୍କର ବୃତ୍ତିଗତ ଦକ୍ଷତା ବୃଦ୍ଧି କରିବା ଏବଂ ସେମାନଙ୍କୁ ଆଧୁନିକ ଅପରାଧ ନିୟନ୍ତ୍ରଣ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ, ତଦନ୍ତ, ଫରେନସିକ୍, ସାଇବର କ୍ରାଇମ ଓ ଟେକ୍ନିକାଲ୍ ସର୍ଭେଲାନ୍ସ ଆଦି କ୍ଷେତ୍ରରେ ପୋଲିସର ଦକ୍ଷତା ବଢ଼ାଇବାରେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଫୋରେନସିକ୍ ବିଜ୍ଞାନ, ପ୍ରଦର୍ଶନୀ ଗୁଡିକର ଉତୋଳନ, ପ୍ୟାକିଂ ଏବଂ ଅଗ୍ରଗତି, ଅପରାଧର ତଦନ୍ତ, ପର୍ଯ୍ୟବେକ୍ଷଣ ପରୀକ୍ଷା, ଆଣ୍ଟି ସାବୋଟେଜ, ଅଙ୍ଗୁଳି ଛାପ, କମ୍ପୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ଭିଡିଓଗ୍ରାଫି, ସାଇବର ଅପରାଧ ଓ ପରୀକ୍ଷଣ, ପୋଲିସ ଆଇନ କାନୁନ, ପୋଲିସ ରୂପଚିତ୍ର, ମେଡିକୋ ଲିଗାଲ, ପୋଲିସ ଶ୍ୱାନ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ । ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ, ଭୁବନେଶ୍ୱର ଏବଂ ଓଏସଏପି ଷଷ୍ଠ ବାଟାଲିୟନ, କଟକ ଏବଂ ବକ୍ସି ବଜାରସ୍ଥିତ ରିଜର୍ଭ ପୋଲିସ ପଡିଆ ଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କର୍ମଚାରୀମାନଙ୍କର ଦକ୍ଷତା ମୂଲ୍ୟାୟନ ଏବଂ ଲିଖିତ ପରୀକ୍ଷାକୁ ଆଧାର କରି ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ଚୟନ କରାଯିବ । ବିଭିନ୍ନ ବିଭାଗର ବରିଷ୍ଠ ବିଶେଷଜ୍ଞମାନେ ଏହି ମୂଲ୍ୟାୟନକୁ ପରିଚାଳନା କରିବେ । ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସଫଳ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ମାସ ମହାରାଷ୍ଟ୍ରରେ ଅନୁଷ୍ଠିତ ହେବାକୁ ଥିବା ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ । ପ୍ରତ୍ୟେକ ଦଳରେ ଇନସ୍ପେକ୍ଟର, ସବ୍-ଇନସ୍ପେକ୍ଟର ଓ କନଷ୍ଟେବଳ ସ୍ତରର କର୍ମଚାରୀ ଅଂଶଗ୍ରହଣ କରିବେ । ପୋଲିସ କର୍ମଚାରୀମାନଙ୍କ ଦକ୍ଷତା, କାର୍ଯ୍ୟକ୍ଷମତା ଓ ଆତ୍ମବିଶ୍ୱାସ ବୃଦ୍ଧିରେ ଏହି ପ୍ରତିଯୋଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହା ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ମାମଲା ସମାଧାନକୁ ଅଧିକ କ୍ଷମତାଶୀଳ କରି, ଜନସାଧାରଣଙ୍କ ମଧ୍ୟରେ ପୋଲିସ ପ୍ରତି ଆସ୍ଥା ଓ ଗ୍ରହଣୀୟତା ବଢ଼ାଇବ ।

# ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଅଷ୍ଟମ ଅଧିବେଶନ

ଭଦ୍ରକ, ୧୬/୧୦ (ନି.ପ୍ର): - ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ମିଳନୀ କକ୍ଷ 'ନିତ୍ୟାନନ୍ଦ ଭବନ' କୁଆଁସ ଠାରେ ସଂଘର ଏବର୍ଷର ଅଷ୍ଟମ ଅଧିବେଶନ କାର୍ଯ୍ୟକାରୀ ସଭାପତି ଉଦୟନାଥ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମଂଚାସୀନ ଥିଲେ ପରିଷଦର ସଭାପତି ଗୋଲକ ବିହାରୀ ସାହୁ, ଉପସଭାପତି ହରମୋହନ କୁଅଁର, ଯୁଗ୍ମ ସଂପାଦକ କରୁଣାକର ଉପାଧ୍ୟାୟ ଓ ହିସାବ ସମୀକ୍ଷକ ମୁକ୍ତିକାନ୍ତ ମହାପାତ୍ର । ସଂଘର ପୂର୍ବ ମାସର ବିବରଣୀ ପାଠ କରିଥିଲେ କରୁଣାକର ଉପାଧ୍ୟାୟ ଓ ଏହା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । ଏହାପରେ ଅନ୍ୟତମ ହିସାବ ସମୀକ୍ଷକ ଲକ୍ଷ୍ମଣ କୁମାର ମହାନ୍ତି ଆଗାମୀ ବାର୍ଷିକ ଉତ୍ସବରେ ହେବାକୁ ଥିବା ୮୦ବର୍ଷୀୟ ସମ୍ବର୍ଦ୍ଧିତ ବ୍ୟକ୍ତିଙ୍କ ନାମ ପାଠ କରିଥିଲେ ଓ ଯଦି କେହି ବ୍ୟକ୍ତି ଏଥିରୁ ବାଦ୍ ପଡ଼ିଥିବେ ସେମାନଙ୍କ ନାମ ପ୍ରସ୍ତାବ ଦେବା ପାଇଁ ଗୃହକୁ ଅନୁରୋଧ କରିଥିଲେ । ଏଥିପାଇଁ ଏକ ସବ୍ କମିଟି ଗଠନ କରିଥିଲେ ସଭାପତି ଉଦୟନାଥ ମହାନ୍ତି । ଏହି କମିଟିରେ ଲକ୍ଷ୍ମଣ କୁମାର ମହାନ୍ତି, ଚନ୍ଦ୍ର ମୋହନ ମହାନ୍ତି ଓ ମୁକ୍ତିକାନ୍ତ ମହାପାତ୍ର ସଦସ୍ୟଭାବେ କାର୍ଯ୍ୟ କରିବେ । ଉକ୍ତ ସମ୍ବର୍ଦ୍ଧିତ ହେବାର ବୟସକୁ ୮୦ବର୍ଷରୁ ୭୫ବର୍ଷକୁ କମାଇ ଆଣିବା ପାଇଁ ସଂଗଠନ ସଂପାଦକ ବାଦଲ କିଶୋର ମହାପାତ୍ର, ରମେଶ ଚନ୍ଦ୍ର ଦାଶ ଓ ଅନାଦି ଚରଣ ଦାସ ପ୍ରମୁଖ ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ । କିନ୍ତୁ ଏହା ମାସିକ ବୈଠକରେ ସ୍ଥିର କରାଯାଇପାରିବ ନାହିଁ ବୋଲି ସଭାପତି ଓ ଉପସଭାପତି ଗୃହକୁ ଜଣାଇଥିଲେ ଓ ଏହା ଆଗାମୀ କାର୍ଯ୍ୟକାରିଣୀ ବୈଠକରେ ଆଲୋଚନା କରାଯାଇ ସ୍ଥିର କରାଯିବ ବୋଲି କହିଥିଲେ । ଏହାପରେ "ଜନା ସ୍ମଲ୍ ଫାଇନାସ୍ ବ୍ୟାଙ୍କ" ଭଦ୍ରକ ଶାଖାର କର୍ମକର୍ତାମାନେ ଉପସ୍ଥିତ ହୋଇ ବରିଷ୍ଠମାନଙ୍କ ପାଇଁ କଣ ସୁବିଧାମାନ ଅଛି ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ । ଏହାପରେ ବୈକୁଣ୍ଠନାଥ ଓଝା, ଅବସରପ୍ରାପ୍ତ ଶିକ୍ଷକ ନୂତନଭାବେ ଆଜୀବନ ସଦସ୍ୟତା ଗ୍ରହଣ କଲେ ଓ ସଂଘ ତରଫରୁ ତାଙ୍କୁ ଧନ୍ୟବାଦ ଅର୍ପଣ କରାଗଲା । ଅନ୍ୟମାନଙ୍କ ମଧରେ ସଦସ୍ୟ ବିନୟ କୁମାର ପଣ୍ଡା, ରବୀନ୍ଦ୍ର କୁମାର ନାୟକ, ପ୍ରତାପ ଚନ୍ଦ୍ର ଦଳାଇ, ହରେକୃଷ୍ଣ ସାହୁ, ବୀରନାରାୟଣ ଦାସ, ରମାକାନ୍ତ ନାୟକ, ଜଗବନ୍ଧୁ ରାମ, କୈଳାସ ଚନ୍ଦ୍ର ପଣ୍ଡା, ନିରଞ୍ଜନ ବିଶ୍ୱାଳ, ଆଦିତ୍ୟ କୁମାର ଗୋସ୍ୱାମୀ, ଆଦିତ୍ୟ କୁମାର ନାୟକ, ବିକାଶ ଚନ୍ଦ୍ର ମହାନ୍ତି, ଶାନ୍ତିଲତା ବାରିକ୍, ଦୀନବନ୍ଧୁ ନାୟକ, ଗୟାଧର ପଣ୍ଡା ପ୍ରମୁଖ ବହୁ ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

## ଡକ୍ଟର କଲାମଙ୍କ ଜୟନ୍ତୀରେ ତାଙ୍କୁ ନମନ କଲେ ପ୍ରଭାତୀ ପରିଡା

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀରେ ତାଙ୍କୁ ନମନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା । ଏନେଇ ସୋସିଆଲ ମିଡିଆ ଏକ୍ସରେ ପ୍ରଭାତି ପରିଡା କହିଛନ୍ତି ଯେ, ବିଶ୍ୱର ପ୍ରସିଦ୍ଧ ବୈଜ୍ଞାନିକଙ୍କ ମଧ୍ୟରେ ଅନ୍ୟତମ, ମିସାଇଲ୍ ମ୍ୟାନ୍ ନାମରେ ଘରେ ଘରେ ପରିଚିତ, ପୂର୍ବତନ ରାଷ୍ଟ୍ରପତି ତଥା 'ଭାରତ ରତ୍ନ' ସମ୍ମାନରେ ସମ୍ମାନିତ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀରେ କୋଟି କୋଟି ପ୍ରଣାମ ଜଣାଉଛି ।



## ବେଲ୍ଟ ବ୍ୟାଗ୍

### ଷ୍ଟାଇଲ୍





ବ୍ୟାଗ୍ ପ୍ରତ୍ୟେକ ମହିଳାଙ୍କର ଏକ୍ସେସରିଜର ଏକ ଅଂଶ । ବଜାରରେ ଅନେକ ଡିଜାଇନ୍‌ର ବ୍ୟାଗ୍‌ସ ଯେପରି ଛୋଟ ପାର୍ଟି ୱିଅର୍ କ୍ଲଚ୍‌ରୁ ଆରମ୍ଭ କରି ଓଭରସାଇଜ୍‌ଡ ହ୍ୟାଣ୍ଡବ୍ୟାଗ୍ ଉପଲବ୍ଧ । ବେଳେବେଳେ ଦେଖାଯାଏ ମହିଳାମାନେ ବିଭିନ୍ନ ଆକେଜନ ଅନୁସାରେ, ବିଭିନ୍ନ ଷ୍ଟାଇଲ୍‌ର ବ୍ୟାଗ୍ କିଣିଥାନ୍ତି । ଏକ ଭିନ୍ନ ଲୁକ୍ ପାଇବା ପାଇଁ ଏହା ଏକ ଭଲ ଅପ୍‌ସନ । କିନ୍ତୁ ଏତେ ଗୁଡ଼ାଏ ବ୍ୟାଗ୍ କିଣିଲେ ତା' ପାଇଁ ଯତ୍ନର ଆବଶ୍ୟକତା ଥାଏ । ତେଣୁ ଏହାର ବିକଳ୍ପରେ ଗୋଟିଏ ବ୍ୟାଗ୍‌କୁ ଅଲଗା ଅଲଗା ଷ୍ଟାଇଲ୍‌ରେ କ୍ୟାରି କରି ଲୁକ୍‌ରେ ପରିବର୍ତ୍ତନ କରିପାରିବେ । ଏପରି ଏକ ବ୍ୟାଗ୍ ହେଲା ବେଲ୍ଟ ବ୍ୟାଗ୍ ।

କେତେକ ବେଲ୍ଟ ବ୍ୟାଗ୍‌ର ଷ୍ଟାଇଲ୍ ନିମ୍ନରେ ଦିଆଗଲା-

**କ୍ରସ୍ ବଡି ଷ୍ଟାଇଲ୍:**
ବେଲ୍‌ଟ ବ୍ୟାଗ୍‌କୁ ଅନ୍ୟ ପ୍ରକାରରେ କ୍ୟାରି କରିବାକୁ ଚାହୁଁଥିଲେ ତାହାକୁ କ୍ରସ୍ ବଡି ବ୍ୟାଗ୍ ପରି କ୍ୟାରି କରିବା ଏକ ଭଲ ଆଇଡିଆ । ଏହା ଆପଣଙ୍କୁ ଏକ ଫଙ୍କି ଲୁକ୍ ଦେବ । କ୍ରସ୍ ବଡି ବ୍ୟାଗ୍ ପରି ବେଲ୍‌ଟ ବ୍ୟାଗ୍ ପିନ୍ଧିବା ସମୟରେ ଆପଣ ଏହାକୁ ୱାନ ଶୋଲ୍ଡରରେ କ୍ରସ୍ କରି ପିନ୍ଧିପାରିବେ । ଯଦି ଟି-ସାର୍ଟ ସହିତ ଜିନ୍ସ ବା ୱେଷ୍ଟର୍ଣ୍ଣ ୱିଅର୍ ପିନ୍ଧୁଛନ୍ତି ତେବେ ଏପରିସ୍ଥଳେ ବେଲ୍ଟ ବ୍ୟାଗ୍‌କୁ କ୍ରସ୍ ବଡି ଷ୍ଟାଇଲ୍‌ରେ କ୍ୟାରି କରି ପାରିବେ ।

**ଶୋଲ୍ଡର ବ୍ୟାଗ୍ ଷ୍ଟାଇଲ୍:**
ବେଲ୍ଟ ବ୍ୟାଗ୍‌କୁ କ୍ୟାାରି କରିବା ଏକ ସାଧାରଣ ଷ୍ଟାଇଲ୍ । ଏହିପରି ଭାବରେ ଆପଣ ବ୍ୟାଗ୍‌କୁ କାଜୁଆଲ୍‌ରୁ ଅଫିସ୍ ପର୍ଯ୍ୟନ୍ତ କ୍ୟାରି କରିପାରିବେ । କଲେଜରେ ଆପଣ ରେଗୁଲାର ବ୍ୟାଗ୍‌କୁ ୱାନ୍ ଶୋଲ୍ଡରରେ କ୍ୟାରି କରୁଥିଲେ ତେଣୁ ବେଲ୍ଟ ବ୍ୟାଗ୍‌କୁ ମଧ ଶୋଲ୍ଡର ବ୍ୟାଗ୍ ଷ୍ଟାଇଲ୍‌ରେ କ୍ୟାରି କରିପାରିବେ ।

**କ୍ଲଚ୍ ଷ୍ଟାଇଲ୍:**
ଯଦି ଆପଣର ବାହାର ପାର୍ଟିକୁ ଯାଉଛନ୍ତି ବା ଡେ ଟାଇମ୍‌ରେ ଡେଟ୍ ପାଇଁ ମନ ବଳାଉଛନ୍ତି, ତେବେ ବେଲ୍ଟ ବ୍ୟାଗ୍‌କୁ କ୍ଲଚ୍ ଷ୍ଟାଇଲ୍‌ରେ କ୍ୟାରି କରନ୍ତୁ । ଏହିପରି ଯଦି ବେଲ୍ଟ ବ୍ୟାଗ୍‌କୁ କ୍ୟାରି କରୁଛନ୍ତି ତେବେ ବ୍ୟାଗ୍‌କୁ ବେଲ୍ଟରୁ ବାହାର କରିଦିଅନ୍ତୁ । ଯଦି ଏହା ବାହାର କରି ହେଉନାହିଁ ତେବେ ବେଲ୍ଟକୁ ଆଡଜଷ୍ଟ କରିହେବ ଓ ଏହା ଭଲ ଦେଖାଯିବ । ଯଦି ଏହିପରି ଭାବରେ ବେଲ୍ଟ ବ୍ୟାଗ୍ କ୍ୟାରି କରୁଛନ୍ତି ତେବେ ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ ।

**ୱେଷ୍ଟ ବ୍ୟାଗ୍ ଷ୍ଟାଇଲ୍:**
ସାଧାରଣତଃ ବେଲ୍ଟ ବ୍ୟାଗ୍‌କୁ ଏହି ଷ୍ଟାଇଲ୍‌ରେ କ୍ୟାରି କରାଯାଇଥାଏ । ସକାଳୁ ରନିଙ୍ଗ୍‌ରେ ଯାଉଥିଲେ ବା ଏୟାରପୋର୍ଟ ଲୁକ୍‌ରେ ଏହିପରି ୱେଷ୍ଟ ବ୍ୟାଗ୍ ଷ୍ଟାଇଲକୁ ଫଲୋ କରିପାରିବେ । ବ୍ୟାଗ୍‌କୁ ସାମ୍ନାରେ ରଖନ୍ତୁ ଓ ବେଲ୍ଟକୁ ଅଣ୍ଟାରେ ବାନ୍ଧନ୍ତୁ । ଏହା ବ୍ୟତୀତ ଆପଣ ଏହାକୁ ସାଇଡ୍‌ରେ ରଖିପାରିବେ । ଏହା ଦେଖିବାକୁ କ୍ଲାସି ଲାଗିବ ।

## ଜାଇଫଳ ବଢ଼ାଏ ଯୌନକ୍ଷମତା



ଜାଇଫଳ ଏକ ପ୍ରାକୃତିକ ମସଲା, ଯାହା ସର୍ବତ୍ର ବ୍ୟବହୃତ । ଏହା ବିଭିନ୍ନ ରୋଗର ଘରୋଇ ଉପଚାର ପାଇଁ ବ୍ୟବହାର କରାଯାଇଥାଏ । ଜାଇଫଳରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣର ଭରି ରହିଛି । ଏହା ଜନନାଙ୍ଗକୁ ରକ୍ତ ପ୍ରବାହଜନିତ ସମସ୍ୟା ଦୂର କରିଥାଏ, ଯାହାଫଳରେର ଯୌନ ଜୀବନରେ ଶାନ୍ତି ଆସିଥାଏ । ସେହିପରି ଜାଇଫଳର ତେଲ ମଧ ଔଷଧ ରୂପେ ବ୍ୟବହାର ହୋଇଥାଏ । ଜାଇଫଳ ଗଛର ପତ୍ର ଓ ଗଣ୍ଡିରୁ ମଧ ଆବଶ୍ୟକୀୟ ତୈଳ ବାହାରିଥାଏ, ଯାହାର ଉପଯୋଗ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ ପାଇଁ କରାଯାଇଥାଏ । ଏହି ତେଲ ରଙ୍ଗହୀନ କିମ୍ବା ହାଲ୍‌କା ହଳଦିଆ ହୋଇଥାଏ ।

କିନ୍ତୁ ଏହା ଖୁବ୍ ବାସ୍ନାଯୁକ୍ତ ଓ ସ୍ୱାଦଯୁକ୍ତ ମଧ । ଏହାକୁ ମୁଖ୍ୟତଃ ସିରପ୍, ପାନୀୟ ଓ ମିଠା ଆଦିରେ ବ୍ୟବହାର କରାଯାଇଥାଏ । ଯଦି ନିୟମିତ ଚା' ବା କଫିରେ ସାମାନ୍ୟ ଜାଇଫଳ ଗୁଣ୍ଡ ମିଶାଇ ପିଅନ୍ତି, ତେବେ ଯୌନ ଜୀବନରେ ଉନ୍ମାଦନା ଭରିଯାଏ । ଜାଇଫଳରେ ସେରୋଟୋନିନ୍ ତତ୍ତ୍ୱ ରହିଛି, ଯାହା ପ୍ରଭାବରେ ଆକର୍ଷଣର ବଢ଼ିଥାଏ । ଏହାର ବାସ୍ନା ବିଶ୍ରାମ ପାଇଁ ପ୍ରେରିତ କରୁଥିବାବେଳେ ସ୍ୱାଦ ମଦହୋସ କରିଦେଇଥାଏ । ଶାନ୍ତିରେ ବିଶ୍ରାମ ମଧ ଯୌନକ୍ଷମତା ବଢ଼ାଇବାରେ

## ପନିର କୁଲ୍‌ଚା



**ଆବଶ୍ୟକୀୟ ସାମଗ୍ରୀ:**
ମଇଦା-୨ କପ୍, ଲୁଣ- ୧/୨ ଚାମଚ, ଦହି-୧ ଚାମଚ, ଖାଇବା ସୋଡ଼ା-୧/୪ ଚାମଚ, ଚିନି-୧ ଚାମଚ, କ୍ଷୀର-୧/୨ କପ୍ ।

**ଷ୍ଟଫିଙ୍ଗ:**
କଦ୍ଦୁକଷ କରାଯାଇଥିବା ପନିର୍-୨୦୦ ଗ୍ରାମ୍, ଲୁଣ- ସ୍ୱାଦ ଅନୁସାରେ, ଲଙ୍କା ଗୁଣ୍ଡ- ୧ ଚାମଚ, ଚାଟ ମସଲା- ୧/୨ ଛୋଟ ଚାମଚ ।

**ପ୍ରଣାଳୀ:**
ଏକ ପାତ୍ରରେ ମଇଦା ନେଇ ସେଥିରେ ଲୁଣ, ଦହି, ଖାଇବା ସୋଡ଼ା, ଚିନି ଓ କ୍ଷୀର ମିଶାଇ ଅଳ୍ପ ନରମ ହେବା ପରି ଦଳି ଦିଅନ୍ତୁ । ଦଳା ଯାଇଥିବା ମଇଦାକୁ ଏକ ଓଦା କପଡ଼ାରେ ଘୋଡ଼େଇ ରଖାଯିବ । ଓଭେନକୁ ଗରମ କରି ମଇଦା ଗୁଳାକୁ ପେଡ଼ା ଆକାର କରି ୫ ମିନିଟ୍ ପର୍ଯ୍ୟନ୍ତ ସେଥିରେ ରଖନ୍ତୁ । ଅନ୍ୟ ଏକ ପାତ୍ରରେ ପନିର, ଲୁଣ, ଅଧ ଛୋଟ ଚାମଚ ଲଙ୍କା ପାଉଡର ଓ ଚାଟ୍ ମସଲା ନେଇ ଭଲ ଭାବରେ ମିଶାଇ ଦିଅନ୍ତୁ । ମଇଦା ଗୁଳାକୁ ଛୋଟ ଛୋଟ ପୁରି ପରି ବେଲି ସେଥିରେ ପନିର୍ ମିଶ୍ରଣକୁ ରଖି ଚାରିପଟୁ ବନ୍ଦ କରି ଗୋଲ ଗୋଲ ବଲ୍ ପରି କରିବାକୁ ହେବ । ଏହି ବଲ୍‌ଗୁଡ଼ିକୁ ୫ ମିନିଟ୍ ପର୍ଯ୍ୟନ୍ତ ରଖି ପ୍ରତ୍ୟେକ ବଲ୍‌କୁ ବେଲି ୬ ଇଞ୍ଚର କୁଲ୍‌ଚା ତିଆରି କରନ୍ତୁ । ଏହାକୁ ବେକିଙ୍ଗ୍ ଟ୍ରେରେ ରଖନ୍ତୁ । ସବୁ ଉପରେ ପାଣି ହାତ ମାରି ଲଙ୍କାଗୁଣ୍ଡ ଛିଞ୍ଚି ଦିଅନ୍ତୁ । ୫-୭ ମିନିଟ୍ ପର୍ଯ୍ୟନ୍ତ ବେକ୍ ହେବାକୁ ଦିଅନ୍ତୁ । ପ୍ରତ୍ୟେକ କୁଲ୍‌ଚାରେ ବଟର୍ ଲଗାଇ ଗରମ ଗରମ ପରଷନ୍ତୁ ।

## ସେଲ୍ସମ୍ୟାନ ସାଜିଲା କୁକୁର




ମଣିଷ ପରି କୁକୁର ଏବେ ସେଲ୍‌ସ ମ୍ୟାନ ସାଜିଛି । ତାହାପୁଣି ଏକ ପ୍ରତିଷ୍ଠିତ କାର କମ୍ପାନୀରେ । ଶୁଣିବାକୁ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ ସତ । କୁକୁର ବେକରେ ଆଇଡି କାର୍ଡ ମଧ ଝୁଲୁଛି । ଏଥିପାଇଁ କୁକୁରଟି ଏବେ ଷ୍ଟାର ପାଲଟିଯାଇଥିବା ବେଳେ ସୋସିଆଲ ମିଡିଆରେ ତା'ର ଅନେକ ଫଟୋ ଭାଇରାଲ ହେବାରେ ଲାଗିଛି । ବ୍ରାଜିଲର ହ୍ୟୁଣ୍ଡାଇ ଶୋ' ରୁମ୍ ସମ୍ମୁଖରେ ଏହି କୁକୁରଟି ପ୍ରତିଦିନ ବୁଲୁଥିଲା । ଧୀରେ ଧୀରେ ସେ ଶୋ'ରୁମ୍‌ର କର୍ମଚାରୀଙ୍କ ସହ ମିଶିଗଲା । କର୍ମଚାରୀମାନେ ତା'ର ନାମ ରଖିଲେ ଟକ୍ସନ । ପରେ ଟକ୍ସନ ଶୋ' ରୁମ୍‌ର ଅନ୍ୟ କର୍ମଚାରୀଙ୍କ ପରି କାମ କରିବାକୁ ଲାଗିଛି । ଏଥିପାଇଁ ତା'ର ଏକ ଆଇଡି କାର୍ଡ ମଧ ତିଆରି କରାଗଲା । ପ୍ରତିଦିନ କାର୍ଡଟି ତା'ର ବେକରେ ଝୁଲିଥାଏ । ଗ୍ରାମର ନାଜି ନାମକ ଜଣେ ବ୍ୟକ୍ତି ନିଜ ଟୁଇଟର ଆକାଉଣ୍ଟରେ ଟକ୍ସନ ସହ ଅନ୍ୟ ଏକ କର୍ମଚାରୀଙ୍କ ଫଟୋ ଶେୟାର କରିଛନ୍ତି ।

### ଅଣ୍ଟାବିନ୍ଧା ହେଉଥିଲେ..

## କରନ୍ତୁ ମାର୍ଜାରୀ ଆସନ

**ଅଣ୍ଟାବିନ୍ଧାକୁ ନେଇ ଆପଣ ଚିନ୍ତାରେ? ବ୍ୟସ୍ତ ହୁଅନ୍ତୁ ନାହିଁ । ସାମାନ୍ୟ ଧୈର୍ଯ୍ୟର ସହ ମାର୍ଜାରି ଆସନ କରନ୍ତୁ ଦେଖିବେ ଆରାମ ମିଳିବ । ଏହି ଆସନ ମେରୁଦଣ୍ଡ ହାଡ଼ର ନମନୀୟତା ବଢ଼ାଇଥାଏ । ଯେଉଁମାନେ ସ୍ୱାଭାବିକ ଭାବେ ଶାରୀରିକ ପରିଶ୍ରମ କରୁଥାନ୍ତି, ସେମାନେ ବ୍ୟାୟାମ ନ କଲେ କମ୍ ସମସ୍ୟା ଉପୁଜିଥାଏ । କିନ୍ତୁ ଯେଉଁମାନେ କମ୍ ଶାରିରୀକ ପରିଶ୍ରମ କରିଥାନ୍ତି, ସେମାନେ ନିୟମିତ ଯୋଗ କରିବା ଆବଶ୍ୟକ । ଏ ସମ୍ପର୍କରେ ଅଭିନେତ୍ରୀ ଶିଳ୍ପା ଶେଟ୍ଟୀ କୁନ୍ଦ୍ରା ଟ୍ୱିଟ୍ କରିଛନ୍ତି, 'ମୋର ଅନେକ ସମୟରେ ମାଂସପେଶୀରେ ଯନ୍ତ୍ରଣା ଓ ପିଠିରେ ଷ୍ଟିପ୍‌ନେସ୍ ଦେଖା ଦେଇଥିଲା । ସେତେବେଳେ ମୁଁ ଯୋଗ ଓ ବ୍ୟାୟାମ ଆରମ୍ଭ କରିଥିଲି । ଆଉ ଅନେକ ଜଟିଳ ଆସନ କରିପାରିବି ବୋଲି ମୋତେ ସନ୍ଦେହ ଥିଲା । କିନ୍ତୁ ଆଜି ମୁଁ ବିଭିନ୍ନ ପ୍ରକାରର ଷ୍ଟ୍ରେଚ୍ ଓ ଫ୍ଲେକ୍ସବଲ୍ ଯୋଗ କରିବାରେ ବେଶ୍ ଅଭ୍ୟସ୍ତ ।' ସେହିଭଳି ଫ୍ଲେକ୍ସବଲ୍ ଆସନ ହେଲା କ୍ୟାଟ୍ କ୍ୟାମେଲ୍, ଯାହା ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଉପଯୋଗୀ ।**

**କ୍ୟାଟ୍ କ୍ୟାମେଲ୍‌ର ପ୍ରକ୍ରିୟା:**

୧. ଆଣ୍ଠୁ ମୋଡ଼ିକି ବସି ଯାଆନ୍ତୁ । ଧୀରେ ଧୀରେ ଦୁଇ ହାତକୁ ଭୂଇଁ ଉପରେ ରଖନ୍ତୁ ଏବଂ ପୁଣି ହାତକୁ ଆଗକୁ ସଂପ୍ରସାରଣ କରନ୍ତୁ । ଏଥିସହିତ ନିଜ ଚାରିପଟକୁ ବିଲେଇ ପରି ଦେଖିବାକୁ ପ୍ରୟାସ କରନ୍ତୁ ।
୨. ଆଣ୍ଠୁ ଓ ନିତମ୍ବର ଚଉଡ଼ା ଭିନ୍ନ ଭିନ୍ନ ରଖନ୍ତୁ । ନିଜ ମୁଣ୍ଡକୁ ତଟସ୍ଥ ଅବସ୍ଥାରେ ରଖନ୍ତୁ ।
୩. ନିଜ ଥୋଡ଼ି ଓ ଛାତିକୁ ଉପରକୁ ଉଠାଇ ଛାତ ଆଡ଼କୁ ଦେଖନ୍ତୁ ।
୪. କାନ୍ଧକୁ ଚଉଡ଼ା କରି ବିଲେଇ ପୋଜ୍‌ରେ ରୁହନ୍ତୁ । ନିଜ ନିଶ୍ୱାସ ଛାଡ଼ିବା ସହ ଆଗକୁ ବଢ଼ନ୍ତୁ ।
୫. ପେଟକୁ ମେରୁଦଣ୍ଡ ଆଡ଼କୁ ଟାଣନ୍ତୁ । ସେହିପରି ପିଠିକୁ ଛାତ ଆନକୁ ରଖି ଗୋଲ ଗୋଲ କରି ବୁଲନ୍ତୁ ।
୬. ଏବେ ଇନ୍‌ହେଲ କରି କାଓ ପୋଜ୍‌କୁ ଫେରିଆସନ୍ତୁ । ପୁଣି କ୍ୟାଟ୍‌ପୋଜ୍‌କୁ ଫେରିବା ସମୟରେ ନିଶ୍ୱାସ ଛାଡ଼ନ୍ତୁ ।
୭. ଏହି ପ୍ରକ୍ରିୟାକୁ ୫ରୁ ୨୦ ଥର ଯାଏ ଦୋହରାନ୍ତୁ ।

**ସାବଧାନ:**

୧. ଏହି ଆସନର ଲାଭ ପାଇବା ପାଇଁ ହେଲେ ଠିକ୍ ଶୈଳୀ ଅନୁସରଣ କରିବା ବହୁତ ଜରୁରୀ ।
୨. ବ୍ୟକ୍ତିର ଆଣ୍ଠୁ ସିଧା ଭାବେ ନିତମ୍ବ ତଳେ ଓ ହାତ କାନ୍ଧ ତଳେ ରଖିବା ଦରକାର ।
୩. ଆଣ୍ଠୁ ଓ ମଣିବନ୍ଧରେ ଯନ୍ତ୍ରଣା ହେଉଥିଲେ ଆପଣ ଏହି ଆସନ ଚୌକିରେ ବସି ମଧ କରିପାରିବେ ।



## ଶରୀରକୁ ହିଟ୍ ଆଣ୍ଡ୍ ଫିଟ୍ ରଖିବ ଅମୃତଭଣ୍ଡା

ଅମୃତଭଣ୍ଡାରେ ବହୁ ମାତ୍ରାରେ ପୋଷକ ତତ୍ତ୍ୱ ରହିଛି, ଯାହା ପାଚନ ପ୍ରକ୍ରିୟାକୁ ତୀବ୍ର କରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଆଉ ମୋଟାପଣ କମାଇବା ସହ ହୃଦ୍‌ରୋଗର ଆଶଙ୍କାକୁ କମ୍ କରିଥାଏ । ଏହା ସ୍ୱାସ୍ଥ୍ୟ ସହ ସୌନ୍ଦର୍ଯ୍ୟ ପାଇଁ ମଧ ଉପକାରୀ । ଏହା ବ୍ୟତୀତ ଆହୁରି ଅନେକ ଫାଇଦା ମଧ ରହିଛି । ଯେମିତି..



**ଆଖି ପାଇଁ ବରଦାନ:**
ଅମୃତଭଣ୍ଡାରେ ଭିଟାମିନ୍-ଏ ଭରି ରହିଛି, ଯାହା ଆଖି ପାଇଁ ବରଦାନ । ଭିଟାମିନ୍-ଏ ଆଣ୍ଟିରେଟିନାକୁ ସୁରକ୍ଷିତ ରଖିଥାଏ । ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ଆଖିକୁ ଝାପ୍‌ସା ଦେଖାଯିବା ସମସ୍ୟା ଦୂରେଇ ଯାଇଥାଏ । ଆଖି ସମସ୍ୟା ଦେଖା ଦେବା ପୂର୍ବରୁ ନିୟମିତ ଅମୃତଭଣ୍ଡା ଖାଇଲେ ସମସ୍ୟା ଆସିନଥାଏ ।

**ପାଚନ କ୍ରିୟା ତୀବ୍ର ହେବ:**
ଅମୃତଭଣ୍ଡା ପାଣି ଓ ଫାଇବରରେ ଭରପୂର । ତା' ସହିତ ଏଥିରେ କେତେକ ଏନ୍‌ଜାଇମ୍ ରହିଛି, ଯାହା କବ୍ଜ ସମସ୍ୟାକୁ ଦୂର କରିଥାଏ । ଖାଦ୍ୟ ଖାଇବାର ଏକ ବା ଅଧା ଘଣ୍ଟା ପୂର୍ବରୁ ଅମୃତଭଣ୍ଡା ଖାଇବା ଖୁବ୍ ଉପକାରୀ ।

**ବୟସକୁ ବାନ୍ଧି ରଖେ:**
ଚେହେରା ହିଁ ସୁସ୍ଥତାର ପରିଚୟ ଦେଇଥାଏ । ତେଣୁ ତ୍ୱଚାକୁ ସୁସ୍ଥ ରଖିବା ପାଇଁ ଆମେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉତ୍ପାଦ ଉପରେ ନିର୍ଭର କରିଥାଉ । କିନ୍ତୁ ଅମୃତଭଣ୍ଡା ଖାଇବା ଦ୍ୱାରା ତ୍ୱଚାରେ ପ୍ରାକୃତିକ ଉଜ୍ଜ୍ୱଳତା ଆସିଥାଏ । ଅମୃତଭଣ୍ଡାରେ ଥିବା ଭିଟାମିନ୍-ଏ, ଭିଟାମିନ୍-ଇ ଓ ଭିଟାମିନ୍-ସି ତ୍ୱଚାର ରିଙ୍କଲ୍ସ ସମସ୍ୟା ଆସିବାକୁ ଦିଏନା । ତା' ସହିତ ମୃତ କୋଷିକା ଦୂର କରି ତ୍ୱଚାକୁ ଭାଙ୍ଗହୀନ କରିଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ:**
ଏଥିରେ ଥିବା ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏଥିରେ ଥିବା ଭିଟାମିନ୍-ସି ଋତୁ ଅନୁସାରେ ହେଉଥିବା ସଂକ୍ରମଣକୁ ରୋକି ଶରୀରକୁ ହିଟ୍ ଆଣ୍ଡ ଫିଟ୍ ରଖିଥାଏ ।

**ଓଜନ କମାଏ:**
ଅମୃତ ଭଣ୍ଡାରେ କମ୍ କ୍ୟାଲେରୀ ସହ ଉଚ୍ଚ ମାତ୍ରାରେ ଫାଇବର ରହିଥାଏ । ଏହାକୁ ଖାଇବା ପରେ ସହଜରେ ଭୋଗ ଲାଗି ନଥାଏ । ତା' ସହିତ ଏଥିରେ ଥିବା ଫାଇବର ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ । ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରର ଓଜନ ବଢ଼ି ନଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଶ୍ରୀମନ୍ଦିରର ବାହାର ବେଢ଼ାରେ ଥିବା ଦର୍ଶନୀୟ ସ୍ଥାନ



## ଭୋଳାନାଥ ସାହୁ

ଶ୍ରୀମନ୍ଦିର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଓଡ଼ିଆ ଜାତି ପାଇଁ ସର୍ବଶ୍ରେଷ୍ଠ ଅବଦାନ । ଶ୍ରୀଜଗନ୍ନାଥ ଶ୍ରୀମନ୍ଦିରର ଆରାଧ୍ୟ ଦେବତା । ଶ୍ରୀମନ୍ଦିର ପ୍ରତିଷ୍ଠା ହେବା ପରେ ଶ୍ରୀଜଗନ୍ନାଥ ତାଙ୍କର ନୀତିକାନ୍ତି ସମ୍ପର୍କରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ଟିକିନିଖି ବିବରଣୀ ପ୍ରଦାନ କରିଥିଲେ। ଯେଉଁନୀତିକାନ୍ତି ଆଧାରରେ ଶ୍ରୀମନ୍ଦିର ତାର ଶ୍ରେଷ୍ଠତ୍ୱ ପ୍ରଦାନ କରିଚାଲିଛି । ବିଶ୍ୱର ଏମିତି କୌଣସି ଦିଅଁ ନାହାନ୍ତି ଯାହାଙ୍କ ନିକଟରେ ନୀତିକାନ୍ତିର ଧାରା ଭରପୁର ହୋଇ ରହିଛି । ପ୍ରତିଦିନର ପୂଜାବିଧି ନିମନ୍ତେ ବାଇଶି ପ୍ରକାରର ନୀତିକାନ୍ତି ଓ ପରିଚାଳନା ନିମନ୍ତେ ୧୨୦ ପ୍ରକାରର ସେବାୟତ ନିୟୋଜିତ । ଏମିତି ଅନେକ ନୀତିକାନ୍ତି ମଧ୍ୟ ବିଲୋପ ହୋଇଗଲାଣି । ତଥାପି ରାଜା ମହାରାଜାମାନେ ବିଭିନ୍ନ ସମୟରେ ଶ୍ରୀମନ୍ଦିର ପରିଚାଳନା ନିମନ୍ତେ ବହୁ ପର୍ବ ପର୍ବାଣୀର ପ୍ରଚଳନ କରିଥିଲେ । ବିଭିନ୍ନ ସମୟରେ ସୁରକ୍ଷା ଦୃଷ୍ଟିରୁ ଶ୍ରୀମନ୍ଦିର ପରିବେଶକୁ ଭିତର ବେଢ଼ା ଓ ବାହାର ବେଢ଼ା-ଏହିପରି ଦ୍ୱିବିଧା ବିଭକ୍ତ କରିଛନ୍ତି । ସମଗ୍ର ଶ୍ରୀମନ୍ଦିରର ସୁରକ୍ଷା ନିମନ୍ତେ ସୁଉଚ୍ଚ ମେଘନାଦ ପ୍ରାଚୀର ନିର୍ମାଣ କରାଯାଇଛି । ମେଘନାଦ ପ୍ରାଚୀର ଭିତରେ ବିଭିନ୍ନ ମନ୍ଦିର ବା ଦର୍ଶନୀୟ କ୍ଷେତ୍ରମାନ ପ୍ରତିଷ୍ଠା କରି ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାର କରାଯାଉଛି । ଶ୍ରୀମନ୍ଦିରର ଭିତର ବେଢ଼ାରେ ଥିବା ଆକର୍ଷଣୀୟ ଦର୍ଶନୀୟ କ୍ଷେତ୍ରରୁ ଏହା ସ୍ପଷ୍ଟ । ଶ୍ରୀମନ୍ଦିର ବାହାର ବେଢ଼ାରେ ମଧ୍ୟ ବହୁ ଦର୍ଶନୀୟ କ୍ଷେତ୍ର ରହିଛି । ସେଥିମଧ୍ୟରୁ ସିଂହଦ୍ୱାରରୁ ରତ୍ନସିଂହାସନ ପର୍ଯ୍ୟନ୍ତ ଦର୍ଶନୀୟ ସ୍ଥାନ ଓ ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା କେତେକ ଦର୍ଶନୀୟସ୍ଥାନ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଏଠାରେ ଶ୍ରୀମନ୍ଦିର ବାହାର ବେଢ଼ାରେ ଥିବା ଗୁରୁତ୍ୱପୂର୍ଣ୍ଣ ଦର୍ଶନୀୟସ୍ଥାନ ସମ୍ପର୍କରେ ଆଲୋଚନା କରାଯାଇଛି ।

ଦେବସ୍ନାନ ମଣ୍ଡପ :-ଶ୍ରୀମନ୍ଦିରର ସିଂହ ଦ୍ୱାର ଦେଇ ପ୍ରବେଶ କଲେ ବାଇଶି ପାହାଚର ଦକ୍ଷିଣ ପାର୍ଶ୍ୱରେ ଆନନ୍ଦ ବଜାର ରହିଛି । ଆନନ୍ଦ ବଜାରର ଉତ୍ତର ପୂର୍ବ ଦିଗକୁ ଦେବସ୍ନାନ ମଣ୍ଡପ ଅବସ୍ଥିତ । ଜ୍ୟେଷ୍ଠମାସ ପୂର୍ଣ୍ଣମୀ ତିଥିରେ ଚତୁର୍ଦ୍ଧା ମୂରତି ରତ୍ନ ସିଂହାସନରୁ ଧାଡ଼ି ପହଣ୍ଡିରେ ଆସି ଏହି ସ୍ନାନ ମଣ୍ଡପରେ ବିଜେ କରନ୍ତି । ବହୁ ନୀତିକାନ୍ତି ପରେ ଶ୍ରୀଜୀଉମାନେ ଏହି ମଣ୍ଡପରେ ସ୍ନାନ କରିଥାନ୍ତି । ଏଥିପାଇଁ ଶ୍ରୀଜଗନ୍ନାଥଙ୍କ ନିମନ୍ତେ ୩୫ଗରା ଜଳ, ଶ୍ରୀବଳଭଦ୍ରଙ୍କ ନିମନ୍ତେ ୩୩ଗରା ଜଳ, ଶ୍ରୀ ସୁଭଦ୍ରାଙ୍କ ନିମନ୍ତେ ୨୨ଗରା ଜଳ ଓ ଶ୍ରୀସୁଦର୍ଶନଙ୍କ ନିମନ୍ତେ ୧୮ ଗରା ଜଳର ବ୍ୟବସ୍ଥା କରାଯାଏ । ବିଶ୍ୱାସ ଅଛି ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ଦେଖିବା ପାଇଁ ସ୍ୱର୍ଗରୁ ଦେବତାମାନେ ମଧ୍ୟ ସ୍ନାନ ମଣ୍ଡପରେ ବିଜେ କରିଥାନ୍ତି । ଏଠାରେ ସ୍ନାନ କରିବା ପରେ ଶ୍ରୀଜୀଉମାନେ ଗଜାନନ ବେଶରେ ସଜ୍ଜିତ ହୋଇ ଦର୍ଶକଙ୍କ ଦର୍ଶନ ନିମନ୍ତେ ସାହାଣମେଲା ବ୍ୟବସ୍ଥା କରାଯାଏ । ଏପରିକି ସିଂହଦ୍ୱାର ସମ୍ମୁଖରୁ ଥାଇ ଶ୍ରଦ୍ଧାଳୁ ମାନେ ଏହି ସ୍ନାନ ଦୃଶ୍ୟକୁ ଦେଖିଥାନ୍ତି । ଏଠାରୁ ପୁଣି ଚତୁର୍ଦ୍ଧାମୂରତି ଗୋଟି ପହଣ୍ଡିରେ ଅଣସରଗୃହକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି ।

ଆନନ୍ଦ ବଜାର :- ଦେବସ୍ନାନ ମଣ୍ଡପର ଦକ୍ଷିଣ ପଶ୍ଚିମ ଦିଗକୁ ଆନନ୍ଦବଜାର ଅବସ୍ଥିତ । ଏହା ଶ୍ରୀମନ୍ଦିରର ସିଂହଦ୍ୱାର ଦେଇ ପ୍ରବେଶ କଲେ ଦକ୍ଷିଣପାର୍ଶ୍ୱରେ ରହିଛି । ଏହି ଠାରେ ଶ୍ରଦ୍ଧାଳୁ ମାନେ ମହାନନ୍ଦରେ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରୁଥିବାରୁ ଏହି କ୍ଷେତ୍ରର ନାମ 'ଆନନ୍ଦବଜାର' । ଏଠାରେ ଆବ୍ରାହ୍ମଣ-ଚଣ୍ଡାଳ ଏକତ୍ର ବସି ମହାପ୍ରସାଦ ଛଡ଼ାଇ ଖାଆନ୍ତି । ଜାତିଧର୍ମର କୌଣସି ବିଭେଦ ନଥାଏ । ଆନନ୍ଦବଜାରରେ ମହାପ୍ରସାଦ ସେବନ ସମୟରେ ପ୍ରତ୍ୟେକ ଭକ୍ତଙ୍କୁ କେତେକ ନୀତି ପାଳନ କରିବାକୁ ପଡ଼ିଥାଏ । ତାହା ସମସ୍ତଙ୍କ ଅବଗତି ନିମନ୍ତେ ଏଠାରେ ଉଲ୍ଲେଖ କରୁଅଛି । ଯଥା- ୧- ମହାପ୍ରସାଦ ଭୂମିରେ ବସି ସେବନ କରିବେ । ୨- ମହାପ୍ରସାଦ ଭକ୍ଷଣ ସମୟରେ ପୂର୍ବଦିଗକୁ ମୁହଁକରି ବସିବେ । ୩- କଦଳୀ ପତ୍ରରେ ମହାପ୍ରସାଦ ସେବନ କରିବେ । ୪- ମହାପ୍ରସାଦ ସେବନ ସମୟରେ ଅନ୍ୟର ମନ୍ଦ ଚର୍ଚ୍ଚା କରିବେ ନାହିଁ । ୫- ମହାପ୍ରସାଦ ସେବନରେ ଚାମଚ ବ୍ୟବହାର କରିବେ ନାହିଁ । ୬- ବାଂଟି ଖାଇଲେ ପାପରୁ ମୁକ୍ତି ମିଳେ । ତେଣୁ ପ୍ରସାଦ କୌଣସି ବ୍ୟକ୍ତି ଖାଇବାକୁ ମାଗିଲେ ଦାନ କରିବେ । ୭-ମହାପ୍ରସାଦ ଖାଇସାରି ମୁହଁ ଧୋଇଲେ କୁଳକୁଚା ପାଣି ବାହାରକୁ ପକାଇବେ ନାହିଁ ।

ଚାହାଣୀ ମଣ୍ଡପ :- ଶ୍ରୀମନ୍ଦିରରେ ଦୁଇଟି ଚାହାଣୀ ମଣ୍ଡପ ରହିଛି । ଯଦି ଆପଣ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ଯାଉଛନ୍ତି ତେବେ ବାଇଶି ପାହାଚ ଅତିକ୍ରମ କରିବା ପରେ ଡ଼ାହାଣକୁ ଅର୍ଥାତ ଉତ୍ତର ଦିଗରେ ଆନନ୍ଦ ବଜାରରେ ଗୋଟିଏ ଚାହାଣୀ ମଣ୍ଡପ ଓ ଦ୍ୱିତୀୟଟି କୂର୍ମବେଢ଼ାଠାରୁ ରୋଷଘର ଆଡ଼କୁ ଯିବା ସମୟରେ ରହିଛି । ଏହାର ନାମ କରଣରୁ ଏହି ମଣ୍ଡପର ଉଦେଶ୍ୟ ସ୍ପଷ୍ଟ । ଶ୍ରୀମନ୍ଦିରର କେତେକ ବିଶିଷ୍ଟ କାର୍ଯ୍ୟକ୍ରମ ଦେଖିବା ପାଇଁ ଏହା ଉଦ୍ଦିଷ୍ଟ । ଏହି କାର୍ଯ୍ୟକ୍ରମରେ ପ୍ରଭୁଙ୍କର ମାନବୀୟ ଲୀଳା, ରିତିନୀତି ଓ ଦିବ୍ୟକାର୍ଯ୍ୟ ସହିତ ପ୍ରତ୍ୟକ୍ଷ ଭାବରେ ସାମିଲ ହେବା ପାଇଁ ଚାହାଣୀ ମଣ୍ଡପ ରହିଛି । ବିଶେଷ କରି ପ୍ରଭୁଙ୍କ ରଥଯାତ୍ରା କାର୍ଯ୍ୟକ୍ରମକୁ ମହାଲକ୍ଷ୍ମୀ ଚାହାଣୀ ମଣ୍ଡପରୁ ଥାଇ ଦର୍ଶନ କରନ୍ତି । ଏହି ଚାହାଣୀ ମଣ୍ଡପ ରାଜା ଦିବ୍ୟସିଂହ ଦେବ ୧୬୯୨ ମସିହାରୁ ୧୭୧୫ ମସିହା ମଧ୍ୟରେ ନିର୍ମାଣ କରିଥିବାର ସୂଚନା ମିଳେ । ରୋଷଘର ଆଡ଼କୁ ଥିବା ଚାହାଣୀ ମଣ୍ଡପଟି ଚାରିଗୋଟି ସ୍ତମ୍ଭ ଉପରେ ଏକପୀଢ଼ାକୃତିରେ ପ୍ରସ୍ତୁତ । ମାତ୍ର ଆନନ୍ଦବଜାରସ୍ଥିତ ଚାହାଣୀ ମଣ୍ଡପଟି ତିନୋଟି ସ୍ତମ୍ଭ ଉପରେ ପ୍ରତିଷ୍ଠିତ । ଉଭୟର ଚାରି ପାଖକୁ ଚାରୋଟି ଦ୍ୱାର ରହିଛି । ଏହି ମଣ୍ଡପର ଶୀର୍ଷରେ ଘଂଟା ମଧ୍ୟ ରହିଛି । ମାତ୍ର ଏବେ ଚାହାଣୀ ମଣ୍ଡପ ଜରାଜୀର୍ଣ୍ଣ ଅବସ୍ଥାରେ । ଏହାର ସୁରକ୍ଷା ଏକାନ୍ତ ଜରୁରୀ । କାରଣ ଏମିତି ବିରଳ ବ୍ୟବସ୍ଥା ବିଶ୍ୱର ଅନ୍ୟ କୌଣସି ମନ୍ଦିରରେ ନାହିଁ ।

ରୋଷ ଘର :- ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି କୂର୍ମ ବେଢ଼ା ଅତିକ୍ରମ କଲେ ବାମ ପାର୍ଶ୍ୱରେ ରହିଛି ଜଗନ୍ନାଥଙ୍କ ରୋଷଘର । ଏହା ବିଶ୍ୱର ସର୍ବବୃହତ ଓ ସର୍ବଶ୍ରେଷ୍ଠ ରୋଷଘର । ଏହାର ଦୈର୍ଘ୍ୟ ୧୫୦ଫୁଟ, ପ୍ରସ୍ଥ ୧୦୦ ଫୁଟ ଓ ଉଚ୍ଚତା ୨୦ ଫୁଟ ଅଟେ । ଏହି ରୋଷ ଘରରେ ୨୫୦ ଟି ମାଟିର ଚୁଲା ଓ ୩୨ଟି କୋଠରୀ ଥିବା କଥା କୁହାଯାଏ । ରୋଷେଇ ନିମନ୍ତେ ସାତଶହ ସୂପକାର ରହିଛନ୍ତି । ରୋଷେଇ ନିମନ୍ତେ ମାଟି ହାଣ୍ଡି, କାଠ, ବୈଷ୍ଣବାଗ୍ନୀ ଓ ନିକଟରେ ଥିବା ଗଙ୍ଗା ଯମୁନା କୂଅର ଜଳ ବ୍ୟବହାର କରାଯାଏ । ରୋଷଘରେ ବିଭିନ୍ନ ସରଂଜାମ ପ୍ରସ୍ତୁତି, ମସଲା ପ୍ରସ୍ତୁତି ଓ ପ୍ରସାଦ ପ୍ରସ୍ତୁତି ନିମନ୍ତେ ବିଭିନ୍ନ ପ୍ରକାରର ସୁପକାର ରହିଛନ୍ତି । ଏହି ରୋଷଘରର ସର୍ବଶ୍ରେଷ୍ଠ ବୈଚିତ୍ର ହେଉଛି ଗୋଟିଏ ଚୁଲିରେ ଥାକ ଥାକ ହୋଇ ୯ଟି ହାଣ୍ଡି ବସାଇ ରୋଷେଇ କରାଯାଏ ଓ ସବୁଠାରୁ ଉପରେ ଥିବା ହାଣ୍ଡିର ପ୍ରସାଦ ପ୍ରଥମେ ପ୍ରସ୍ତୁତ ହୋଇଯାଏ । ମାତ୍ର ଏହା ସୁଆରର ଦକ୍ଷତାର ବିଚାର କଥା କୁହାଯାଉଛି । ସୁଆର ଓ ବଡ଼ସୁଆର ଦ୍ୱାରା ଏହି କାର୍ଯ୍ୟ ପରିଚାଳିତ । ପୂର୍ବରୁ ରୋଷ ଘରେ ଦେଖାଯାଉଥିବା ସମସ୍ୟା ଗୁଡ଼ିକ ପରମାନନ୍ଦ ତ୍ରିପାଠୀଙ୍କ ସମୟରେ ବହୁ ପରିବର୍ତ୍ତନ କରାଯାଇଛି । ଅର୍ଥାତ ରୋଷଘରକୁ ଛାତ ଘର ଓ ଧୂମନିୟନ୍ତ୍ରୀତ ଫେନ ବ୍ୟବସ୍ଥା କରାଯାଇଛି । ରୋଷଘରୁ ଦୁଇ ପ୍ରକାରର ଭୋଗ ପ୍ରସ୍ତୁତ ହୁଏ । ଯଥା- ସଂଖୁଡ଼ି ଭୋଗ ଓ ନିଃସଂକୁଡ଼ି ଭୋଗ । ସାଧା ଅବଢ଼ା, ଅବଢ଼ା, ଘିଅ ଅନ୍ନ, ଖେଚୁଡ଼ି, କାନିକା, ଡ଼ାଲି, ଡ଼ାଲମା, ବେଶର, ମହୁର, ଖଟା, ଖିରୀ ପ୍ରଭୃତି ସଂଖୁଡ଼ି ଭୋଗ ଓ ଖଜା, ଗଜା, ଆରିଷା, କାକରା, ପୁରୀ, ରସାବଳୀ ପ୍ରଭୃତି ନିଃସଂଖୁଡ଼ି ଭୋଗ । ଏଥିପାଇଁ ଦେଶୀଆଳୁ, କଖାରୁ, କଦଳୀ, ପଣସ, ମୂଳା, ପୋଟଳ, ଶିମ୍ବ, ବାଇଗଣ, କନ୍ଦମୂଳ, ଅଦା, ଧଣିଆପତ୍ର, ନଡ଼ିଆ ଓ କୋଶଳା, ନେଉଟିଆ, ଅଗସ୍ତି ଶାଗ ବ୍ୟତୀତ ଅନ୍ୟ ଶାଗ ବ୍ୟବହାର ହୁଏ ନାହିଁ । ମସଲା ଭାବରେ ଜୀରା, ଗୋଲମରିଚ, ଡ଼ାଲିଚିନି, ଅଳେଇଚ, ହେଙ୍ଗୁ, ପାନମହୁରୀ ଓ ଶୁଦ୍ଧ ଘିଅର ବ୍ୟବହାର କରାଯାଏ । ଏବେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଓମଫେଡ଼ ଘିଅ ଓ ଦେଶୀଘିଅର ବ୍ୟବହାର ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏଠାରେ କୌଣସି ବାସୀ ଭୋଗର ବ୍ୟବହାର ହୁଏ ନାହିଁ । ଏପରିକି ଛପନ ଭୋଗ ପ୍ରସ୍ତୁତିରେ ତୃଟି ଥିଲେ ଶ୍ରୀମନ୍ଦିରର ବଡ଼ପଣ୍ଡାଙ୍କୁ କୁକୁରର ଛାଇ ଦେଖାଯାଏ । ଫଳରେ ସମସ୍ତ ପ୍ରସ୍ତୁତ ଭୋଗକୁ ପୋତି ଦିଆଯାଏ । ମହାପ୍ରଭୁଙ୍କ ଠାରେ ଦିନରେ ଛଅଥର ଭୋଗଲାଗି ହୁଏ । ଯଥା - ସକାଳ ୮ଟା - ଗୋପାଳ ବଲ୍ଲଭ, ସକାଳ ୧୦ଟା - ସକାଳଧୂପ, ସକାଳ ୧୧ଟା- ଭୋଗମଣ୍ଡପ ଭୋଗ, ମଧ୍ୟାହ୍ନ ୧୨ଟା- ମଧ୍ୟାହ୍ନ ଧୂପ, ସନ୍ଧ୍ୟା ୭ଟା- ସନ୍ଧ୍ୟା ଧୂପ, ରାତି ୧୦ଟା - ବଡ଼ଶୃଙ୍ଗାର ଭୋଗ ପ୍ରଭୃତି । ଏଠାରୁ ପ୍ରସ୍ତୁତ ମହାପ୍ରସାଦକୁ ଲକ୍ଷ ଲକ୍ଷ ଭକ୍ତ ଆନନ୍ଦ ବଜାରରେ ବସି ସେବନ କରନ୍ତି ଓ ପାର୍ଶଲ ମଧ୍ୟ ଦିଆଯାଏ । ଶ୍ରୀମନ୍ଦିରର ରୋଷଘରର ସମସ୍ତ ପ୍ରସାଦ ପ୍ରସ୍ତୁତି ମହାଲକ୍ଷ୍ମୀଙ୍କ ତତ୍ତ୍ୱାବଧାନରେ ହୋଇଥାଏ ।

ଶ୍ରୀରାମ ମନ୍ଦିର :- ଶ୍ରୀମନ୍ଦିରର ଦକ୍ଷିଣଦ୍ୱାର ଦେଇ ଗଲେ ଶ୍ରୀରାମ ମନ୍ଦିର ପଡ଼ିଥାଏ । ଏହାସହିତ ଶ୍ରୀଚୈତନ୍ୟ ମନ୍ଦିର, ବୁଢ଼ୀ ମା' ମନ୍ଦିର, ବରାଭୟ ହନୁମାନ ମନ୍ଦିର ଓ ନୃସିଂହ ମନ୍ଦିର ମଧ୍ୟ ରହିଛି । ବରାଭୟ ହନୁମାନ ଶ୍ରୀମନ୍ଦିରର ମହାପ୍ରସାଦର ରଖୁଆଳ । ଏହି ମନ୍ଦିରରେ ବାଳହନୁମାନ, ବୀର ହନୁମାନ, ଅଙ୍ଗଦ, ନୀଳ, ସୁଗ୍ରୀବ ଓ ଜାମ୍ବବାନ ପ୍ରମୁଖ ରହିଛନ୍ତି । ଏହି ମନ୍ଦିରର ପଶ୍ଚାତ ଭାଗରେ ନିର୍ମାଲ୍ୟ ପ୍ରସ୍ତୁତି ଖଳା ରହିଛି । ପଂଚମୁଖୀ ହନୁମାନ ମଧ୍ୟ ଏଠାରେ ରହିଛନ୍ତି । ଶ୍ରୀମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ସାଧୁ, ସନ୍ଥ, ତାନ୍ତ୍ରୀକ, ସାଧକ ମାନେ ନିଜର ନିହିତ ଉଦେଶ୍ୟ ପୂରଣ ନିମନ୍ତେ ପ୍ରବେଶ କରିଥାନ୍ତି ।

ଚତୁର୍ଦ୍ଧାମ ମନ୍ଦିର :- ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କଲେ ଦକ୍ଷିଣ ପାର୍ଶ୍ୱକୁ ଚତୁର୍ଦ୍ଧାମ ମନ୍ଦିର ରହିଛି । ଭଗବାନ ବିଷ୍ଣୁ ଭାରତୀୟ ସଂସ୍କୃତିର ସମନ୍ୱୟ ରକ୍ଷା ନିମନ୍ତେ ଭାରତର ଚାରିଦିଗରେ ଚାରୋଟି ଧାମ ପ୍ରତିଷ୍ଠା କରିଥିଲେ । ଯଥା- ଉତ୍ତରରେ ବଦ୍ରୀନାରାୟଣଙ୍କ ପାଇଁ ବଦ୍ରୀକାଧାମ, ଦକ୍ଷିଣରେ ରାମଙ୍କ ଈଶ୍ୱର ଶିବଙ୍କ ପାଇଁ ରାମେଶ୍ୱର ଧାମ, ପୂର୍ବରେ ଶ୍ରୀଜଗନ୍ନାଥଙ୍କ ପାଇଁ ଜଗନ୍ନାଥ ଧାମ ଓ ପଶ୍ଚିମରେ ଶ୍ରୀକୃଷ୍ଣଙ୍କ ପାଇଁ ଦ୍ୱାରିକା ଧାମ ପ୍ରଭୃତି । କୁହାଯାଏ ମଣିଷ ପୁଣ୍ୟ ଅର୍ଜନ ନିମନ୍ତେ ତୀର୍ଥ କରିଥାନ୍ତି । ମାତ୍ର ସମସ୍ତ ମଣିଷ ଚାରିଧାମ ଭ୍ରମଣ କରି ପାରିନଥାନ୍ତି । ତେଣୁ ଶ୍ରୀକ୍ଷେତ୍ର ପୁରୀର ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଚତୁର୍ଦ୍ଧାମ ମନ୍ଦିର ପ୍ରତିଷ୍ଠା କରାଯାଇଛି । କୁହାଯାଏ ଯେତେ ତୀର୍ଥ କଲେ ମଧ୍ୟ ଜଗନ୍ନାଥ ଧାମ ଦର୍ଶନ ବିନା ପୁଣ୍ୟ ମିଳେ ନାହିଁ । ତେଣୁ ଏଠାରେ ଶ୍ରଦ୍ଧାଳୁ ଏହି ତିନି ଧାମର ଦର୍ଶନ ସହିତ ଜଗନ୍ନାଥଙ୍କୁ ଦର୍ଶନ କରି ପୁଣ୍ୟ ଲାଭ କରିବାର ସୁଯୋଗ ପାଇଥାନ୍ତି ।

ନୀଳାଦ୍ରି ବିହାର :- ଶ୍ରୀମନ୍ଦିରର ପଶ୍ଚିମ ଦ୍ୱାର ଦେଇ ପ୍ରବେଶ କଲେ ବାମପାଖରେ ନୀଳାଦ୍ରିବିହାର ରହିଛି । ଏହା ମଧ୍ୟରେ ବେଦ, ଉପନିଷଦ, ଯୋଗ, ସଂଗୀତ, ନୃତ୍ୟ ଶିକ୍ଷା ଦିଆଯାଏ । ଏହା ସହିତ ଶ୍ରୀଜଗନ୍ନାଥ ସଂସ୍କୃତିର ମ୍ୟୁଜିୟମ୍ ଓ ଗବେଷଣାଗାର ରହିଛି । ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଭିତିକ ଜ୍ଞାନ ବୃଦ୍ଧିର ଭଣ୍ଡାର ଘର କହିଲେ ଅତ୍ୟୁକ୍ତି ହେବ ନାହିଁ ।

କୋଇଲି ବୈକୁଣ୍ଠ:- ଶ୍ରୀମନ୍ଦିରର ଉତର ଦ୍ୱାରର ଦକ୍ଷିଣ ପାର୍ଶ୍ୱରେ କୋଇଲି ବୈକୁଣ୍ଠ ରହିଛି । ଯାହା 'ସ୍ୱର୍ଗଦ୍ୱାର' ନାମରେ ନାମିତ । ଯେଉଁଠାରେ ପାଣ୍ଡବ ମାନେ ଶ୍ରୀକୃଷ୍ଣଙ୍କ ମର ଶରୀରକୁ ଦାହ କରି ପୋତିଥିବା କଥା କୁହାଯାଏ । ନବକଳେବର ସମୟରେ ଜଗନ୍ନାଥଙ୍କ ଭୌତିକ ଶରୀରକୁ ଏହି କୋଇଲି ବୈକୁଣ୍ଠରେ ପୋତି ଦିଆଯାଏ । ଏହି ସ୍ଥାନରେ ଶିଆଳିଲତା ରହିଥିବାର ଦେଖାଯାଏ । ଯେଉଁ ଲତାରେ ଦୋଳି ଖେଳୁ ଖେଳୁ ଜାରା ଶବର ଶ୍ରୀକୃଷ୍ଣଙ୍କୁ ଶରବିଦ୍ଧ କରିଥିଲା । କୋଇଲି ବୈକୁଣ୍ଠକୁ ଲାଗି ଉତରାୟଣୀ, ଶୀତଳା, ଝାଡ଼େଶ୍ୱରୀ, ତ୍ରିଶକ୍ତି ଓ ଇଶାନେଶ୍ୱର ମନ୍ଦିର ରହିଛି । ଏହା ଏକ ପବିତ୍ରତମ ସ୍ଥାନ ।

ପୁଷ୍ପ ଉଦ୍ୟାନ :- ଶ୍ରୀମନ୍ଦିରର କୋଇଲି ବୈକୁଣ୍ଠକୁ ଲାଗି ପୁଷ୍ପ ଉଦ୍ୟାନ ରହିଛି । ଏହାର ଅନ୍ୟନାମ 'ଅଳକାବାଟିକା' । ଶ୍ରୀମନ୍ଦିରରେ ପ୍ରତିଦିନ ଲାଗି ହେଉଥିବା ପୁଷ୍ପ, ପତ୍ର ଓ ତୁଳସୀ ଏହି ତୁଳସୀ ବାଟିକା ଯୋଗାଇ ଦେଇଥାଏ ।

ପରିକ୍ରମା ମାର୍ଗ :- ଶ୍ରୀମନ୍ଦିରର ଚାରି ଦ୍ୱାରକୁ ସଂଯୋଗ ପୂର୍ବକ ନୂଆକରି ପ୍ରସ୍ତୁତ ହୋଇଥିବା ଶ୍ରୀମନ୍ଦିର ପରିକ୍ରମା ମାର୍ଗ ଏକ ନୂତନ ଆକର୍ଷଣ । ପରିକ୍ରମା ମାର୍ଗ ଦେଇ ଶ୍ରଦ୍ଧାଳୁ ମାନେ ଶ୍ରୀମନ୍ଦିରର ଯେକୌଣସି ଦ୍ୱାର ଦେଇ ଧାଡ଼ି ମାଧ୍ୟମରେ ଶ୍ରୀ ମନ୍ଦିର ମଧ୍ୟକୁ ପ୍ରବେଶ କରିଥାନ୍ତି । ପରିକ୍ରମା ମାର୍ଗର ବାମ ପାର୍ଶ୍ୱରେ ଶ୍ରଦ୍ଧାଳୁ ମାନଙ୍କ ଶ୍ରମ ଲାଘବ ପାଇଁ ବସିବାଆସ୍ଥାନ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଏହା ଶ୍ରଦ୍ଧାଳୁ ମାନଙ୍କ ଆମୋଦ ପ୍ରମୋଦ ନିମନ୍ତେ ଖୋରାକ ଯୋଗାଇ ପାରିଛି । କେବଳ ଶ୍ରୀମନ୍ଦିର ଭିତରେ ଧାଡ଼ି ବ୍ୟବସ୍ଥା ଦର୍ଶନକୁ ଭକ୍ତ ମାନଙ୍କର ଅପେକ୍ଷା ।

ଶ୍ରୀମନ୍ଦିର ଆଶା ଓ ଭରଷାର ଅସରନ୍ତି ଭଣ୍ଡାର । ଗୁଣର ପ୍ରକୃତ ଗୁଣିଆ ଗୁଣିର ଗୁଣକୁ ମାପି ଚାଲିଛନ୍ତି । ଯେଉଁଥିରେ ତୃଟିର ଚିହ୍ନବର୍ଣ୍ଣ ନଥାଏ । ଗୁଣ ଚିହ୍ନି ଭକ୍ତର ମନବାଂଛା ପୂର୍ଣ୍ଣ କରୁଥିବାରୁ ସେ ଅନ୍ତର୍ଯ୍ୟାମୀ । ଶ୍ରୀମନ୍ଦିରର ଭିତର ବେଢ଼ାରେ ରତ୍ନସିଂହାସନରେ ଥାଇ ମଧ୍ୟ ବାହାର ବେଢ଼ା ଭିତରେ ଭକ୍ତ ଓ ନିଜ ପାଇଁ ଯେଉଁ ସୁବନ୍ଦୋବସ୍ତ କରି ଭକ୍ତଙ୍କୁ ମୋହିତ କରିଛନ୍ତି ତାର କଳନା ନାହିଁ । ଭାବ ଠାକୁରଙ୍କର ଭାବର ମହିମା ଭକ୍ତ ଉପରେ ସବୁଦିନ ଆଶୀର୍ବାଦର ଧାରା ଏହିପରି ରହିଥାଉ - ଏତିକି କାମନା ।


+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ,
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ
ମୋ:୯୯୩୭୧୫୧୩୧୦


## ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ: ଏକ ବଦଳୁଥିବା ଚିତ୍ରପଟ

ଭାରତୀୟ ଅର୍ଥନୀତିର ଏକ ସୁଦୃଢ଼ ସ୍ତମ୍ଭ ଭାବରେ ଉଭା ହୋଇଛି ଘରୋଇ ନିବେଶକଙ୍କ ଅବଦାନ । ବିଶେଷକରି, ଯେତେବେଳେ ବିଦେଶୀ ପୋର୍ଟଫୋଲିଓ ନିବେଶକ (FPI) ଭାରତୀୟ ସେୟାର ବଜାରରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି, ସେତେବେଳେ ଘରୋଇ ସଂସ୍ଥାଗତ ନିବେଶକ (DII) ଏବଂ ସାଧାରଣ ନିବେଶକମାନେ ହିଁ ବଜାରକୁ ସ୍ଥିରତା ପ୍ରଦାନ କରୁଛନ୍ତି । ଏହି ଘରୋଇ ନିବେଶକଙ୍କ ମଧ୍ୟରେ ମ୍ୟୁଚୁଆଲ୍ ଫଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଭାବରେ ଲୋକପ୍ରିୟତା ହାସଲ କରିଛି । ତେବେ, ଏହି ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରୁଛନ୍ତି କିଏ ? ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ପରିଚୟ କ'ଣ ? ଏହି ପ୍ରଶ୍ନର ଉତ୍ତର ହିଁ ଭାରତର ବଦଳୁଥିବା ଆର୍ଥିକ ପରିଦୃଶ୍ୟକୁ ସ୍ପଷ୍ଟ କରେ ।

ପାରମ୍ପରିକ ଭାବେ, ଭାରତରେ ନିବେଶ କହିଲେ ସହରାଞ୍ଚଳର ପୁରୁଷମାନଙ୍କୁ ହିଁ ବୁଝାଯାଉଥିଲା । କିନ୍ତୁ, ବିଗତ କିଛି ବର୍ଷ ମଧ୍ୟରେ ଏହି ଧାରଣାରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସିଛି । ଆଜି, ଛୋଟ ସହର ଏବଂ ଗ୍ରାମାଞ୍ଚଳର ନିବେଶକମାନଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏକ ତଥ୍ୟ ଅନୁଯାୟୀ, ପ୍ରତି ଚାରି ଜଣ ନିବେଶକଙ୍କ ମଧ୍ୟରେ ଜଣେ ହେଉଛନ୍ତି ମହିଳା । ଏହା ନିଶ୍ଚିତ ଭାବରେ ଏକ ସକାରାତ୍ମକ ସଙ୍କେତ । ଏକ ଅଧ୍ୟୟନ ଅନୁଯାୟୀ, ୩୧-୪୦ ବର୍ଷ ବୟସର ବ୍ୟକ୍ତିମାନେ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବାକୁ ଅଧିକ ଆଗ୍ରହୀ ।

ଯଦି ଆମେ ପରିସଂଖ୍ୟାନକୁ ଦେଖିବା, ତେବେ ଜାଣିପାରିବା ଯେ ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ଇଣ୍ଡଷ୍ଟ୍ରିର ସମ୍ପତ୍ତି ପରିଚାଳନା (AUM) ରେ ଏକ ବଡ଼ ଧରଣର ଅଭିବୃଦ୍ଧି ଘଟିଛି । ୨୦୧୮ ରେ ୨୧.୩୬ ଲକ୍ଷ କୋଟି ଟଙ୍କା ଥିବା ଇଟଗ, ମାର୍ଚ୍ଚ ୨୦୨୪ ସୁଦ୍ଧା ୫୩.୪୦ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଏହି ଅଭିବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ସିଷ୍ଟମେଟିକ୍ ଇନଭେଷ୍ଟମେଣ୍ଟ ପ୍ଲାନ୍ (SIP) ର ବଢୁଥିବା ଲୋକପ୍ରିୟତା। ଝଓଚ ମାଧ୍ୟମରେ, ଜଣେ ନିବେଶକ ନିୟମିତ ବ୍ୟବଧାନରେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ନିବେଶ କରିପାରିବେ, ଯାହା ଫଳରେ ବଜାରର ଅସ୍ଥିରତାର ପ୍ରଭାବ କମ୍ ହୋଇଥାଏ । ୨୦୨୦-୨୧ ରେ ୧୪.୧ ମିଲିୟନ ଥିବା ନୂଆ ଝଓଚ ଆକାଉଣ୍ଟ ସଂଖ୍ୟା ୨୦୨୪-୨୫ ରେ ୬୮ ମିଲିୟନକୁ ବୃଦ୍ଧି ପାଇଛି ।

ଏହି ପରିବର୍ତ୍ତନ ପଛରେ ଅନେକ କାରଣ ନିହିତ ଅଛି । ପ୍ରଥମତଃ, ଡିଜିଟାଲ୍ ଟେକ୍ନୋଲୋଜିର ପ୍ରସାର ଏବଂ ସ୍ମାର୍ଟଫୋନର ବହୁଳ ବ୍ୟବହାର ନିବେଶ ପ୍ରକ୍ରିୟାକୁ ସହଜ କରିଦେଇଛି । ଆଜି, ଜଣେ ବ୍ୟକ୍ତି ଘରେ ବସି ମଧ୍ୟ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିପାରୁଛି । ଦ୍ୱିତୀୟତଃ, ଆର୍ଥିକ ସାକ୍ଷରତା ବୃଦ୍ଧି ପାଇଁ ସରକାରୀ ଏବଂ ବେସରକାରୀ ସ୍ତରରେ କରାଯାଉଥିବା ଉଦ୍ୟମ ମଧ୍ୟ ଫଳପ୍ରଦ ହୋଇଛି । ଆସୋସିଏସନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍ ଇନ୍ ଇଣ୍ଡିଆ (AMFI) ଦ୍ୱାରା ୨୦୧୭ ରେ ଆରମ୍ଭ କରାଯାଇଥିବା 'ମ୍ୟୁଚୁଆଲ୍ ଫଣ୍ଡ ସହି ହୈ' ଅଭିଯାନ ଏକ ଉଲ୍ଲେଖନୀୟ ଉଦାହରଣ । ଏହି ଅଭିଯାନ ସାଧାରଣ ଲୋକଙ୍କ ମନରୁ ମ୍ୟୁଚୁଆଲ୍ ଫଣ୍ଡକୁ ନେଇ ଥିବା ଭୟ ଓ ସନ୍ଦେହ ଦୂର କରିବାରେ ସଫଳ ହୋଇଛି । ଏହି ଅଭିଯାନ ଆରମ୍ଭ ହେବାର ବର୍ଷକ ମଧ୍ୟରେ ୫ ମିଲିୟନ ନୂଆ ନିବେଶକ ମ୍ୟୁଚୁଆଲ୍ ଫଣ୍ଡ ସହ ଯୋଡ଼ି ହୋଇଥିଲେ ।

ତୃତୀୟରେ, ଡିମାଟ୍ ଆକାଉଣ୍ଟ ସଂଖ୍ୟାରେ ହୋଇଥିବା ବୃଦ୍ଧି ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ । ୨୦୨୦ ରୁ ୨୦୨୪ ମଧ୍ୟରେ ଡିମାଟ୍ ଆକାଉଣ୍ଟ ସଂଖ୍ୟା ୩.୮ କୋଟିରୁ ୧୧.୮ କୋଟିକୁ ବୃଦ୍ଧି ପାଇଛି । ରିଜର୍ଭ ବ୍ୟାଙ୍କର ଏକ ଅଧ୍ୟୟନ ଅନୁଯାୟୀ, ବଜାରରେ ପ୍ରବେଶ କରିବାର ସୁବିଧା ହିଁ ଲୋକଙ୍କୁ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରିବାକୁ ଅଧିକ ପ୍ରୋତ୍ସାହିତ କରୁଛି ।

ନିବେଶର ଭୌଗୋଳିକ ବିତରଣରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ପୂର୍ବରୁ, ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ ଭଳି ବଡ଼ ସହରଗୁଡ଼ିକ ହିଁ ନିବେଶର କେନ୍ଦ୍ରବିନ୍ଦୁ ଥିଲା । କିନ୍ତୁ ଏବେ, ଟିୟର-୨ ଏବଂ ଟିୟର-୩ ସହରଗୁଡ଼ିକରୁ ନିବେଶକଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତଥ୍ୟ ଅନୁଯାୟୀ, ୨୦୨୪ ରେ ୬୦% ରୁ ଅଧିକ ନୂଆ ଡିମାଟ୍ ଆକାଉଣ୍ଟ ଅଣ-ମେଟ୍ରୋ ସହରରୁ ଖୋଲାଯାଇଛି, ଯାହାକି ୨୦୧୯ ରେ ମାତ୍ର ୨୫% ଥିଲା । ଏହା ସହିତ, ଟିୟର-୨ ଓ ଟିୟର-୩ ସହରରୁ ଆସୁଥିବା ଇଟଗ ଗତ ୬ ବର୍ଷରେ ୧୩% ବୃଦ୍ଧି ପାଇଛି । ଏହା ଦର୍ଶାଉଛି ଯେ ଆର୍ଥିକ ଅନ୍ତର୍ଭୁକ୍ତିକରଣ କେବଳ ବଡ଼ ସହରରେ ସୀମିତ ନରହି, ଛୋଟ ସହର ଓ ଗ୍ରାମାଞ୍ଚଳରେ ମଧ୍ୟ ପହଞ୍ଚି ପାରିଛି ।

ଏସବୁ ସତ୍ତ୍ୱେ, ଏହା ମଧ୍ୟ ସତ୍ୟ ଯେ ଭାରତରେ ମ୍ୟୁଚୁଆଲ୍ ଫଣ୍ଡର ପେନେଟ୍ରେସନ୍ ଏବେବି ବହୁତ କମ୍ । ଦେଶର ମାତ୍ର ୩% ଲୋକ ମ୍ୟୁଚୁଆଲ୍ ଫଣ୍ଡରେ ନିବେଶ କରନ୍ତି, ଯେତେବେଳେ କି ଆମେରିକାରେ ଏହି ସଂଖ୍ୟା ୬୨% । ଏହା ଦର୍ଶାଉଛି ଯେ ଏହି କ୍ଷେତ୍ରରେ ବିକାଶର ପ୍ରଚୁର ସମ୍ଭାବନା ରହିଛି । ଏହା କୁହାଯାଇପାରେ ଯେ ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାର ଏକ ନୂଆ ପର୍ଯ୍ୟାୟ ଦେଇ ଗତି କରୁଛି । ନିବେଶ ଏବେ କେବଳ କିଛି ସୀମିତ ବର୍ଗର ଲୋକଙ୍କ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ । ମହିଳା, ଯୁବବର୍ଗ, ଏବଂ ଛୋଟ ସହରର ନିବେଶକମାନେ ଏହି ଆର୍ଥିକ ଯାତ୍ରାରେ ସାମିଲ ହେଉଛନ୍ତି । ଡିଜିଟାଲ୍ କ୍ରାନ୍ତି, ବର୍ଦ୍ଧିତ ଆର୍ଥିକ ସାକ୍ଷରତା, ଏବଂ ସରକାରୀ ପ୍ରୋତ୍ସାହନ ଏହି ପରିବର୍ତ୍ତନକୁ ଆହୁରି ତ୍ୱରାନ୍ୱିତ କରୁଛି । ଆଗାମୀ ଦିନମାନଙ୍କରେ, ଯେତେବେଳେ ଆହୁରି ଅଧିକ ଲୋକ ଆର୍ଥିକ ସ୍ରୋତରେ ସାମିଲ ହେବେ, ସେତେବେଳେ ଭାରତୀୟ ଅର୍ଥନୀତି ଆହୁରି ମଜବୁତ୍ ହେବ, ଏଥିରେ ସନ୍ଦେହ ନାହିଁ ।

# ଗର୍ଭଣା ସଂକ୍ରାନ୍ତି



## କାନନ ବାଳା ନାୟକ

ଆମ ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠିକାର ଅଧିକାଂଶ ଅଧିବାସୀ କୃଷି କାର୍ଯ୍ୟକରି ନିଜ ପରିବାରର ପ୍ରତିପୋଷଣ କରିଥାଆନ୍ତି। ତେଣୁ ଓଡ଼ିଶାର ଅଧିକାଂଶ ପର୍ବ ପର୍ବାଣୀ କୃଷିକୁ ଭିତ୍ତିକରି ପାଳନ କରାଯାଏ। ଏହିପରି ଏକ ପର୍ବ ହେଉଛି ଖଡାମରା ସଂକ୍ରାନ୍ତି ବା ଗର୍ଭଣା ସଂକ୍ରାନ୍ତି। ଗର୍ଭଣା ଶବ୍ଦଟି ଗର୍ଭ ଶବ୍ଦରୁ ଆସିଅଛି। ଏହିସମୟରେ ଧାନଗଛ ଗର୍ଭଧାରଣ କରିଥାଏ। ତେଣୁ ଏହି ସଂକ୍ରାନ୍ତିକୁ ଗର୍ଭଣା ସଂକ୍ରାନ୍ତି କୁହାଯାଏ। ମୟୂରଭଞ୍ଜ ଓ ବାଲେଶ୍ୱର ପଟେ ଏହି ସଂକ୍ରାନ୍ତିକୁ 'ଖଡାମରା' ସଂକ୍ରାନ୍ତି ବୋଲି କୁହାଯାଏ।

ଯେଉଁଭଳି ନାରୀ ମାନେ ଗର୍ଭ ଧାରଣ କଲେ ସାତ ମାସରେ ତାଙ୍କୁ ନାନା ପିଠା,ମିଠା,ଫଳ ଓ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ଖୁଆଇ ସାଦ ଖିଆ ପାଳନ କରାଯାଏ, ସେହିପରି ଓଡ଼ିଶାର ଚାଷୀ ମାନେ ଧାନଗଛ କୁ ମଧ୍ୟ ସାତ ମାସରେ ସାଦ ଦେଇଥାଆନ୍ତି।ବୈଶାଖ ମାସ ରେ ଧାନ ବୁଣା ଆରମ୍ଭ ହୋଇଥାଏ ଏବଂ କାର୍ତ୍ତିକ ମାସରେ ଧାନ ଗଛରେ ଧାନ ଆସିବା ଆରମ୍ଭ ହୋଇଥାଏ।ବୈଶାଖ ରୁ କାର୍ତ୍ତିକ ହେଉଛି ସାତ ମାସ। ତେଣୁ କାର୍ତ୍ତିକ ମାସର ପ୍ରଥମ ଦିବସରେ ଚାଷୀ ମାନେ ଧାନ ଗଛକୁ ପୂଜା କରି ଭୋଗ ଲଗାଇ ସାଦ ଦେଇ ଗର୍ଭଣା ସଂକ୍ରାନ୍ତି ପର୍ବ ପାଳନ କରିଥାଆନ୍ତି।

ଏହି ଦିନ ସୂର୍ଯ୍ୟ ତୁଳା ରାଶିକୁ ଗମନ କରିଥାଆନ୍ତି। ତେଣୁ ଏହାକୁ ତୁଳା ସଂକ୍ରାନ୍ତି ମଧ୍ୟ କହନ୍ତି ।ମୟୂରଭଞ୍ଜ ଓ ବାଲେଶ୍ୱର ପ୍ରଭୃତି ଜିଲ୍ଲାରେ ଏହି ସଂକ୍ରାନ୍ତିକୁ ଏହି ଭଳି ଭାବରେ ପାଳନ କରାଯାଏ ।ସଂକ୍ରାନ୍ତି ପୂର୍ବ ଦିନ ଅପରାହ୍ନରେ ଗୃହ କର୍ତ୍ତା କିମ୍ବା କୃଷି କାମରେ ସହାୟତା କରୁଥିବା କୃଷି ସହାୟକ (ଯାହାକୁ ଆଞ୍ଚଳିକ ଭାଷାରେ ମୂଲିଆ ଓ ବାରମାସିଆ ବୋଲି କୁହାଯାଏ ।କାମ କରି ମୂଲ/ମୂଲ୍ୟ ନେଉଥିବା ବ୍ୟକ୍ତିକୁ ମୂଲିଆ ଓ ବାରମାସ କାମ କରୁଥିବା ବ୍ୟକ୍ତିକୁ ବାରମାସିଆ କହନ୍ତି)ଜଙ୍ଗଲକୁ ଯାଇ ଛୋଟ ଛୋଟ ଶାଳ ଗଛ ଓ ଡାଳ କୁ କାଟି ଗୋଛା କରି ଆଣନ୍ତି ।ସେଇ ଗଛ ଓ ଡାଳକୁ ଖଡା କୁହାଯାଏ ।ଖଡା ଆଣିବାକୁ ଯାଉଥିବା ବ୍ୟକ୍ତି ଘରୁ ବାହାରିବା ସମୟରେ ଶଙ୍ଖ ଧ୍ୱନି ଦିଆଯାଏ ଏବଂ ଖଡା ନେଇ ଫେରିବା ସମୟରେବି ଶଙ୍ଖ ଧ୍ୱନି ଦେଇ ସ୍ୱାଗତ କରାଯାଏ ।ଘରର ସ୍ତ୍ରୀ ଲୋକମାନେ ସାତ ପ୍ରକାର ଶାଗ ସଂଗ୍ରହ କରି ବାଉଁଶ ତିଆରି ଚଲାରେ ରଖିଥାଆନ୍ତି।

ଖଡା ଆଣିବା ପରେ ତାକୁ ସେଇ ଚଲା ଉପରେ ରଖି ଘର ଅଗଣାରେ ରଖାଯାଏ।

( ଖଡା ଉପରେ କାକର ପଡ଼ିଲେ ପତ୍ର ସତେଜ ବୋଲି)ତାପର ଦିନ ସକାଳୁ ଉଠି ଘରର ସ୍ତ୍ରୀ ଲୋକମାନେ ଯେଉଁ ଯାଗାରେ ପୂଜା କରାଯାଏ ସେଇ ଯାଗା ରେ ଝୋଟି ଓ ଚିତା ପକାନ୍ତି। ତାପରେ ଭୋଗ ପ୍ରସ୍ତୁତ କରାଯାଏ ।ଖଡାମରା ସଂକ୍ରାନ୍ତିର ମୁଖ୍ୟ ଭୋଗ ହେଉଛି ତାଳ ଗଜା ।ତାଳ ଗଜା ସହିତ ଗତ ରାତିରୁ ବତୁରା ହୋଇଥିବା ବୁଟ, ମୁଗ, ଆତ, ଗୁଡ ଓ ମହୁ ଦେଇ ଭୋଗ ପ୍ରସ୍ତୁତ ହୁଏ। ଗାଁ ବ୍ରାହ୍ମଣ ପୂଜା କରିବା ପାଇଁ ଆସନ୍ତି। ବ୍ରାହ୍ମଣ ଆସିବା ପରେ ପୂଜା ପାଇଁ ପ୍ରସ୍ତୁତ ହୋଇଥିବା ଜାଗାରେ ଗୋଟେ ପିଢା ପକାଯାଏ ।ତା ଉପରେ ଖଡା ଗଛକୁ ରଖା ଯାଇଥାଏ।

ଚାଷ ଜମିରୁ ଗର୍ଭ ଧାରଣ କରିଥିବା ଧାନ ଗୁଚ୍ଛ ଅଣାଯାଇଥାଏ। କେଉଁ କେଉଁ ସ୍ଥାନରେ ଧାନ ସହ ବାଲୁଙ୍ଗା ଗୁଚ୍ଛ ମଧ୍ୟ ଅଣା ଯାଇଥାଏ ।ସେଇ ଧାନ ଓ ବାଲୁଙ୍ଗା ଗଛ ଗୁଡ଼ିକୁ ଖଡା ସହ ରଖାଯାଇ ଫୁଲ, ଧୂପ, ନୈବେଦ୍ୟ ଆଦି ଦେଇ ପୂଜା କରାଯାଏ ।ଭୋଗ ଲାଗି ହେଲା ପରେ,ସେଇ ଭୋଗକୁ ପୂର୍ବରୁ ଅଣା ଯାଇଥିବା ଜଡା ପତ୍ରରେ ରଖି ପତ୍ରକୁ ସୂତା ବା ସୂତୁଳିରେ ବାନ୍ଧି ଦିଆଯାଏ ।ଜମି ଅନୁସାରେ ଜଡା ପତ୍ରରେ ଭୋଗ ବନ୍ଧା ଯାଇଥାଏ।

ଚାଷ ଜମିକୁ ଛାଡ଼ି ଧାନ ଅମାର, ଢ଼ିଙ୍କି ଶାଳ,ଖତ ଗଡିଆ ଓ ଘରର ଚାଳକୁ ମଧ୍ୟ ଭୋଗ ଦିଆଯାଇଥାଏ। ଜଡ଼ା ପତ୍ରରେ ଭୋଗ ବନ୍ଧା ସରିବା ପରେ ପୂଜା ହୋଇଥିବା ଖଡାକୁ ଆଣି ଗୋଟେ ଗୋଟେ ଖଡାରେ ଗୋଟେ ଗୋଟେ ଭୋଗ ପୁଡିଆ ବନ୍ଧାଯାଏ ।ତା ପରେ ସେଇ ଖଡାକୁ ନିର୍ଦ୍ଦିଷ୍ଟ ଯାଗାରେ ପୋତି ଦିଆଯାଏ ।ଖଡା ପୋତିବା ସମୟରେ ହରିବୋଲ ଧ୍ୱନି ଉଚ୍ଚାରଣ କରାଯାଇଥାଏ। ଚାଷ ଜମିର ହିଡରେ ଭୋଗ ବନ୍ଧାଯାଇଥିବା ଖଡାକୁ ପୋତି ଦିଆଯାଏ।

ଗାଁ ପିଲା ମାନେ ଅନାଇ ରହିଥାଆନ୍ତି। ସେମାନେ ଖଡାରୁ ଭୋଗ କାଢିନେଇ ଖାଇ ଥାଆନ୍ତି। ଖଡା ପୋତିବା କୁ ଯାଇଥିବା ବ୍ୟକ୍ତି ଘରକୁ ଫେରିବା ପରେ ଯେଉଁ ସାତ ପ୍ରକାର ଶାଗ ପୂର୍ବ ଦିନରୁ ତୋଳା ଯାଇଥାଏ ତାକୁ ଖଡରାଯାଏ ।ସେଇ ଶାଗ ସହ ବିଭିନ୍ନ ପିଠାପଣା ସମସ୍ତେ ମିଶି ଖାଇଥାଆନ୍ତି। କୁହାଯାଏ ଏହି ପୂଜା ଦ୍ୱାରା ଧାନ ଗଛ ସନ୍ତୁଷ୍ଟ ହୋଇଥାଏ ଏବଂ ଭଲ ଧାନ ଫସଲ ହୋଇଥାଏ।

ଲୋକ ବିଶ୍ୱାସ ଅନୁଯାୟୀ ପୁରୀ ଜିଲ୍ଲାରେ ଏହିଦିନ ଏକ ନୂତନ ହାଣ୍ଡିରେ ଜୀବନ୍ତ ନାଗସର୍ପ କୁ ରଖାଯାଇ ସହର ପରିକ୍ରମା କରା ଯାଇଥାଏ ଏବଂ ସନ୍ଧ୍ୟାରେ ସେ ସର୍ପକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଏ ।ଏହି ସମୟରେ ସମସ୍ତଙ୍କୁ ଚକ୍ର କେଦାର ଗଦ ପ୍ରସାଦ ଭାବରେ ସେବନ କରିବାକୁ ଦିଆଯାଏ। କୁହାଯାଏ ଏହିଦିନ ଗଦ ସେବନ କଲେ ସର୍ପଦଂଶନର ଭୟ ରହି ନଥାଏ। ଏହି ଦିନଟି ଆମ ଧର୍ମ ଓ ବିଶ୍ୱାସର ଏକ ବିଶେଷ ଦିନ ଭାବରେ ପାଳନ କରାଯାଇଥାଏ।


+ ଅତିରିକ୍ତ କମିଶନର (ଅପିଲ୍)
ଦ୍ରବ୍ୟ ଓ ସେବା କର
ପୁରୀ ଚକଲା, ପୁରୀ
(ମୋ) ୯୪୩୮୧୪୬୨୦୦


## ସରକାର କିଛି ଉପାୟ କର

### ଜୟନ୍ତ କୁମାର ମଲ୍ଲିକ୍



ଚଷା ପୁଅ ଆଉ କରୁନି ହଳ
ଗାଆଁରେ ଦେଖୁନି ଗୋରୁ ଗୁହାଳ ।
ଟ୍ରାକଟର ନେଇ କଲେଣି ଚାଷ
ଫସଲରେ ଦେଲେ ବିଦେଶୀ ବିଷ ।
ଆଗପରି ହସୁ ନାହିଁ ତ ଦେଶ
ଦୂଷିତ ହେଲାଣି ଏ ପରିବେଶ ।
ତାକୁ ଖାଇ ରୋଗ ଆସୁଛି ମାଡ଼ି
ଖାଇଲେ ଔଷଧ ଯାଉନି ଛାଡ଼ି ।
ହରମୋନ ବିଷ ଫସଲ ଖାଇ
ସବୁ ଅସୁବିଧା ହେଉଛି ଭାଇ ।
ଅଦିନ ବରଷା ଆସୁଛି ମାଡ଼ି
ଲାଗିକି ରହୁଛି ଯାଉନି ଛାଡ଼ି ।
ସବୁ ଫସଲକୁ ନଷ୍ଟ କରୁଛି
ଚାଷୀଙ୍କ କରଜ ବଢ଼ି ଚାଲିଛି ।
ଏହିସବୁ କ୍ଷତି ଭୋଗିଲେ ଚାଷୀ
କାହିଁକି ନଦେବ ଗଳାରେ ଫାଶୀ ।
ସରକାର କିଛି ଉପାୟ କର
ନଥାଉ ଚାଷୀଙ୍କ ଚାଷରେ ଡର ।


+ ଶୁରଡ଼ିହ, ନନ୍ଦିପୁର, ଯାଜପୁର
ମୋ: ୯୪୩୭୮୬୫୭୨୭





## ବୁଲାଣି

### ଡ. ଦୀପକ କୁମାର ମିଶ୍ର



ଯେଉଁ ଛକ, ବାଙ୍କ ବୁଲାଣିରେ
ତୁମେ ହେଲ ଘୋର ବାଟବଣା
ସେଇଠି ହିଁ ଲେଖାଥିଲା
କ୍ଷିପ୍ର ଆଖି ଆଢୁଆଳରେ
ତୁମେ ଖୋଜୁଥିବା ଘରଟିର
ସମ୍ପୂର୍ଣ ଠିକଣା ।
ବୁଲାଣିର ଗଣ୍ଠି ଗଣ୍ଠିରେ
ଜୀବନର ଗଦ୍ୟ
ପଡ଼ି, ଉଠି, ଝୁଣ୍ଟି ଆଗକୁ ବଢ଼ିବାର
ଟିପେ ଟିପେ କୋମଳ ଓ ଜଟିଳ
ସାରାଂଶ,
ତୁମେ ବୁଝ କି ଅବୁଝା ହୁଅ
କେଉଁ ବଦଳେଇ ଦେଇ ପାରିବ ଯେ
ସମ୍ପର୍କର ସମସ୍ତ ରେଖାଙ୍କିତ
ଭୌଗଳିକ ଚିତ୍ର, ମାନଚିତ୍ର ।
ଯେତେ ସତର୍କତା ଅବଲମ୍ବନ କର
ଯେତେ ତୁମ୍ଭି ତୋଫାନ, ବିତର୍କ କର
ବୁଲାଣି ଗୁଡ଼ିକରେ ଛୋଟମୋଟ
ଦୁର୍ଘଟଣାମାନ
ଘଟିବ ହିଁ ଘଟିବ,
ଆଶ୍ୱାସନାର ଚରମପତ୍ର
ରାସ୍ତା ସାରା ଯେତେ ବାଣ୍ଟିଲେ ବି
କିଏ ଗୋଟେ ତ ଲହୁ ଲୁହାଣ
ହେବ ହିଁ ହେବ ।
ସେଦିନ ସନ୍ଧ୍ୟାରେ
ଫେରୁଥିବା ଲୋକଟିର
ଘର ପାଖ ବୁଲାଣିରେ
ଛକି ବସିଥିଲା ମୃତ୍ୟୁଦୂତଟିଏ
ଅବଶ୍ୟ ବଞ୍ଚିବାର ଦୁର୍ବାର ଇଚ୍ଛାରେ
ବାଟୋଇ ବୁଲାଣି ହେଇ
ପାରେନି ନିଜେ
ବୁଲେଇ ପାରେନି
ନିଜ ଭାଗ୍ୟର ଗନ୍ତବ୍ୟସ୍ଥଳ
ତେଣୁ ତ ନିଜକୁ ସଅଁପିଦିଏ
ହାତ ଟେକି ଦୁର୍ଭାଗ୍ୟର
ଦୁର୍ଦ୍ଦିନ ଦୁଆରେ ।
ଦିନେ ଯେଉଁ ବୁଲାଣିରେ ଭେଟିଥିଲି
ମୋ ଜୀବନର ପ୍ରଥମ ପ୍ରେମକୁ
ଏବେ ତା'ର ବାମ କଡ଼େ ଅଛି
ପଶ୍ଚାତାପର ନିରବ ପ୍ରୀତି ସୌଧଟିଏ ।


+ ଭୁବନେଶ୍ୱର
(ମୋ:) ୮୨୮୦୨୧୧୦୦୦

# ନୂଆ ଫିଲ୍ମରେ ଆହାନଙ୍କ ନୂଆ ଲୁକ୍, ଖୁବଶୀଘ୍ର ଆରମ୍ଭ ହେବ ସୁଟିଂ



ଚଳିତ ବର୍ଷ 'ସୈୟାରା' ଜରିଆରେ ବଲିଉଡ୍‌ରେ ପଦାର୍ପଣ କରିଛନ୍ତି ଆହାନ ପାଣ୍ଡେ । ଫିଲ୍ମଟି ବକ୍ସ ଅଫିସ୍ ରେକର୍ଡ ଭାଙ୍ଗି ବ୍ଲକ୍‌ବଷ୍ଟର ହେଲା । ପ୍ରଥମ ଫିଲ୍ମରେ ରାତାରାତି ଷ୍ଟାର ପାଲଟିଗଲେ ଆହାନ । ମୋହିତ ସୁରୀଙ୍କ ନିର୍ଦ୍ଦେଶିତ 'ସୈୟାରା'ରେ ସେ ଜଣେ ମ୍ୟୁଜିସିଆନ୍ ଭାବେ ପରଦାକୁ ଆସିଥିଲେ । ଏବେ ଆଉ ଏକ ଅଧ୍ୟାୟ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛନ୍ତି । ଅପ୍‌କମିଙ୍ଗ ଫିଲ୍ମ ପାଇଁ ଆହାନ ନିଜର ନୂଆ ଲୁକ୍ ଜାରି କରିଛନ୍ତି । ଯଶରାଜ ଫିଲ୍ମସ ଅଧୀନରେ ଅଲି ଅବ୍ବାସ ଜଫରଙ୍କ ନିର୍ଦ୍ଦେଶନାରେ ଫିଲ୍ମଟି ପ୍ରସ୍ତୁତ ହେବ ।

ଏହି ଆକ୍ସନ୍-ରୋମାନ୍ସ ଫିଲ୍ମରେ ଆହାନଙ୍କ ଅପୋଜିଟ୍‌ରେ ସ୍କ୍ରିନ୍ ଶେୟାର କରିବେ ଶର୍ଭରୀ ୱାଗ । ବୁଧବାର ଇନ୍‌ଷ୍ଟା ପୋଷ୍ଟ୍‌ରେ ଆହାନ ନିଜର ନୂଆ ଲୁକ୍ ଶେୟାର କରିବା ପରଠୁ ଚର୍ଚ୍ଚାର ବିଷୟ ହୋଇଛନ୍ତି । ତାଙ୍କର ଲମ୍ବା କେଶ ଓ ଦାଢ଼ି ଲୁକ୍ ଆଉ ନାହିଁ । କେଶକୁ ଛୋଟ କରି ଦାଢ଼ି କାଟି ଦେଇଛନ୍ତି । 'ସୈୟାରା'ରେ ସେ ଲଭର ବୟ ଭାବେ ପରଦାକୁ ଆସିଥିଲେ । ଏଥର କିନ୍ତୁ ତାଙ୍କର ଦମ୍‌ଦାର ଓ କଠୋର ଲୁକ୍ ଦେଖିବାକୁ ମିଳିବ । ଫଟୋ ସହିତ କ୍ୟାପ୍‌ସନରେ ସେ ଲେଖିଛନ୍ତି 'କେଶ କଟିଗଲା ।' ୨୦୨୬ ଆରମ୍ଭରେ ଫିଲ୍ମର ସୁଟିଂ ଆରମ୍ଭ ହେବ । ନିର୍ମାତା ଅଦ୍ୟାବଧି ଫିଲ୍ମର ଟାଇଟଲ ଘୋଷଣା କରିନାହାନ୍ତି ।



# 'କାନ୍ତାରା ଚାପ୍ଟର ୧' ସଫଳତାର ରାଜ୍ ଖୋଲିଲେ ରିଷବ, କହିଲେ-'ଏହି ଫିଲ୍ମ ମୋର ସ୍ୱପ୍ନ ଥିଲା'

ରିଷବ ସେଟ୍ଟୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'କାନ୍ତାରା ଚାପ୍ଟର ୧' ବକ୍ସ ଅଫିସରେ ସୁନାମି ଆଣିଛି । ସମୟ ବଢିବା ସହ ଏହାର ଆୟ ମଧ୍ୟ ଦିନକୁ ଦିନ ବଢି ଚାଲିଛି । ସବୁଠୁ ବଡ କଥା ହେଉଛି, ଏହାର କାହାଣୀ ଦର୍ଶକଙ୍କୁ ଛୁଇଁଛି । 'କାନ୍ତାରା ଚାପ୍ଟର ୧' ୨୦୨୨ରେ ରିଲିଜ ହୋଇଥିବା 'କାନ୍ତାରା' ର ପୂର୍ବ କାହାଣୀ । ପ୍ରାୟ ଫିଲ୍ମରେ ସିକ୍ୱେଲ ରିଲିଜ୍ ହେଉଥିଲାବେଳେ ରିଷବ କିନ୍ତୁ ଏହାର ପ୍ରିକ୍ୱେଲ ଆଣିଥିଲେ । ଫିଲ୍ମର କାହାଣୀ, ଚରିତ୍ର ଓ ଭିଏଫଏକ୍ସକୁ ବହୁତ ଭଲ ଭାବେ ବଡ ପରଦାରେ ପ୍ରଦର୍ଶନ କରାଯାଇଛି । ଖାସ୍ ଏହି କାରଣରୁ ଫିଲ୍ମଟି ବକ୍ସ ଅଫିସରେ ଧମାଲ କରିଛି ।

ନିକଟରେ ଏକ ଇଭେଣ୍ଟରେ ଯୋଗ ଦେଇ ନିଜେ ରିଷବ ଏହାର ସଫଳତାର ରାଜ ଖୋଲିଛନ୍ତି । ରିଷବ କହିଛନ୍ତି, 'ଏହି ଫିଲ୍ମ ଓ ଏହାର ଚରିତ୍ରଗୁଡିକ ମୋର ସ୍ୱପ୍ନ ଥିଲା, ଯାହାକୁ ମୋ ଟିମ୍ ଆପଣେଇ ନେଇଥିଲା । ଆମେ ଯେତେ ଆମର ଆଞ୍ଚଳିକ କାହାଣୀକୁ ଦେଖାଇବା ଏହା ସେତେମାତ୍ରାରେ ବିଶ୍ୱସ୍ତରରେ ଆଦୃତ ହେବ ।' ରିଷବ ଏଥିରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶକ ଓ ଲେଖକ ମଧ୍ୟ ।



# ଓଟିଟିରେ ରିଲିଜ ହେବ ବ୍ରାଡ ପିଟ୍‌ଙ୍କ ବ୍ଲକବଷ୍ଟର ଏଫ୧, ଜାଣନ୍ତୁ କେବେ...

ବ୍ରାଡ ପିଟ୍‌ଙ୍କ ଏଫ୧: ଦି ମୁଭି ସାରା ବିଶ୍ୱରେ ହିଟ୍ ହୋଇଥିଲା । ଏହା ଭାରତରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲା । ଏହାର ପ୍ରଭାବଶାଳୀ ଥିଏଟର ପ୍ରଦର୍ଶନ ପରେ, ଏହା ୨୦୨୫ର ସବୁଠାରୁ ବଡ଼ ବ୍ଲକବଷ୍ଟର ମଧ୍ୟରୁ ଗୋଟିଏ ହୋଇଥିଲା । ଆଉ ଏବେ ଫିଲ୍ମଟି ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଂ ପାଇଁ ପ୍ରସ୍ତୁତ । ତେବେ ଆସନ୍ତୁ ଜାଣିବା ବ୍ରାଡ ପିଟ୍‌ଙ୍କ ଏଫ୧: ଦି ମୁଭି କେବେ ଏବଂ କେଉଁଠି ଡିଜିଟାଲରେ ଡେବ୍ୟୁ ହେବ ।

ଏହି ଆପେଲ ଅରିଜିନାସ ଫିଲ୍ମର ଏହି ଟାଇଟଲ୍ ଡିସେମ୍ବର ୧୨ରେ ଆପେଲ ଟିଭିରେ ସାରା ବିଶ୍ୱରେ ରିଲିଜ୍ ହେବ । ସୋସିଆଲ ମିଡିଆରେ ଆପେଲ ଟିଭି ନିଜର ଅଫିସିଆଲ ଆନାଉନ୍ସମେଣ୍ଟରେ ଲେଖିଛି, 'ଏଫ୧: ଦି ମୁଭି ଡିସେମ୍ବର ୧୨ରୁ ଆପେଲ ଟିଭିରେ ସ୍ୱତନ୍ତ୍ର ଭାବରେ ଷ୍ଟ୍ରିମ୍ ହେବା ପାଇଁ ଉପଲବ୍ଧ ।' ଏହି ଚଳଚ୍ଚିତ୍ରଟି ବିଶ୍ୱବ୍ୟାପୀ ଆଶାଠାରୁ ଅଧିକ ଆୟ କରିଥିଲା, ୬୨୯ ନିୟୁତରୁ ଅଧିକ ଆୟ କରିଥିଲା ? ଏବଂ ଅନେକ ବକ୍ସ ଅଫିସ୍ ରେକର୍ଡ ଭାଙ୍ଗିଥିଲା । ଏହି ଚଳଚ୍ଚିତ୍ରଟି ୧୬୮ ଦିନ ପାଇଁ ଥିଏଟରରେ ରହିଥିଲା, ଯାହା ବ୍ରାଡ୍ ପିଟ୍‌ଙ୍କ କ୍ୟାରିଅରର ସର୍ବାଧିକ ଆୟକାରୀ ଲାଇଭ୍-ଆକ୍ସନ୍ ଚଳଚ୍ଚିତ୍ର ହୋଇଥିଲା । ଏହି ରୋମାଞ୍ଚକର ନାଟକ ଦର୍ଶକ ଏବଂ ସମାଲୋଚକ ଉଭୟଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଥିଲା, 'ଇ' ସିନେମାସ୍କୋର ଅର୍ଜନ କରିଥିଲା । ପ୍ରଯୋଜକ ଜେରି ବ୍ରୁକହାଇମର୍ ହଲିଉଡ୍ ରିପୋର୍ଟରକୁ ଦେଇଥିବା ଏକ ବିବୃତ୍ତିରେ ଫିଲ୍ମ ବିଷୟରେ କହିଛନ୍ତି, 'ବିଶ୍ୱବ୍ୟାପୀ ଦର୍ଶକମାନେ ଥିଏଟରରେ ଏଫ୧: ଦି ମୁଭିକୁ ଭଲ ପାଉଛନ୍ତି ତାହା ଦେଖିବା ବହୁତ ଉତ୍ସାହଜନକ । ଏବେ, ଆମେ ଆପେଲ ଟିଭିରେର ଅତୁଳନୀୟ ବିଶ୍ୱ ପହଞ୍ଚ ମାଧ୍ୟମରେ ଏହି ରୋମାଞ୍ଚକର, ସିନେମା ଯାତ୍ରାକୁ ସାରା ବିଶ୍ୱର ପ୍ରଶଂସକମାନଙ୍କ ପାଖରେ ପହଞ୍ଚାଇବାକୁ ବହୁତ ଉତ୍ସାହିତ ।' ଜୋସେଫ କୋସିନସ୍କିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ବ୍ରାଡ ପିଟଙ୍କୁ ସହ ଡାମସନ ଇଡ୍ରିସ୍, କେରି କଣ୍ଡନ, ଟୋବିଆସ୍ ମେନଜିସ୍, କିମ୍ ବୋଡନିଆ ଏବଂ ଜାଭିୟର ବାର୍ଡେମ୍ ଅଭିନୟ କରିଛନ୍ତି ।

# ଚୁମ୍ବନ ଦୃଶ୍ୟ ପାଇଁ ଅନେକ ବଲିଉଡ୍ ଅଫର ଛାଡ଼ିଛନ୍ତି ସୋନମ, କହିଲେ-'ପଞ୍ଜାବ ଏହାକୁ ଗ୍ରହଣ କରିବନି'



ଚୁମ୍ବନ ଦୃଶ୍ୟ ପାଇଁ ଅନେକ ବଲିଉଡ୍ ଫିଲ୍ମ ଅଫର ଛାଡ଼ିଛନ୍ତି ପଞ୍ଜାବୀ ଷ୍ଟାର ସୋନମ ବାଜୱା । ତେବେ ଆତ୍ମ ବିଶ୍ୱାସ ନୁହେଁ, ଭୟ ଓ ନିଜ ଉପରେ ସନ୍ଦେହ ଯୋଗୁ ଏହି ନିଷ୍ପତ୍ତି ନେଇଥିଲେ ବୋଲି ସୋନମ କହିଛନ୍ତି । ପଞ୍ଜାବ ଦର୍ଶକ ପରଦାରେ ତାଙ୍କ ଅନ୍ତରଙ୍ଗ ଦୃଶ୍ୟକୁ କେମିତି ଗ୍ରହଣ କରିବେ, ସେହି ଚିନ୍ତାରେ ସୋନମ ଏ ନିଷ୍ପତ୍ତି ନେଇଥିଲେ । ପଞ୍ଜାବରେ ସୋନମ ଜଣେ ଲୋକପ୍ରିୟ ଅଭିନେତ୍ରୀ ଭାବେ ଖୁବ୍ ପରିଚିତ ।



ଏକ ଗଣମାଧ୍ୟମକୁ ସୋନମ କହିଛନ୍ତି, କ୍ୟାରିଅର ଆରମ୍ଭରେ ତାଙ୍କୁ ବଲିଉଡ୍ ଅଫର ମିଳିଥିଲା । ଏକାଧିକ ଫିଲ୍ମରେ ଚୁମ୍ବନ ଦୃଶ୍ୟ ଥିଲା । ପଞ୍ଜାବ ଏହାକୁ ଗ୍ରହଣ କରିବ ତ ? ପରିବାର ସହିତ ଫିଲ୍ମ ଦେଖିବା ମାନସିକତା ପଞ୍ଜାବୀଙ୍କର ଥିବାରୁ ସୋନମ ଫିଲ୍ମ ସାଇନ୍ କରିବାକୁ ଖୁବ୍ ଡରିଯାଇଥିଲେ । ନିଜ ପରିବାର କଥା ମଧ୍ୟ ସେ ଚିନ୍ତା କରିଥିଲେ । ଏଭଳି ଅନେକ ଦ୍ୱନ୍ଦ୍ୱାତ୍ମକ ପ୍ରଶ୍ନ ତାଙ୍କ ମୁଣ୍ଡରେ ଥିଲା । କିନ୍ତୁ ମାତାପିତାଙ୍କ ସହ ଖୋଲା କଥା ହେବା ପରେ ସେମାନେ ରାଜି ହେଲେ । ଯଦି ଏହା ଫିଲ୍ମ ପାଇଁ କରିବାକୁ ପଡ଼ିବ, ତେବେ କିଛି ସମସ୍ୟା ନାହିଁ ବୋଲି ସେମାନେ ସୋନମଙ୍କୁ ଆଶ୍ୱସ୍ତ କଲେ । ଶେଷ ଥର ଅକ୍ଷୟ କୁମାରଙ୍କ 'ହାଉସ୍‌ଫୁଲ-୫'ରେ ପରଦାକୁ ଆସିଥିଲେ ସୋନମ । ଆସନ୍ତା ୨୧ ତାରିଖରେ ତାଙ୍କ ଫିଲ୍ମ 'ଏକ୍ ଦିୱାନେ କୀ ଦିୱାନୀୟତ୍' ମୁକ୍ତିଲାଭ କରିବ, ଯାହାକୁ ସେ ଉତ୍ସାହର ସହ ଅପେକ୍ଷା କରିଛନ୍ତି ।

# 'ଦ'ପାରାଡାଇଜ'ରେ ନଜର ଆ'ସିବେ, ରାଘବ ଜୁୟାଲ



ବଲିଉଡ ପରେ ସାଉଥ ଇଣ୍ଡଷ୍ଟ୍ରିରେ ଏବେ ନିଜର ଜଲୱା ଦେଖାଇବାକୁ ଯାଉଛନ୍ତି ରାଘବ । ସେ ସାଉଥ ଫିଲ୍ମ "ଦ ପାରାଡାଇଜ୍" ରେ ଅଭିନୟ କରିବାକୁ ଯାଉଛନ୍ତି । ସେ ଏହି ଫିଲ୍ମରେ ତେଲୁଗୁ ସୁପରଷ୍ଟାର ନାନିଙ୍କ ସହ ନଜର ଆସିବେ । ନେଗେଟିଭ ରୋଲରେ ରାଘବଙ୍କୁ ଫିଲ୍ମରେ ଦେଖିବାକୁ ମିଳିବ । ଏହି ଫିଲ୍ମଟି ଭାରତୀୟ ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ଯାହା ସ୍ପାନିସ୍ ସମେତ ବହୁ-ଭାଷା ମୁକ୍ତିଲାଭ କରୁଛି । 'ଦଶରା' ଫେମ୍ ଶ୍ରୀକାନ୍ତ ଓଡେଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଦର୍ଶକଙ୍କୁ ଏକ ରୋମାଞ୍ଚକର ଏବଂ ବିଶ୍ୱସ୍ତରୀୟ ସିନେମା ଅଭିଜ୍ଞତା ଦେବାକୁ ପ୍ରତିଶ୍ରୁତି ଦେଇଛି ।

ଫିଲ୍ମକୁ ନେଇ ରାଘବ କହିଛନ୍ତି, "ମୋର ପରବର୍ତ୍ତୀ ଚଳଚ୍ଚିତ୍ର "ଦ ପାରାଡାଇଜ୍" ରେ ମୋତେ ନାନିଙ୍କ ସହ ଦେଖନ୍ତୁ । ନାନି, ଜଣେ ନ୍ୟାଚୁରାଲ ଷ୍ଟାର, ମୁଁ ତାଙ୍କ ସହ କାମ କରିବାକୁ ବହୁତ ଭାଗ୍ୟବାନ ମନେ କରୁଛି । ଏହା ସ୍ପାନିସ୍, ତେଲୁଗୁ ଏବଂ ହିନ୍ଦୀରେ ମୁକ୍ତିଲାଭ କରୁଛି । ଶ୍ରୀକାନ୍ତ ଓଡେଲାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ନାଚୁରାଲ ଷ୍ଟାର ନାନି ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି, ଯିଏ ପୁଣିଥରେ ତାଙ୍କର ଅନନ୍ୟ ସ୍କ୍ରିନ୍ ଉପସ୍ଥିତି ସହିତ ଦର୍ଶକଙ୍କୁ ଆକର୍ଷିତ କରିବାକୁ ପ୍ରସ୍ତୁତ । ଫିଲ୍ମର ସଙ୍ଗୀତ ପ୍ରଖ୍ୟାତ ସଂଗୀତଜ୍ଞ ଅନିରୁଦ୍ଧ ରବିଚନ୍ଦ୍ରଙ୍କ ଦ୍ୱାରା ରଚିତ । ପ୍ରୋଜେକ୍ଟ ଟିମ୍‌ରେ ସିନେମାଟୋଗ୍ରାଫର ସି.ଏଚ୍. ସାଇ, ସମ୍ପାଦକ ନବୀନ ନୁଲି ଏବଂ ପ୍ରଡକ୍ସନ୍ ଡିଜାଇନର୍ ଅଭିନାଶ କୋଲ୍ଲାଙ୍କ ଭଳି ପ୍ରମୁଖ ନାମ ଅନ୍ତର୍ଭୁକ୍ତ । ଏସଏଲଭି ସିନେମା ଦ୍ୱାରା ନିର୍ମିତ, ଦି ପାରାଡାଇଜ୍ ୨୬ ମାର୍ଚ୍ଚ, ୨୦୨୬ରେ ସିନେମା ହଲରେ ମୁକ୍ତିଲାଭ କରିବ । ଏହି ଚଳଚ୍ଚିତ୍ରଟି ୮ ଟି ଭାଷାରେ ମୁକ୍ତିଲାଭ କରିବ ।

# ଚଳିତ ବର୍ଷର ୫ ଅଭିନେତ୍ରୀଙ୍କ ସଫଳ ଫିଲ୍ମ, ତାଲିକାରେ ନାହାନ୍ତି ଦୀପିକା ଓ ଆଲିଆ

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଅନେକ ଫିଲ୍ମ ଆସିଲାଣି ସିନେମା ଘରକୁ, ଯେଉଁଥିରେ ରହିଛି ବେଶ୍ କେତେ ଜଣ ନାମୀ ତାରକାଙ୍କ ସିନେମା । ଯଦିଓ ଏସବୁ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ମାତ୍ର କେତୋଟି ଦେଶ-ବିଦେଶର ବକ୍ସ ଅଫିସ୍‌ରେ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଛି । ପୁଣି ଆଶ୍ଚର୍ଯ୍ୟର କଥା ଯେ ଏ ବର୍ଷ ଯେଉଁ ଅଭିନେତ୍ରୀଙ୍କ ଅଭିନୀତ ଫିଲ୍ମ ସଫଳ ହୋଇଛି, ସେଗୁଡ଼ିକ ମଧ୍ୟରୁ ଶୀର୍ଷ ୫ଟି ସ୍ଥାନ ତାଲିକାରେ ନାହିଁ ଦୀପିକା ପାଦୁକୋନ କିମ୍ବା ଆଲିଆ ଭଟ୍ଟଙ୍କ ନାଁ । ଯଦି ଏହି ଦି' ଜଣ ନାମୀ ଅଭିନେତ୍ରୀଙ୍କ ନାଁ ନାହିଁ, ତା'ହେଲେ ଆଉ କେଉଁ ଅଭିନେତ୍ରୀ ଏହି ୫ ଶୀର୍ଷ ସ୍ଥାନ ହାସଲ କରିବାର ଗୌରବ ଲାଭ କରିଛନ୍ତି ଜାଣିବା ଏହି ଆଲେଖ୍ୟରୁ ।

ରଶ୍ମିକା ମନ୍ଦାନା : ପିରିୟଡ ଡ୍ରାମା ଫିଲ୍ମ 'ଛାୱା' ଏ ବର୍ଷର ସବୁଠୁ ଅଧିକ ରୋଜଗାର କରିଥିବା ସିନେମା । ବିକ୍କି କୌଶଲ ଏଥିରେ ମୁଖ୍ୟ ନାୟକ ଚରିତ୍ର ନିର୍ବାହ କରିଥିବାବେଳେ ତାଙ୍କ ବିପକ୍ଷରେ ନାୟିକା ଭାବେ ନଜର ଆସିଛନ୍ତି ରଶ୍ମିକା ମନ୍ଦାନା । 'ଛାୱା' ବିଶ୍ୱବ୍ୟାପୀ ରୋଜଗାର କରିଛି ୮୦୦ କୋଟିରୁ ଅଧିକ ଟଙ୍କା । ଏହି କାରଣରୁ ରଶ୍ମିକା ଏ ବର୍ଷର ଶୀର୍ଷ ହିରୋଇନ୍‌ମାନଙ୍କ ମଧ୍ୟରେ ଅଛନ୍ତି ସବା ଉପର ସ୍ଥାନରେ ।

ଅନୀତ ପଡ୍ଡା : ମ୍ୟୁଜିକାଲ୍ ରୋମାଣ୍ଟିକ୍ କମେଡି ଫିଲ୍ମ 'ସୈୟାରା'ରେ ଅଭିନୟ କରି ସିନେପ୍ରେମୀଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନର ଅଧିକାରିଣୀ ହୋଇଛନ୍ତି ଅନୀତ । ନବାଗତ ଅଭିନେତା ଅହାନ ପାଣ୍ଡେ ଓ ଅନୀତ ଷ୍ଟାରର 'ସୈୟାରା' ଦେଶ ବିଦେଶରେ ଖୁବ୍ ଲୋକପ୍ରିୟତା ସାଉଁଟିଛି । ଦର୍ଶକ ବିଶେଷକରି ନୂଆପିଢ଼ିର ସିନେପ୍ରେମୀ ଏ ଫିଲ୍ମଟିକୁ ଭରପୂର ଭଲପାଇବା ଦେଇଛନ୍ତି ଓ ଏହା ବ୍ଲକବଷ୍ଟର ସାବ୍ୟସ୍ତ ହୋଇଛି । ଫିଲ୍ମ ସଫଳତା ଲାଭ କରିବା ସହିତ ଅନୀତଙ୍କ ଅଭିନୟକୁ ସବୁଆଡୁ ମିଳିଛି ଭୂରି ଭୂରି ପ୍ରଶଂସା । ବଲିଉଡ ହଙ୍ଗାମାର ରିପୋର୍ଟ ଅନୁସାରେ, 'ସୈୟାରା' ବିଶ୍ୱବ୍ୟାପୀ କଲେକ୍‌ସନ କରିଛି ୫୭୯.୨୩ କୋଟି ଟଙ୍କା । ଏ ଦୃଷ୍ଟିରୁ ଅନୀତ ପଡ୍ଡା ୨୦୨୫ରେ ବକ୍ସ ଅଫିସ୍ ?ରେ ନିଜର ଦବଦବା ରଖିଥିବା ଅଭିନେତ୍ରୀଙ୍କ ତାଲିକାରେ ଲାଭ କରିଛନ୍ତି ଦ୍ୱିତୀୟ ସ୍ଥାନ ।

କିଆରା ଆଡଭାନୀ : ଅଭିନେତ୍ରୀ କିଆରା ଆଡଭାନୀ ଏ ତାଲିକାରେ ଅଛନ୍ତି ତୃତୀୟ ସ୍ଥାନରେ । ଅୟନ ମୁଖାର୍ଜୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ୱାଇଆର ଏଫ୍ ସ୍ପାଇ ୟୁନିଭର୍ସ ବ୍ୟାନରର ଫିଲ୍ମ 'ୱାର ୨' ଏ ବର୍ଷର ସବୁଠୁ ସଫଳ ଫିଲ୍ମଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏ ଫିଲ୍ମରେ ଋତ୍ୱିକ ରୋଶନ, ଜୁନିୟର ଏନ୍‌ଟିଆର ଓ କିଆରା ଆଡଭାନୀ ନଜର ଆସିଛନ୍ତି । ଆରମ୍ଭରେ ଏ ଫିଲ୍ମ ଖୁବ୍ ବଢ଼ିଆ ରୋଜଗାର କରିଥିଲା କିନ୍ତୁ ପରେ ଏହାର ବ୍ୟବସାୟ କମିବାରେ ଲାଗିଲା ଓ ଆଶାନୁରୂପ କଲେକ୍ସନ କରିବାରେ ବିଫଳ ହେଲା । ବଲିଉଡ ହଙ୍ଗାମା ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁସାରେ, ବିଶ୍ୱବ୍ୟାପୀ 'ୱାର ୨'ର ବ୍ୟବସାୟ ଥିଲା ୩୦୩.୨୨ କୋଟି ଟଙ୍କା ।

ଜେନେଲିଆ ଡିସୁଜା : ଏ ବର୍ଷ ରିଲିଜ ହୋଇଥିଲା ଆମୀର ଖାନ ଅଭିନୀତ ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର 'ସିତାରେ ଜମିନ ପର' । ଏ ଫିଲ୍ମ ଜରିଆରେ ବଡ଼ ପରଦାକୁ କମ୍‌ବ୍ୟାକ କରିଥିଲେ ମିଷ୍ଟର ପରଫେକ୍ସନିଷ୍ଟ ଆମୀର । କେବଳ ଆମୀର କାହିଁକି, ଏହି ଫିଲ୍ମ ଜରିଆରେ ଦୀର୍ଘ ଦିନ ପରେ ହିନ୍ଦୀ ଫିଲ୍ମକୁ ଲେଉଟାଣି କରିଥିଲେ ଅଭିନେତ୍ରୀ ଜେନେଲିଆ ଡିସୁଜା । ଏ ଫିଲ୍ମକୁ ଢେର ପସ୍‌ଦ କରିଥିଲେ ଦର୍ଶକ । ବଲିଉଡ ହଙ୍ଗାମା ପ୍ରଦତ୍ତ ରିପୋର୍ଟ ଅନୁସାରେ 'ସିତାରେ ଜମିନ ପର'ର ବିଶ୍ୱବ୍ୟାପୀ ବ୍ୟବସାୟ ଥିଲା ୨୬୬.୪୯ କୋଟି ଟଙ୍କା । ବ୍ୟବସାୟ ମାମଲାରେ ଏ ବର୍ଷର ଚତୁର୍ଥ ବଡ଼ ଫିଲ୍ମ ହୋଇଥିବାରୁ ଏହାର ଅଭିନେତ୍ରୀ ଜେନେଲିଆ ଡିସୁଜା ମଧ୍ୟ ଲୋକପ୍ରିୟ ଅଭିନେତ୍ରୀଙ୍କ ତାଲିକାରେ ଚତୁର୍ଥ ସ୍ଥାନ ଲାଭ କରିଛନ୍ତି ।



ବାଣୀ କପୁର : ଅଜୟ ଦେବଗନ ଅଭିନୀତ 'ରେଡ ୨'ରେ ମୁଖ୍ୟ ନାୟିକା ଚରିତ୍ର ନିର୍ବାହ କରିଥିଲେ ବାଣୀ କପୁର । ଏହି ଫିଲ୍ମକୁ ମଧ୍ୟ ବେଶ ପସନ୍ଦ କରିଥିଲେ ଦର୍ଶକ । ଶୁଭମୁକ୍ତିର ପାଞ୍ଚ ଦିନରେ ହିଁ 'ରେଡ ୨' ନିଜର ବଜେଟ ଅସୁଲ କରିନେଇଥିଲା । ଫିଲ୍ମର ବ୍ୟବସାୟ କଥା ଯଦି ଆଲୋଚନା କରାଯାଏ, ତା'ହେଲେ ବଲିଉଡ ହଙ୍ଗାମାର ହିସାବ ମୁତାବକ 'ରେଡ ୨' ସମଗ୍ର ବିଶ୍ୱରେ ୨୪୩.୦୬ କୋଟି ଟଙ୍କା ବ୍ୟବସାୟ କରିଥିଲା । ଏହା ସହିତ ବାଣୀ କପୁରଙ୍କୁ ମିଳିଥିଲା ପଞ୍ଚମ ସ୍ଥାନ ।

# ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସର୍ବଦର୍ଶନ ବିଭାଗର ରାଷ୍ଟ୍ରୀୟ ସଂଗୋଷ୍ଠୀ

ପୁରୀ, ୧୬/୧୦ (ନି.ପ୍ର): - ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗଦ୍ୱାରା ଆୟୋଜିତ ୧୫ ରୁ ୧୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଭାରତୀୟ ଜ୍ଞାନପରମ୍ପରାରେ ଯୋଗବିଜ୍ଞାନ ଶୀର୍ଷକ ଦୁଇଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ବୁଧବାର ଦିନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ କରକମଳରେ ଉଦଘାଟିତ ହୋଇଯାଇଛି । ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀର ମାନ୍ୟବର ସାଂସଦ ଡ. ସଂବିତ୍ କୁମାର ପାତ୍ର ଯୋଗଦାନ କରି ଯୋଗବିଜ୍ଞାନ ସମ୍ବନ୍ଧୀୟ ବହୁ ବୈଜ୍ଞାନିକ ତତ୍ୱ ବ୍ୟାଖ୍ୟାନ କରିଥିଲେ। ଯୋଗ ବିଜ୍ଞାନସମ୍ମତ ଓ ଏକ ବିଶାଳ ଆଧ୍ୟାତ୍ମିକ ଶାସ୍ତ୍ରବୋଲି ସେ ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବରେ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ଦର୍ଶନବିଭାଗର ପ୍ରାକ୍ତନ ଅଧକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନମିଶ୍ର ନିଜର ଓଜସ୍ୱିନୀ ବକ୍ତବ୍ୟ ପ୍ରଦାନ କରି ଯୋଗଶାସ୍ତ୍ରକୁ ସରଳ ଭାବରେ ବ୍ୟାଖ୍ୟା କରିଥିଲେ । ସମ୍ମାନିତବକ୍ତା ଭାବରେ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ ପାଲି ଓ ପ୍ରାକୃତବିଭାଗର ଆଚାର୍ଯ୍ୟ ପ୍ରଫେସର ନରୋତ୍ତମ ସେନାପତି ମଧ୍ୟ ତଦନୁରୂପ ଯୋଗର ଉପାଦେୟତା ବର୍ଣ୍ଣନା କରିଥିଲେ । ସମ୍ମାନିତ ଅତିଥି ଭାବରେ ବିଶ୍ୱଭାରତୀ ଶାନ୍ତି ନିକେତନର ଶିକ୍ଷାଶାସ୍ତ୍ର ବିଭାଗ ମୁଖ୍ୟ ପ୍ରଫେସର ସନତ୍ କୁମାର ରଥ ଯୋଗର ପ୍ରାସଂଗିକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ସାରସ୍ୱତ ଅତିଥି ଭାବରେ ଉଚ୍ଚଶିକ୍ଷାବିଭାଗର ପୂର୍ବତନ ସଚିବ ରମାକାନ୍ତ ନାୟକ ଯୋଗଶାସ୍ତ୍ର ବର୍ତମାନ କିଭଳି ଭାବରେ ନିଜର ପ୍ରଭାବ ବିସ୍ତାର କରିସାରିଛି ସେ ବିଷୟରେ ସ୍ୱକୀୟ ବକ୍ତବ୍ୟ ରଖିଥିଲେ । ସ୍ନାତକୋତର ପରିଷଦର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ସାହିତ୍ୟ ବିଭାଗର ଅଧକ୍ଷ ପ୍ରଫେସର ବସନ୍ତ କୁମାର ମିଶ୍ର ନିଜର ସାଭାପତ୍ୟ ଭାଷଣ ପ୍ରଦାନ କରି ସମସ୍ତଙ୍କୁ ଯୋଗପଥରେ ଗମନ କରିବାକୁ ଉପଦେଶ ପ୍ରଦାନ କରିଥିଲେ । ବହୁ ମାନ୍ୟଗଣ୍ୟ ବିଦ୍ୱାନବୃନ୍ଦ ଉକ୍ତ ଚର୍ଚ୍ଚାସତ୍ରରେ ଯୋଗଦାନ କରି ଭାରତୀୟ ଜ୍ଞାନପରମ୍ପରାରେ ଯୋଗବିଜ୍ଞାନ ଶୀର୍ଷକ ବିଷୟକ ଆଲୋଚନାରେ ଭାଗ ଗ୍ରହଣ କରି ଯୋଗର ମହନୀୟତା ଓ ଉପାଦେୟତା ବିଷୟରେ ଶ୍ରବଣ କରିଥିଲେ । ସର୍ବଦର୍ଶନ ବିଭାଗର ଅଧକ୍ଷ ତଥା ଚର୍ଚ୍ଚାସତ୍ରର ଉପଦେଷ୍ଟା ଡ.ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟ ଡ.ସସ୍ମିତା ବନ୍ଦର ନାୟକ ସଂଗୋଷ୍ଠୀର ନିର୍ଦ୍ଦେଶିକା ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ପାଣ୍ଡେ ସଭା ପରିଚାଳନା କରିଥିଲେ । ବ୍ୟାକରଣ ବିଭାଗର ଆଚାର୍ଯ୍ୟ ଡ. ଅଜୟକୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ବେଦ ବିଭାଗର ଆଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ। ଉକ୍ତ ଦ୍ୱିଦିବସୀୟ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଆଚାର୍ଯ୍ୟ, ଆଚାର୍ଯ୍ୟା, ଶୋଧଛାତ୍ର, ଶୋଧଛାତ୍ରୀ, ନିମନ୍ତ୍ରିତ ଅତିଥିବୃନ୍ଦ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗଦାନ କରି ଉକ୍ତ ସଂଗୋଷ୍ଠୀକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# କୋଣାର୍କରେ ଇକୋ ରିଟ୍ରିଟ୍ ଡିସେମ୍ବର ୧୩ ରୁ

ପୁରୀ, ୧୬/୧୦ (ନି.ପ୍ର): - କୋଣାର୍କ ମେରାଇନ ଡ୍ରାଇଭ ଠାରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବ ।ତେବେ ସମସ୍ତ ବିଭାଗ ସେମାନ ଙ୍କୁ ନ୍ୟସ୍ତ ଦାୟିତ୍ୱ କୁ ତ୍ୱରାନ୍ୱିତ କରି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଭିତିଭୂମି ପ୍ରସ୍ତୁତ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି । ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ସର୍କିଟ ହାଉସ ଠାରେ ଜିଲ୍ଲାପାଳ ଶ୍ରୀ ପରିଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୂର୍ବ ବର୍ଷ ର ଅଭିଜ୍ଞତା ଓ ଅନୁଭବ କୁ ଆଧାର କରି ଚଳିତ ବର୍ଷ ର ଇକୋ ରିଟ୍ରିଟ୍ କୁ ଅଧିକ ଆକର୍ଷଣୀୟ ଓ ମନୋଜ୍ଞ ଭାବେ ଆୟୋଜନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଯେଉଁ ବିଭାଗ ର ଯାହା ଦାୟିତ୍ୱ ତାହାକୁ ନିଷ୍ପାପର ଓ ଧାର୍ଯ୍ୟ ସମୟ ପୂର୍ବରୁ ସାରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ବିଭାଗ ପ୍ରତ୍ୟେକଙ୍କ ସହ ସମନ୍ୱୟ ରଖି କାମ କରି ବାହାରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ କହିଥିଲେ। ପର୍ଯ୍ୟଟନ ବିଭାଗ ଜିଲ୍ଲା ପ୍ରଶାସନ ଓ ଇ ଫାକ୍ଟର ଏଜେନ୍ସି ର ମିଳିତ ସହଯୋଗ ରେ ଇକୋ ରିଟ୍ରିଟ୍ ଚଳିତ ବର୍ଷ ଡିସେମ୍ବର ୧୩ ରୁ ୯୦ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଲକଜରି ଟେଂଟ ବ୍ୟବସ୍ଥା କରାଯିବ ଯେଉଁଥିରେ ତାରକା ହୋଟେଲ ଅନୁରୂପ ସୁବିଧା ଯୋଗାଇ ଦିଆଯିବ। ଇକୋ ରିଟ୍ରିଟ୍ ସମୟରେ ଜଳକ୍ରିଡା,ବିଚ ସ୍ପୋର୍ଟସ, ଇଣ୍ଡୋର ଗେମ ଇତ୍ୟାଦି ବ୍ୟବସ୍ଥା ମଧ୍ୟ ଉପଲବ୍ଧ ହେବ। ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ଚନ୍ଦ୍ରଭାଗା ଠାରୁ ରାମଚଣ୍ଡୀ ପର୍ଯ୍ୟନ୍ତ ରାସ୍ତା ଆଲୋକୀକରଣ, ମୋବାଇଲ ନେଟୱାର୍କ ସହ ସ୍ୱାସ୍ଥ୍ୟ ଚିକିତ୍ସା ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା,ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା,୨୪ ଘଂଟିଆ ଲାଇଫ ଗାର୍ଡ ବ୍ୟବସ୍ଥା କରାଯିବ। ପର୍ଯ୍ୟଟକ ମାନଙ୍କ ପାଇଁ ସାଂସ୍କୃତିକ କାର ?ୟ୍ୟକ୍ରମର ଆୟୋଜନ ମଧ୍ୟ କରାଯିବ ବୋଲି ସ୍ଥିର ହୋଇଛି । ସମସ୍ତ କାର୍ଯ୍ୟକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ଆସୁଥିବା ପର୍ଯ୍ୟଟକ ମାନେ ଯେପରି ଏକ ସୁଖଦ ଅନୁଭବ ନେଇ ଫେରିବେ ସେଥିପ୍ରତି ଯତ୍‌ବାନ ହେବାକୁ ପରାମର୍ଶ ଦେଇଥିଲେ।

ଏହି ବୈଠକରେ ଡିଏଫଓ ମଗର ଧନଜ ରାଓସୋ , ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ଦେବୀ ଶଙ୍କର ପ୍ରତାପ, ପୂର୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଦ୍ୱିବେଦୀ, ଓ୍ୱାଟକୋ ଜେନେରାଲ ମ୍ୟାନେଜର ବିକ୍ରମ ରାଉତ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ଅନ୍ୟାନ୍ୟ ବିଭାଗ,ଲାଇନ ଡିପାର୍ଟମେଂଟର ଅଧିକାରୀ ଓ ଇକୋ ରିଟ୍ରିଟ୍ ର ଆୟୋଜନ କରୁଥିବା ଇ ଫାକ୍ଟରର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

# ପୋଷଣ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶ୍ରେଷ୍ଠ ବିବେଚିତ

ପୁରୀ, ୧୬/୧୦ (ନି.ପ୍ର): - ଉପଯୁକ୍ତ ପୋଷଣ ଶିଶୁକୁ ସୁସ୍ଥ ଓ ନିରୋଗ ରଖିବା ସହ ତାହାର ମାନସିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ । ସେଥିପାଇଁ ପ୍ରତ୍ୟେକ ବର୍ଷ ସେପଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ପୋଷଣ ମାହ ବା ମାସର ଆୟୋଜନ କରାଯାଇଥାଏ। ଏହା ଦ୍ୱାରା ଉପଯୁକ୍ତ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାକୁ ଯେପରି ଲୋକାଭିମୁଖୀ କରାଯିବ ସେଥି ପ୍ରତି ବ୍ୟବସ୍ଥା କରାଯାଇଥାଏ। ବ୍ଲକ ସ୍ତରରୁ ଜିଲ୍ଲା ସ୍ତର ଓ ଜିଲ୍ଲା ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ପୋଷଣର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। କନଭରଜେଂଟ ଆକ୍ସନ ଓ ଡିଜିଟାଇଜେସନ,ଏର୍ଲି ଚାଇଲ୍ଡହୁଡ କେଆର ଓ ଏଜୁକେସନ, ଇନଫାନଟ୍ ଓ ୟଙ୍ଗ ଚାଇଲ୍ଡ ଫିଡ ପ୍ରାକ୍ଟିସ୍, ମେନ ଷ୍ଟ୍ରିମିଂ, ଆଡ୍ରେସ ଓବେସିଟି ଓ ଭୋକାଲ ଫର ଲୋକାଲ ଏହି ଭଳି ୬ଟି ବିନ୍ଦୁ କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜିର ରାଜ୍ୟସ୍ତରୀୟ ୮ମ ରାଷ୍ଟ୍ରୀୟ ପୋଷଣ ମାହ ବା ମାସ ୨୦୨୫ କାର୍ଯ୍ୟକ୍ରମରେ ବିଭିନ୍ନ ପୋଷଣ କାର୍ଯ୍ୟକଳାପରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରୀ ଜିଲ୍ଲାକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି ଏବଂ ରାଜ୍ୟ ମଧ୍ୟରେ ପୋଷଣର ମୁଖ ଚିହ୍ନନ ପ୍ରଣାଳୀରେ ମଧ ପୁରୀ ଜିଲ୍ଲା ପ୍ରଥମ ସ୍ଥାନ ହାସଲ କରିଛି। ଆଜି ଭୁବନେଶ୍ୱର ଲୋକସଭା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବ ରେ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ନିର୍ଦ୍ଦେଶକ ମନୀଷା ବାନାର୍ଜୀଙ୍କ ଠାରୁ ଏହି ପୁରସ୍କାର କୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର ଗ୍ରହଣ କରିଥିଲେ ।ଏହି ସଫଳତା ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମାଜ କଲ୍ୟାଣ ଅଧିକାରୀ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ କର୍ମଚାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।ଏହି ସଫଳତା କୁ ପାଥେୟ କରି ଆଗକୁ ଆହୁରି ଅଧିକ କାର୍ଯ୍ୟ କରି ଜିଲ୍ଲାର ସୁନାମ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

# ବାଇକକୁ ଧକ୍କା ଦେଇ ଚାଳକକୁ କାମୁଡିଲା କୁକୁର : ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି

ଧର୍ମଶାଳା, ୧୬/୧୦ (ନି.ପ୍ର):- ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅଂଚଳରେ ଅଘଟଣ । ବାଇକ୍‌କୁ ଧକ୍କା ଦେଇ ଚାଳକକୁ କାମୁଡି ଲହୁଲୁହାଣ କଲା କୁକୁର । ବାଇକ୍ ଚାଳକ ଜଣକ ହେଲେ ବ୍ରହ୍ମବରଦା ଗ୍ରାମର ସୁଶାନ୍ତ କୁମାର ଓଝା (୫୦) ବୋଲି ଜଣାପଡିଛି । ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରାଯାଇଥିବା ଜଣାପଡିଛି । ସୂଚନା ଅନୁଯାୟୀ ଆଜି ଦିନ ୨ଟା ସମୟରେ ବ୍ରହ୍ମବରଦା ଗ୍ରାମର ସୁଶାନ୍ତ ଓଝା ତାଙ୍କ ପୁଅକୁ ରସୁଲପୁର ତହସିଲ କାର୍ଯ୍ୟାଳୟରୁ କାମ ସାରି ହିରୋହୋଣ୍ଡା ବାଇକ(ଓଡି୦୪ଡି ୯୨୭୩)ରେ ଘରକୁ ଫେରିବା ସମୟରେ ବ୍ୟାଙ୍କ ଛକ ନିକଟରେ ଏକ କୁକୁର ଧକ୍କା ଦେଇ ଗାଡି ତଳେ ଚାପି ହୋଇ ଯାଇଥିଲା । ସୁଶାନ୍ତ ଗାଡି ଉଠାଇବା ବେଳେ କୁକୁର ଉତ୍ୟକ୍ତ ହୋଇ ଗୋଡକୁ କାମୁଡି ରକ୍ତାକ୍ତ କରି ଦେଇଥିଲା । ଅନ୍ୟ ପକ୍ଷେ ବାଇକ ପଛରେ ବସିଥିବା ତାଙ୍କ ପୁଅ ଆହତ ହୋଇଥିବା ଜଣାପଡିଛି । ପରିବାର ଲୋକେ ସୁଶାନ୍ତକୁ ଚିକିତ୍ସା ପାଇଁ ଯାଜପୁର ମୁଖ୍ୟ ଚକିତ୍ସାଳୟରେ ଭର୍ତି କରିଥିବା ଜଣାପଡିଛି ।

# ଭଦ୍ରକରେ ୮ମ ଜିଲ୍ଲା ପରିଷଦ ବୈଠକ, ରାସ୍ତାଘାଟର ଶୋଚନୀୟ ଅବସ୍ଥାକୁ ନେଇ ଜିଲ୍ଲା ପରିଷଦ ବୈଠକ କମ୍ପିଲା

ଭଦ୍ରକ, ୧୬/୧୦ (ନି.ପ୍ର): - ଜିଲାର ସମସ୍ତ ଗମନାଗମନ ପଥର ଶୋଚନୀୟ ଅବସ୍ଥା ନେଇ ଆଜି ୮ମ ଜିଲା ପରିଷଦ ବୈଠକ କମ୍ପିଛି। ପୂର୍ତ, ଗ୍ରାମ୍ୟ ଓ ଉନ୍ନୟନ ବିଭାଗର ସମସ୍ତ ସଡକପଥ ଏବେ ଗମନାଗମନ ଉପଯୋଗୀ ନୁହେଁ। ରାସ୍ତା ଗୁଡିକର ନିର୍ମାଣ କିମ୍ବା ମରାମତି ବାବଦରେ ପୂର୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ପଦାଧିକାରୀମାନେ ଠିକ୍ ଭାବେ ତଦାରଖ କରୁନାହାଁନ୍ତି । ଯାହାଫଳରେ ରାସ୍ତାଗୁଡିକର ନିର୍ମାଣକାର୍ଯ୍ୟ ନିମ୍ନମାନର ହେବା ସହ ଅହେତୁକ ବିଳମ୍ବ ଘଟୁଛି। ଇଂଜିନିୟର ମାନେ ପ୍ରକଳ୍ପ ଗୁଡିକର (ନିର୍ମାଣାଧୀନ ରାସ୍ତା) ନାମକୁ ଭୁଲି ଯାଉଥିବା ବେଳେ ଠିକାଦାରଙ୍କ ନାମକୁ ମୁହଁରେ ଘୋଷି ରଖିଛନ୍ତି। ଦୁଇଟି ବିଭାଗର ମୁଖ୍ୟମାନେ ରାସ୍ତାଘାଟର ଉନ୍ନତି ପ୍ରତି ଯେତିକି ତତ୍ପରତା ପ୍ରକାଶ କରୁନାହାଁନ୍ତି, ଠିକାଦାରଙ୍କ ଫାଇଦା ପ୍ରତି ଅଧିକ ଯତ୍ନବାନ ହେଉଛନ୍ତି ବୋଲି ଆଜି ଜିଲା ପରିଷଦ ବୈଠକରେ ଉପସ୍ଥିତ ସାଂସଦ ଓ ବିଧାୟକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ବୈଠକରେ ମୁଖ୍ୟତଃ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଜିଲା ପରିଷଦର ସଦସ୍ୟମାନେ ସେମାନେ ନିଜ ନିଜ ଅଂଚଳର ରାସ୍ତାଘାଟ ଗୁଡିକର ଦୁରାବସ୍ଥା ସଂପର୍କରେ ଅଭିଯୋଗ ଆଣିବା ପରେ ଏଭଳି ଏକ ପରିସ୍ଥିତି ସୃଷ୍ଟି ହୋଇଥିଲା। ମୁଖ୍ୟତଃ ଭଦ୍ରକ-ଆରଡି ସଡକପଥର ଆଖଣ୍ଡଳମଣି ଛକ ଓ ମୁକୁଳା ଡ୍ରେନ୍‌କୁ ନେଇ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ମାଣ କାର୍ଯ୍ୟ ସାରିବା ପାଇଁ ତାଗିଦ କରିଥିଲେ ମଧ୍ୟ ଆଜିଯାଏ ସଂପୂର୍ଣ୍ଣ ହୋଇନାହିଁ। ଏନେଇ ବିଧାୟକ ଶ୍ରୀ ମହାପାତ୍ର ଖପ୍ପା ହୋଇଥିଲେ। ଡିସେମ୍ବର ସୁଦ୍ଧା ଏହି ରୋଡ୍‌ର ନିର୍ମାଣ କାର୍ଯ୍ୟ ସହ ଡ୍ରେନ୍ ଗୁଡିକରେ ସ୍ଲାବ୍ ପକାଇବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭଣ୍ଡାରିପୋଖରୀ ଓ ବନ୍ତ ବ୍ଲକ୍‌ର ଆଗରପଡା ବରପଦା ରାସ୍ତାର ଉନ୍ନତିକାର୍ଯ୍ୟରେ ବିଳମ୍ବ, ବନ୍ତ ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବ୍ୟବସ୍ଥା ଓ ଡାକ୍ତର ନିଯୁକ୍ତିର ଅଭାବକୁ ନେଇ ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ ପ୍ରଶ୍ନ ବାଣରେ ଘାଇଲା କରିଥିଲେ। ଛତାବର ଠାରୁ ଯାଜପୁର ଯାଇଥିବା ସଡକପଥ ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ, କୋରିଗାଁ ରୋଡ୍ ନିର୍ମାଣ କାର୍ଯ୍ୟ ହୋଇନଥିବାରୁ ଯାତାୟତରେ ନାନା ଅସୁବିଧା ସୃଷ୍ଟି ହୋଇଛି ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଯୋଗ୍ୟତା ନଥିବା ଠିକାଦାରମାନେ ଟେଣ୍ଡର ନେଇ ଅନ୍ୟ ପେଟି କଂଟ୍ରାକ୍ଟରମାନଙ୍କୁ ସବ୍‌ଲେଟିଂ କରୁଥିବାରୁ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହେଉଛି ବୋଲି ଅଭିଯୋଗ ଉଠିଥିଲା। ସେହିପରି କୃଷି ବିଭାଗର କ୍ରପ୍ କଟିଂ ସଠିକ୍ ଭାବେ ସର୍ଭେ କରାଯାଇନଥିବାରୁ ମାତ୍ର ୫ ପ୍ରତିଶତ ଚାଷୀ ବୀମା ଯୋଜନାରେ ଉପକୃତ ହୋଇଛନ୍ତି ବୋଲି ସାଂସଦ ଅଭିମନ୍ୟୁ ସେଠୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏଣୁ ଆଉ ଥରେ ଏକ ସ୍ୱତନ୍ତ୍ର ବୈଠକ ବସାଇ ଏହି ସଂପର୍କରେ ବିଧିବଦ୍ଧ ସମୀକ୍ଷା କରିବାକୁ ଜିଲାପାଳଙ୍କୁ କୁହାଯାଇଥିଲା। ଅନ୍ୟପକ୍ଷରେ ବିଦ୍ୟାଳୟମାନଙ୍କରେ ଛାତ୍ର ଉପସ୍ଥାନ ନେଇ ଆନୁପାତିକ ହାରରେ ଶିକ୍ଷକ ନିଯୁକ୍ତି ଦିଆଯାଉନଥିବା ନେଇ ସାଂସଦ ଶ୍ରୀ ସେଠୀ ଜିଲା ଶିକ୍ଷାଧିକାରୀଙ୍କ ପ୍ରତି ଅଙ୍ଗୁଳି ଉଠାଇଥିଲେ ବୋଲି ଅନୁଷ୍ଠିତ ବୈଠକରେ ମୁଖ୍ୟତଃ ଗୁରୁତ୍ୱ ଦିଆଯାଇଥିବାବେଳେ ପାନୀୟ ଜଳ ଯୋଗାଣ, ରୋଗୀ ସେବା ସମସ୍ୟା, ଖାଉଟି ଯୋଗାଣ, ଜଳ ସମ୍ପଦ, ବନ୍ୟା ସମସ୍ୟା, ଡାକ୍ତର ନିଯୁକ୍ତି, ପରିମଳ ବିଭାଗର କାର୍ଯ୍ୟଧାରା ଓ ପ୍ରକଳ୍ପ ଗୁଡିକର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ଅଭିମନ୍ୟୁ ସେଠୀ,ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ସମେତ ଉଚ୍ଚ ଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଧାୟକ ଅଶୋକ ଦାସ, ବିଧାୟକ ସଞ୍ଜୀବ ମଲ୍ଲିକ, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ଶୁଭେନ୍ଦ୍ର ସାମଲ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ, ଜିଲ୍ଲା ପରିଷଦ ଉପାଧକ୍ଷ ଟୁନି ବାଳା ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଥିବା ବେଳେ ଜିଲ୍ଲାର ସାତଟି ବ୍ଲକ ର ଫଂଚାୟତ ସମିତି ଅଧକ୍ଷ/ ଅଧକ୍ଷା ଜିଲ୍ଲାପରିଷଦ ସଦସ୍ୟ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ବ୍ରହ୍ମବରଦା ପୋଲିସ ଡରରେ ଚମଡା ବୋଝେଇ ପିକ୍ ଅପ୍ ଡ୍ରାଇଭର ଗାଡି ଛାଡି ଫେରାର

ଧର୍ମଶାଳା, ୧୬/୧୦ (ନି.ପ୍ର):- ଯାଜପୁର ଜିଲା ବ୍ରହ୍ମବରଦା ପୋଲିସ ପାଟ୍ରୋଲିଂ କରିବା ସମୟରେ ଏକ ମହିନ୍ଦ୍ର ପିକ୍ ଅଫ୍ ଚାଳକ ଘଟଣାସ୍ଥଳରୁ ଦୃତ ଗତିରେ ପଳାଇବା ସମୟରେ ପୋଲିସ ସନ୍ଦେହ କରି ତାଙ୍କୁ ପିଛା କରିଥିଲା । ତେବେ ବରୁଆଁ - କୃଷ୍ଣଦାସପୁର ମୁଖ୍ୟ ରାସ୍ତା ଅରେଇକଣା ନିକଟରେ ଗାଡି ଛାଡି ଡ୍ରାଇଭର ଫେରାର ହୋଇଯାଇଥିଲା । ଫଳରେ ଏହି ସ୍ଥାନ ବାଲିଚନ୍ଦ୍ରପୁର ଥାନା ଅଂଚଳର ହୋଇଥିବାରୁ ବାଲିଚନ୍ଦ୍ରପୁର ପୋଲିସ ପିକ୍ ଅଫ୍‌କୁ ଜବତ କରିଥିଲା । ତେବେ ଗାଡିରେ ଗୋ ଚମଡା ଥିବା ଜଣାପଡିଥିଲା ।

ସୂଚନା ମୁତାବକ, ଆଜି ଅପରାହ୍ନରେ ବରୁଆଁ-କୁଷ୍ଣଦାସ ମୁଖ୍ୟ ରାସ୍ତାରେ ବ୍ରହ୍ମବରଦା ପୋଲିସ ପାଟ୍ରୋଲିଂ କରିଥିଲା । ତେବେ ପାଟ୍ରୋଲିଂ ସମୟରେ ଏକ ମହିନ୍ଦ୍ର ପିକ୍ ଅଫ୍ (ଓଡି୦୫ଆର୫୭୪୨) ପୋଲିସ ଭୟରେ ଘଟଣାସ୍ଥଳରୁ ଦୃତ ଗତିରେ ଗାଡି ନେଇ ଚାଳକ ଫେରାର ହୋଇଯାଇଥିଲା । ତେବେ ପୋଲିସ ଗାଡିକୁ ପିଛି କରି ଥିଲା । ହେଲେ ଡ୍ରାଇଭର ଅରେଇକଣା ନିକଟରେ ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲା । ତେବେ ଏହି ଅଂଚଳ ବାଲିଚନ୍ଦ୍ରପୁର ପୋଲିସ ଅଧିନରେ ଥିବାରୁ ଗାଡିକୁ ବାଲିଚନ୍ଦ୍ରପୁର ପୋଲିସ ଜବତ କରିଥିଲା । ତେବେ ପିକ୍ ଅଫ୍‌ରେ ଗୋ-ଚମଡା ଥିବା ଜଣାପଡିଥିଲା । ବିଂଝାରପୁର ଅଂଚଳରୁ ଚମଡା ବୋଝେଇ କରି ବାଲିଚନ୍ଦ୍ରପୁର ଅଂଚଳକୁ ଆସୁଥିବା ନେଇ ପୋଲିସ ଜାଣିବାକୁ ପିଥିଲା । ୩୦୨।୨୫ରେ ଏକ ମାମଲା ରୁଜୁ କରିବା ସହ ଗୁରୁବାର ଦିନ ଉକ୍ତ ଚମଡା ଗୁଡିକୁ ପୋତି ଦିଆ ଯିବ ବୋଲି ବାଲିଚନ୍ଦ୍ରପୁର ପୋଲିସ କହିଛି ।

# ମାଓବାଦୀଙ୍କ ନାମରେ ବାପାଙ୍କୁ ଚାନ୍ଦା ମାଗି ପୁଅ କୋର୍ଟଚାଲାଣ

ଭବାନୀପାଟଣା, ୧୬/୧୦ (ନି.ପ୍ର): ମାଓବାଦୀଙ୍କ ନାମରେ ବାପାଙ୍କୁ ଚାନ୍ଦା ମାଗି ପୁଅ ଗିରଫ । ମାଓବାଦୀଙ୍କ ନାମରେ ଚିଠି ଦେଇ ବ୍ୟବସାୟୀ ବାପାଙ୍କୁ ଚାନ୍ଦା ମାଗିଥିଲେ ପୁଅ । ଲକ୍ଷେ କି ୨ ଲକ୍ଷ ନୁହେଁ, ପୂରା ୩୫ ଲକ୍ଷ। ଏବେ ଧରାପଡ଼ି ଜେଲ୍ ଯାଇଛନ୍ତି। ଏହି ଖବର କଳାହାଣ୍ଡି ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। କଳାହାଣ୍ଡି ଜିଲା ନର୍ଲା ଥାନା ରୁପ୍ରାରୋଡ଼ ବାସିନ୍ଦା ଦୀନେଶ ଅଗ୍ରୱାଲ। ତାଙ୍କର ଏକମାତ୍ର ପୁଅ ଅଙ୍କୁଶ (୨୪)। ବାପାଙ୍କ ଠାରୁ ଟଙ୍କା ଝଡ଼େଇବା ପାଇଁ ସେ ସୁଚିନ୍ତିତ ଉପାୟ ବାହାର କରିଥିଲେ। ଗତ ୫ ତାରିଖରେ ମାଓବାଦୀଙ୍କ ନାମରେ ଏକ ଚିଠି ଲେଖି ଅଙ୍କୁଶ ନିଜ କାର୍‌ରେ ରଖି ଦେଇଥିଲେ। ‘ଶୀଘ୍ର ୩୫ ଲକ୍ଷ ଟଙ୍କା ଦିଅ; ନଚେତ୍ ତୁମ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବୁ’ ବୋଲି ଚିଠିରେ ଲେଖା ହୋଇଥିଲା। ଚିଠି ପାଇବା ପରେ ଦୀନେଶ ଓ ପରିବାର ଲୋକେ ଭୟଭୀତ ହୋଇଯାଇଥିଲେ । ଦୀନେଶ ତୁରନ୍ତ ମାଓବାଦୀଙ୍କ ଚିଠି ଓ ଚାନ୍ଦା ସମ୍ପର୍କରେ ନର୍ଲା ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ବିଜୟ ମାଝୀ ଘଟଣାର ତଦନ୍ତ କରିଥିଲେ । ଚାନ୍ଦା ମାଗିବା ଓ ଚିଠିକୁ ଗାଡ଼ିରେ ରଖିବା ଆଉ କେହି ନୁହେଁ; ଖୋଦ୍ ଅଭିଯୋଗକାରୀଙ୍କ ପୁଅ ଅଙ୍କୁଶ କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଅଙ୍କୁଶଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ପୁଲିସ ମଙ୍ଗଳବାର ତାଙ୍କୁ ଗିରଫ କରିବା ସହ ଆଜି ମ.ରାମପୁର କୋର୍ଟକୁ ଚାଲାଣ କରିଛି। ଏଠାରେ ଉଲ୍ଲେଖଯୋଗ୍ୟ, ଅଭିଯୋଗକାରୀ ଦୀନେଶ ଅଗ୍ରୱାଲ ଅଂଚଳର ଜଣେ ଜଣାଶୁଣା ଠିକାଦାର। କଳାହାଣ୍ଡି ଜିଲାରେ ‘ବସୁଧା ଯୋଜନାରେ ସେ ବହୁସଂଖ୍ୟକ ଓଭରହେଡ୍ ପାଣିଟାଙ୍କି ନିର୍ମାଣ ଓ ନଳକୂପ ଖନନ କରିଛନ୍ତି।

# ବଳଦେବଜୀଉ ହାଇସ୍କୁଲରେ ସୁରଭି କାର୍ଯ୍ୟକ୍ରମ

ଧର୍ମଶାଳା, ୧୬/୧୦ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଦେଓଦା ଗ୍ରାମସ୍ଥିତ ବଳଦେବଜିଉ ସରକାରୀ ହାଇସ୍କୁଲରେ ସୁରଭି-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଅରୁଣ କୁମାର ସରଙ୍ଗ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରବୋଧ କୁମାର ମହାନ୍ତି , ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ପରୀକ୍ଷିତ ପ୍ରଧାନ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ କୃଷ୍ଣଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବାଙ୍କସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବାରିକ, ନୀଳକଣ୍ଠପୁର ପ୍ରକଳ୍ପ ଉପ୍ରା ସ୍କୁଲର ପ୍ରଧାନ ଶିକ୍ଷକ ଚିନ୍ମୟ ଦାସ, ମାଝିପାଟଣା ପ୍ରାଥମିକ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ଶିକ୍ଷକ ନାରାୟଣ ଚନ୍ଦ୍ର ସାହୁ, ହୃଷୀକେଶ ନାୟକଙ୍କ ସମେତ ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶିକ୍ଷକ ଛବି ମଲିକ ଧନ୍ୟବାଦ ଦେଇଥିଲେ ।

# ପୂର୍ବତନ ସମିତି ସଭ୍ୟ ରମେଶ ବେହେରାଙ୍କୁ ଭଦ୍ରକ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୬/୧୦ (ନି.ପ୍ର): - ଭଦ୍ରକ ବିଜୁ ଜନତା ଦଳ ଜିଲ୍ଲା କାର୍ଯ୍ୟାଳୟରେ ବିଜୁ ଜନତା ଦଳର ବରିଷ୍ଠ ନେତା, ପୂର୍ବତନ ସରପଂଚ ଓ ସମିତି ସଭ୍ୟ ସ୍ୱର୍ଗତ ରମେଶ ବେହେରାଙ୍କ ପାର୍ଥିବ ଶରୀର ପହଂଚିବା ପରେ ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା। ଏହି ଅବସରରେ ବିଜୁ ଜନତା ଦଳର ରାଜ୍ୟ ବରିଷ୍ଠ ଉପ-ସଭାପତି ଓ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ପୌରାଧକ୍ଷା ଗୁଲମକ୍କି ହବିବ, ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକ, ଟାଉନ୍ ସଭାପତି ଏମଡି ଜକାଉଲ୍ଲା ଓ ବିଜେଡ଼ିର ବହୁ ସରପଂଚ, ସମିତି ସଭ୍ୟ-ସଭ୍ୟା, ପାରିଷଦ ଓ ପାରିଷଦଙ୍କ ପ୍ରତିନିଧି ଏବଂ ବରିଷ୍ଠ, ମହିଳା ଓ ଯୁବ-ଛାତ୍ର ନେତୃମଣ୍ଡଳୀ ଯୋଗଦେଇ ତାଙ୍କ ପବିତ୍ର ସ୍ମୃତିକୁ ନମନ କରିଥିଲେ। ସମାଜସେବାରେ ନିରନ୍ତର ନିଷ୍ଠା ଓ ଜନହିତ ପ୍ରତି ତାଙ୍କ ଅବଦାନ ସଦା ସର୍ବଦା ଅମର ହୋଇ ରହିବ ବୋଲି ପୂର୍ବତନ ମନ୍ତ୍ରୀ ଶ୍ରୀ ସାମଲ କହିଛନ୍ତି।

# ବିଜୟ ଥିଲେ ଜଣେ ସ୍ୱଗୁଣ ସମ୍ପନ୍ନ ମଣିଷ: ପ୍ରଫେସର ବିଜୟ ଜେନାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଭଦ୍ରକ, ୧୬/୧୦ (ନି.ପ୍ର): ଭଦ୍ରକର ଗର୍ବ, ଗୌରବ, ଭଦ୍ରକ କ୍ରିକେଟ ଆସୋସିଏସନର ସଭାପତି, ଭଦ୍ରକ ଆଥଲେଟିକ ଆସୋସିଏସନର ଉପସଭାପତି, ଟାଇକୋଣ୍ଡୋ ଆସୋସିଏସନ ଅଫ ଓଡିଶାର କାର୍ଯ୍ୟକାରୀ ସଭାପତି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠା ନର କାର୍ଯ୍ୟକାରିଣୀ ସଦସ୍ୟ, ଚରମ୍ପା ୟୁନାଇଟେଡ଼ କ୍ଲବର ଉପଦେଷ୍ଟା, ଚରମ୍ପା ସ୍କୁଲ ରୋଡ଼ ଦୁର୍ଗାପୂଜା କମିଟିର ଉପଦେଷ୍ଟା, ଆଇନଜୀବି ତଥା ପ୍ରାଧ୍ୟାପକ ବିଜୟ କୁମାର ଜେନାଙ୍କ ମୃତ୍ୟୁର ନବମ ଦିବସରେ ଚରମ୍ପା ଉଗ୍ରସେନ ଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଓଡିଶା କ୍ରିକେଟ ଆସୋସିଏସନ ର ପୂର୍ବତନ ଅଧକ୍ଷ ଧୀରେନ ପଲାଇ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଧିବକ୍ତା ପବନ ଶର୍ମା ସଂଚାଳନ କରିଥିଲେ। ଏହି ଅବସରରେ ଭଦ୍ରକ ସାଂସଦ ଅଭମନ୍ୟୁ ସେଠି, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଣ୍ଡାରୀପୋଖରୀ ବିଧାୟକ ସଂଜୀବ ମଲ୍ଲିକ,ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠି, ଭଦ୍ରକ ମୁନସୀପାଲିଟି ଚେୟାରମ୍ୟାନ ଗୁଲମାକ୍କୀ ହବିବ, କଂଗ୍ରେସ ନେତା ଅସିତ ପଟ୍ଟନାୟକ, ପୂର୍ବତନ ବିଧାୟକ ନରେନ ପଲାଇ, ଦୈନିକ ସକାଳ ର ସମ୍ପାଦକ ଅମିତ ମଲ୍ଲିକ,ଓଡିଶା ଅଲମ୍ପିକ ଆସୋସିଏସନ ଅଫ ଓଡିଶା, ସମ୍ପାଦକ ଅଭିଜିତ ପାଲ, ଓଡିଶା କ୍ରିକେଟ ଆସୋସିଏସନର ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ଭଦ୍ରକ କ୍ରିକେଟ ଆସୋସିଏନର ପୂର୍ବତନ ସଭାପତି ଉପେନ୍ଦ୍ର ବାରିକ, ଟାଇକୋଣ୍ଡୋ ଆସୋସି ଏ ସନର ସଭାପତି ରବିନାରାୟଣ ପାଣିଗ୍ରାହୀ,ଶିକ୍ଷାବିତ ତଥା ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ସିମୁଳିଆ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ ଅନିଲ କୁମାର ନାୟକ,ଏରେଇର ପୂର୍ବତନ ସରପଂଚ ରତ୍ନାକର ସାମଲ, ସମାଜସେବୀ ସୁଧାକର ରାଉତ, ପ୍ରଫୁଲ୍ଲ ନାୟକ, ଦେବେନ୍ଦ୍ର ମହାନ୍ତି, ଦିବ୍ୟ ସିଂ ନାୟକ,କାଉନସିଲର ଦିଲ୍ଲୀପ ନାୟକ, ଶିଶିର ମିଶ୍ର, ହ୍ୟାପି ହୋମ ତରଫରୁ ପ୍ରତିଭା ତିୱାରୀ, ସୀତାକାନ୍ତ ଦାସ ତଥା ବିଜୟସାରଙ୍କୁ ଭଲ ପାଉଥିବା ଅନେକ ଜ୍ଞାନୀ, ଗୁଣୀ ଛାତ୍ର ଛାତ୍ରୀ ଏହି ସଭାରେ ଯୋଗ ଦେଇଥିଲେ। ଏହି ଅବସରରେ ‘ଇତିହାସ ଆଇନାରେ ବିଜୟ’ ସ୍ମରଣୀକା ପ୍ରକାଶ ପାଇଥିଲା।

# ଡ. ଏ.ପି.ଜେ. ଅବଦୁଲ କଲାମଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬/୧୦ (ନି.ପ୍ର): ଡ. ଏ.ପି.ଜେ. ଅବଦୁଲ କଲାମଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ବୈଜ୍ଞାନିକ, ବିଶିଷ୍ଟ ଶିକ୍ଷାବିତ୍ ଏବଂ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମଙ୍କ ଜୟନ୍ତୀରେ ଭକ୍ତିପୂତ ପ୍ରଣାମ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ,ମିସାଇଲ୍ ମ୍ୟାନ୍ ଭାବରେ ପରିଚିତ ଡ. କଲାମଙ୍କ ସରଳ ଜୀବନଶୈଳୀ, ଉଦାର ଚିନ୍ତାଧାରା ଏବଂ କଠିନ ପରିଶ୍ରମ ଆଜି ବି ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଆସନ୍ତୁ, ଆମେ ସମସ୍ତେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଶକ୍ତିଶାଳୀ ତଥା ସମୃଦ୍ଧ ଭାରତ ଗଠନ ଦିଗରେ ସମର୍ପିତ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେବା।

# ଶାହଙ୍କୁ ସାକ୍ଷାତ କରିବା ପରେ ଉପେନ୍ଦ୍ର କୁଶୱାହାଙ୍କ ଅସନ୍ତୋଷ ପ୍ରଶମିତ

ପାଟନା/ନୂଆଦିଲ୍ଲୀ, ୧୬/୧୦ (ନି.ପ୍ର): ବିହାର ଉପମୁଖ୍ୟମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ବିଜୟ ସିହ୍ନା ବୁଧବାର ଲଖିସରାଇରୁ ତାଙ୍କର ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ମଧ୍ୟ ଉପସ୍ଥିତ ଥିଲେ। ଏହି ସମୟରେ, ଆସନ ବଂଟନକୁ ନେଇ ବିରକ୍ତ ଉପେନ୍ଦ୍ର କୁଶୱାହା ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଅମିତ ଶାହଙ୍କୁ ଭେଟିଥିଲେ। କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଧ୍ୟ ଉପସ୍ଥିତ ଥିଲେ। ଦୁଇ ନେତାଙ୍କ ମଧ୍ୟରେ ହୋଇଥିବା ଏହି ବୈଠକ ପ୍ରାୟ ୪୫ ମିନିଟ୍ ଧରି ଚାଲିଥିଲା। ବୈଠକ ପରେ ଉପେନ୍ଦ୍ର କୁଶୱାହା କହିଥିଲେ ଯେ କିଛି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

# ବିଧାନସଭା ନିର୍ବାଚନମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ ଯୋଜନା କମିଟି ବୈଠକ ଅନୁଷ୍ଠିତ



ନୀଳଗିରି,୧୬/୧୦(ନି.ପ୍ର) : ଗୁରୁବାର ଦିବା ଘ.୧୦ଟାରେ ସମୟରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ୪୦- ନୀଳଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ ଯୋଜନାକମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ପ୍ରଥମେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆଙ୍କ ସମେତ ସମସ୍ତଅତିଥି ମହାତ୍ମାଗାନ୍ଧୀଙ୍କ ଫଟୋଚିତ୍ର ନିକଟରେ ଧୂପ,ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ନୀଳଗିରି ପଞ୍ଚାୟତ ସମିତିର ଗୋଷ୍ଠୀଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ,ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ)ବାଲେଶ୍ୱର ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ,ସ୍ଥାନୀୟ ଉପଜିଲ୍ଲାପାଳ ଡ଼.ମଧୁସ୍ମିତା ସାମନ୍ତରାୟ, ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଔପଦା ଅଧକ୍ଷା ସୁଶ୍ରୀ ବି. ସି ବିସ୍ୱା, ବାହାନଗା ବ୍ଲକ ଅଧକ୍ଷ ଶ୍ରୀଯୁକ୍ତ ବିଶ୍ୱନାଥ ମିଶ୍ର,ତହସିଲଦାର ଶ୍ରୀମତୀ ସୋନମ୍ ଦାସ,ବାହାନଗା ବି.ଡି.ଓ ଶ୍ରୀମତୀ ଶୁଭଶ୍ରୀ ଟୁଡୁ, ନୀଳଗିରି ଏନ୍. ଏ.ସି . ଅଧକ୍ଷ ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା, ଜିଲ୍ଲାପରିଷଦ ସଦସ୍ୟ ଶ୍ରୀଯୁକ୍ତ ଗତିକୃଷ୍ଣ ନନ୍ଦ ପ୍ରମୁଖ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବାପରେ ଉପଜିଲ୍ଲାପାଳ ଡ଼. ମଧୁସ୍ମିତା ସାମନ୍ତରାୟଙ୍କ ଆବାହକତ୍ୱରେ ବିବରଣୀ ଅନୁଯାୟୀ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନୀଳଗିରି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୀଳଗିରି, ଔପଦା, ବାହାନଗା ମୋଟ ୩ଗୋଟି ବ୍ଲକର ୪୧ଗୋଟି ପଞ୍ଚାୟତରେ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକରି ଥିଲେ। ଏଥିରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ସରକାରଙ୍କ ବିଭିନ୍ନ ବିଭାଗ ମଧରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ସାମାଜିକ ସୁରକ୍ଷା ଯୋଜନା, ଖାଉଟି କଲ୍ୟାଣ ଯୋଜନା, ମହିଳା ଓ ଶିଶୁ ବିକାଶ ଯୋଜନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଗ୍ରାମ୍ୟ ଉନ୍ନୟନ, ଜଙ୍ଗଲ ଓ ପରିବେଶ, ଆଦିବାସୀ ଉନ୍ନୟନ ସଂସ୍ଥା, ରାସ୍ତା ଓ ଗୃହନିର୍ମାଣ, କ୍ଷୁଦ୍ରଜଳସେଚନ, ବିଦ୍ୟୁତ୍, ପାନୀୟଜଳ ଯୋଗାଣ, ସାମାଜିକ ସଶକ୍ତିକରଣ, କେନାଲ ସମେତ ଲଘୁ ଖଣିଜ ସଂପଦ କ୍ଷେତ୍ରରେ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରେ ସାଧାରଣ ଜନତା ସୁବିଧା ସୁଯୋଗ ଓ ସୁଫଳ ପାଇବା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିବା ସହିତ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସମସ୍ତ ପଞ୍ଚାୟତ ସମିତି ମାନଙ୍କରେ କାର୍ଯ୍ୟକାରି ହେଉଥିବା ପ୍ରକଳ୍ପ ଓ ଯୋଜନା ଗୁଡ଼ିକର ସଫଳ ରୂପାୟନ ନିମନ୍ତେ ବିଭାଗୀୟ ପଦାଧିକାରୀ ମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ।ଏହି ସମୀକ୍ଷା ବୈଠକ ପରେ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ୩ ଜଣ ଭିନ୍ନକ୍ଷମ ହିତାଧିକାରୀଙ୍କୁ ତିନି ଚକିଆ ସାଇକେଲ ପ୍ରଦାନ କରିଥିଲେ। ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା ବୈଠକରେ ଉଭୟ ଜିଲ୍ଲା ଓ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ପୋଲିସ୍ ଏସ୍ ଆଇ ପରୀକ୍ଷାରେ...

ଦଲାଲଙ୍କ କଳା ସାମ୍ରାଜ୍ୟର କଳା କାହାଣୀ ଫିଟିବାରେ ଲାଗିଛି। ସାମ୍ନାକୁ ଆସିଛି ଦଲାଲ ମୁନା ମହାନ୍ତିର ଲକ୍ଷାଧିକ ଟଙ୍କାର ଚୋରା ବାଲି ଚାଲାଣ ସାମ୍ରାଜ୍ୟ। ନୟାଗଡ଼ ଦଶପଲ୍ଲାର ଏକ ପେଟ୍ରୋଲ ପମ୍ପରେ ଛିଡା ହୋଇଥିବା ଦୁଇ ବ୍ରାଣ୍ଡ୍ ନ୍ୟୁ ଟିପର୍ ମୁନାର। ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ସାମ୍ନାକୁ ଆସିବା ଦିନଠାରୁ ଏହି ଗାଡ଼ି ଏମିତି ଥୁଆ ହୋଇଛି। ଗୋଟିଏ ଗତ ୪ ମାସ ହେବ କିଣା ହୋଇଥିବା ବେଳେ ଆଉ ଗୋଟିଏ ବର୍ଷେ ହେବ କିଣା ହୋଇଛି। ଦୁଇଟି ଯାକ ଟିପର ମୁନା ମହାନ୍ତିର ହୋଇଥିବା ବେଳେ ଏଥିରେ କୁଆଡ଼େ ଚୋରା ବାଲି ଚାଲାଣ କାରବାର କରୁଥିଲେ ମୁନା ମହାନ୍ତିର ବେଶ୍ ନିକଟତର ସୁକାନ୍ତ ମହାରଣା ଓରଫ ରିଙ୍କୁ । ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀରେ ମିଳିଥିବା ଟଙ୍କାରେ ଏହି ଟିପର କିଣା ହୋଇଥିବା ଚର୍ଚ୍ଚା ହେଉଛି। ଘଟଣା ପରଠୁ ମୁନା ମହାନ୍ତିଙ୍କ ସମେତ ସୁକାନ୍ତ ଓ ତାଙ୍କ ସହଯୋଗୀ ବି ଫେରାର୍ । ଏସବୁ ଭିତରେ ତଦନ୍ତରେ ବିଳମ୍ବତାକୁ ନେଇ ପ୍ରଶ୍ନ ଉଠାଇଛି ଷ୍ଟୁଡେଣ୍ଟ୍ ଏଗେନେଷ୍ଟ କରପସନ୍। ବଡ଼ ଅଧିକାରୀଙ୍କୁ ଖସାଇବା ପାଇଁ ଜାଣିଶୁଣି ଶଙ୍କର ପୃଷ୍ଟି, ମୁନା ମହାନ୍ତିଙ୍କୁ ଧରାଯାଉନଥିବା ଅଭିଯୋଗ କରିଛନ୍ତି ସଂଗଠନର ଆବାହକ ବିଭୂତି ଭୂଷଣ ମହାପାତ୍ର। ଅପରପକ୍ଷେ, ପୁରା ମାମଲାରେ ଯେଉଁମାନେ ଜଡ଼ିତ ସମସ୍ତଙ୍କୁ ଗିରଫ କରାଯିବ ଓ ଆଗକୁ ପୁରା ସ୍ୱଚ୍ଛ ଭାବେ ପରୀକ୍ଷା ହେବ ବୋଲି ପ୍ରତିକ୍ରିୟା ଦେଇଛନ୍ତି ପୋଲିସ୍ ଡିଜି। ପୋଲିସ ଏସ୍ ଆଇ ପରୀକ୍ଷା କେଲେଙ୍କାରୀରେ ଏଯାଏଁ ୫ ଜଣ ଦଲାଲଙ୍କୁ ଗିରଫ ହୋଇଥିବା ବେଳେ ମୁଖ୍ୟ କାର୍ପଟଦାର ଶଙ୍କର ପୃଷ୍ଟି ଓ ମୁନା ମହାନ୍ତି ଏବେ ବି ଫେରାର ଅଛନ୍ତି ।

### ବିଜୟ ସଂକଳ୍ପ ସମାବେଶ:

ଧାମନଗର, ପଦ୍ମପୁର, ବିଜେପୁର ଆଦି ଉପନିର୍ବାଚନରେ ବିକାଶର ଦାୟୀତ୍ୱ ମୋର ବୋଲି ଘୋଷା ପାଠ କରିଥାନ୍ତି ଏବଂ ପରବର୍ତୀ ସମୟରେ ଉପନିର୍ବାଚନ ପରେ, ସବୁ କଥା ଭୁଲି ଯାଇ ଦାୟିତ୍ୱ ବି ସାରି ଦେବାର କଥାକୁ ସମସ୍ତେ ମନେ ରଖିଛନ୍ତି । କିନ୍ତୁ ଆମ ସରକାରର ମନ୍ତ୍ର ହେଉଛି କଥା ଦେବୁ, କଥା ରଖିବୁ । କଥା ଦେଇ କଥା କେମିତି ରଖାଯାଏ, ତାହା ଗତ ପନ୍ଦର ମାସ ହେବ ଆମ ସରକାର ରାଜ୍ୟରେ କରୁଛନ୍ତି ଏବଂ ଗତ ୧୧ ବର୍ଷ ଧରି କେନ୍ଦ୍ରରେ ମାନନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ କେନ୍ଦ୍ରରେ କରିଆସୁଛନ୍ତି । ଆଜି ଯେତେବେଳେ ସମଗ୍ର ବିଶ୍ୱ ଏକ ଆର୍ଥିକ ସଂକଟ ଦେଇ ଗତି କରୁଛି, ଭାରତର ଅର୍ଥନୀତି ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତିରେ ପରିଣତ ହୋଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । ରାଜ୍ୟରେ ବିଜେପି ଶାସନକୁ ଆସିବା ପରେ ଧାନ କୁଇଂଟାଲ ପିଛା ୮୦୦ ଟଙ୍କା ପ୍ରଦାନ ଏବଂ ସୁଭଦ୍ରା ଯୋଜନା ପାଇଁ ପାଂଚ ବର୍ଷକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇ ଏହାର ସୁଫଳ ୨୦ ଲକ୍ଷ ଅନ୍ନଦାତା ଏବଂ ଏକ କୋଟିରୁ ଉର୍ଦ୍ଧ୍ୱ ସୁଭଦ୍ରା ବି ପାଇଥିଲେ । ନୂଆପଡା ଜିଲ୍ଲାରୁ ଦୁଇ ଲକ୍ଷ ଚାହୀ ଏବଂ ୧ ଲକ୍ଷ ୫୫ ହଜାର ମା' ସୁଭଦ୍ରା ଯୋଜନାରୁ ଉପକୃତ ହୋଇଛନ୍ତି । ନିକଟ ଅତୀତରେ କେନ୍ଦ୍ର ସରକାର ଓଡିଶା ପାଇଁ ୩୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଂଜୁର କରିଛନ୍ତି, ଯେଉଁଥିରେ ନୂଆପଡା ଜିଲ୍ଲାକୁ ଗୁରୁତ୍ୱ ମିଳିଛି । ବରଗଡ ରୋଡ - ନୂଆପଡା ରେଳ ଲାଇନ, ନୂଆପଡା – ଗୁଣପୁର – ଥେରୁବାଲି ରେଳ ଲାଇନ ପ୍ରକଳ୍ପ ସ୍ଥାନ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । ମୋର ବାପା ସ୍ୱର୍ଗତ ରାଜୁ ଭାଇ ଢୋଲକିଆଙ୍କ ଯେଉଁ ପ୍ରତିଜ୍ଞା ଥିଲା ତାକୁ ଗାଁ ନେବା ପାଇଁ ବିଜେପିରେ ସାମିଲ ହୋଇଛି । ମୋର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମୁଁ ସମାଜ ସେବା ଜାରି ରଖିବି । ସବୁ ଦିନ ପାଇଁ ମୋ ଘର ଦ୍ୱାର ଆପଣଙ୍କ ପାଇଁ ଖୋଲା ରହିବ ବୋଲି ବିଜେପି ପ୍ରାର୍ଥୀ ଶ୍ରୀ ଜୟ ଢୋଲକିଆ କହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଓଡିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, ଉପମୁଖ୍ୟମନ୍ତ୍ରୀ କେଭି ସିଂ ଦେଓ, ସାଂସଦ ମାଳବିକା ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ରବି ନାଏକ, ମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ ଗଣେଷରାମ ସିଂ ଖୁଂଟିଆ, ମନ୍ତ୍ରୀ ବିଭୂତି ଜେନା, ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବିଧାୟକ ଜୟନାରାୟଣ ମିଶ୍ର, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ସମସ୍ତ ବିଧାୟକ ଗଣ, ସମସ୍ତ ପୂର୍ବତନ ବିଧାୟକ ଓ ସାଂସଦ ଗଣ, ଯଦୁମଣି ପାଣିଗ୍ରାହୀ, ପ୍ରସନ୍ନ ପାଢୀ, ହୋମସିଂ ମାଝୀ, ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧକ୍ଷା ଡା.ସୋନିଆ ଜୈନ, ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ ଶ୍ରୀମତୀ କଳ୍ପନା ଢୋଲକିଆ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଭିନ୍ନ ଦାବିରେ ବିଏମ୍ଏସିର ଦାବିପତ୍ର ପ୍ରଦାନ

ଭଦ୍ରକ,୧୬।୧୦: ରାଜ୍ୟ ସରକାରଙ୍କର ଶ୍ରମିକ ମାନଙ୍କର ଦୈନିକ କାର୍ଯ୍ୟ ସମୟ ୮ ଘଣ୍ଟା ପରିବେର୍ତ୍ତ ୧୦ ଘଣ୍ଟାକୁ ବୃଦ୍ଧି, ମହିଳା ଶ୍ରମିକ ମାନେ ରାତ୍ରୀକାଳୀନ କାର୍ଯ୍ୟ କରିବା ନିଷ୍ପତି ଏବଂ କୌଣସି କେନ୍ଦ୍ରୀୟ ଶ୍ରମ ସଙ୍ଗଠନ ସଙ୍ଗେ ଆଲୋଚନା ନ କରି ବିଲ ପାସ କରିବା ବିରୋଧରେ, ଆଶା କର୍ମୀ ମାନଙ୍କର ମାସିକ ବେତନ ବୃଦ୍ଧି, ସାମାଜିକ ସୁରକ୍ଷା, ପେନସନ, ଅବସର କାଳୀନ ସହାୟତା, ଆଦି ଦାବୀରେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲା ପ୍ରଶାସନ ମାଧ୍ୟମରେ ଦାବିପତ୍ର ଭଦ୍ରକ ଜିଲ୍ଲା ଭାରତୀୟ ମଜଦୂର ସଂଘ (ବିଏମ୍ଏସ୍) ପକ୍ଷରୁ ପ୍ରଦାନ କରାଯାଇଛି। ସରକାର କୌଣସି ଶ୍ରମିକ ସଂଗଠନ ସହିତ କୌଣସି ବିଚାର ଆଲୋଚନା ନ କରି ଏପରି ନିୟମ ଲାଗୁ କରିବା ଏକ ଅଗଣତାନ୍ତ୍ରିକ ବିଚାରଧାରା। ଶ୍ରମିକ ମାନେ ୮ ଘଣ୍ଟାରୁ ୧୦ ଘଣ୍ଟା କାର୍ଯ୍ୟ କଲେ ସେମାନଙ୍କ ମଜୁରୀ କେତେ ହେବା ଆବଶ୍ରକ, ସେଥି ମଧ୍ୟରୁ ବିରତି କେତେ ସମୟ ରହିବ ସେ ସବୁ ଆଲୋଚନା ପରେ ଏହି ନିୟମ ଲାଗୁ କରାଯାଇଥିଲେ ଉଚିତ ହୋଇ ଥାଆନ୍ତା ବୋଲି ସଂଘ ତରଫରୁ ଯୁକ୍ତ ଉପସ୍ଥାପନ କରାଯାଇଥିଲା। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟରେ ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ୍ ନାଥ ଧଳ ନେତୃତ୍ୱ ନେଇଥିବା ବେଳେ ବିଭୂତି ପାଣିଗ୍ରାହୀ, ଚନ୍ଦ୍ରଶେଖର ଜେନା, ଅଶୋକ ନାୟକ, ସୂର୍ଯ୍ୟକାନ୍ତ ଦାସ, ବିପିନ ମିଶ୍ର, ତପନ ପଣ୍ଡା, କମଳାକାନ୍ତ ସାହୁ, ସଂଜୁଲତା ରାଉତ, ତିଲୋତ୍ତମା ସାହୁ, ଆରତୀ ପଣ୍ଡା, ସ୍ୱର୍ଣ୍ଣ ବେହେରା, ମଧୁସ୍ମିତା ଖଣ୍ଡେଇ, ଦମୟନ୍ତୀ ନାୟକ, ସୁକାନ୍ତି ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ପୁରୁଣା ସରକାର ଓ ନୂଆ ସରକାର ମଧ୍ୟରେ ପ୍ରଭେଦ ଶୂନ : ବିନା ପିସିରେ ବିଲ୍ ମିଳୁନାହିଁ



ବୈଶିଙ୍ଗା -୧୬/୧୦- ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି। ଏହାର କାରଣ ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିୟତା, ମିଥ୍ୟା ବିଲ୍, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାରଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି । ଏହାର ଉଦାହରଣ ପାଲଟିଛି ବେତନଟୀ ବ୍ଲକର ୨୪ପଞ୍ଚାୟତ । ଏହି ୨୪ ଟି ପଞ୍ଚାୟତ ରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ପୂର୍ବରୁ ୮ ଜଣ ଦାୟିତ୍ୱ ତୁଲାଉଥିବା ବେଳେ କିଛି ମାସ ପରେ ଆଉ ୧୨ ଜଣ ନିଯୁକ୍ତି ପାଇ ୨୦ ଜଣ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ପ୍ରକୃତରେ ୧୯ ଜଣ କାର୍ଯ୍ୟ କରୁଛନ୍ତି ।ଏହି କାରଣରୁ ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି। ଜଣେ ଜଣେ ନିର୍ବାହୀ ଅଧିକାରୀଙ୍କୁ ୨/୩ ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବା କଷ୍ଟକର ହୋଇପଡୁଛି। କାର୍ଯ୍ୟ ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟ ଅଭାବ ଥିବାରୁ କାର୍ଯ୍ୟର ସମୟସୀମା ବଢ଼ି ବଢ଼ି ଯିବା ସହିତ କାର୍ଯ୍ୟର ମାନ ମଧ୍ୟ ଠିକ୍ ରହୁନଥିବା ଅଭିଯୋଗ ହେଉଛି।୨୪ ଗୋଟି ପଞ୍ଚାୟତରେ ମାତ୍ର ୯ ଜଣ କନିଷ୍ଠ ଯନ୍ତ୍ରୀ ଦାୟିତ୍ୱ ନିର୍ବାହ କରୁଥିବାରୁ କାର୍ଯ୍ୟ ଠିକ ଦୋରଖ ହୋଇ ପାରୁନହିଁ ।ନୂତନ ସରକାର ନୂତନ ଚାକିରୀ ସୃଷ୍ଟି କରି ପଦବୀ ପୂରଣ କରି ପାରିଲେ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପାଦନ ହୋଇ ପାରିବ ।ଏଭଳି ଅନିୟମିୟତା ଲାଗି ରହିଲେ ପଞ୍ଚାୟତରେ କୌଣସି କାର୍ଯ୍ୟ ଠିକ ଭାବରେ ହୋଇ ପାରିବ ନାହିଁ।

## ସିମୁଳିଆ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



ବାଲିଆପାଳ,୧୬/୧୦(ନି.ପ୍ର) : ବାଲିଆପାଳ ବ୍ଲକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସିମୁଳିଆ ପରିସରରେ ଶନିବାର ଦିନ ସିମୁଳିଆ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ଯଶୋବନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ନମିତା ପ୍ରଭା ସାମଲ ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ କରିଥାଏ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ସମାଜସେବୀ ଲମ୍ବୋଦର ମାହାନା, ସମ୍ମାନିତ ଅତିଥି ଭାବେ ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ବାଡ଼ି, ପ୍ରଭାତ ରଞ୍ଜନ ସାହୁ, ପୂର୍ବତନ ସିଆରସିସି ନିତାଇ ଚରଣ ରାଉଳ, ଅଶୋକ କୁମାର ଗିରି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ବିଭାଗରେ ସତର ଟି ବିଦ୍ୟାଳୟର ଦୁଇ ଶହରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ମୁଖ୍ୟ ଅତିଥି ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଦୀପ କୁମାର ପଣ୍ଡା, ଅଜୟ କୁମାର ମୁର୍ମୁ, ସୁଲୋଚନା ଗିରି, କଳ୍ପନା ସାହୁ,ଧନଞ୍ଜୟ ଚରଣ ଦେ, ଆଦିକନ୍ଦ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ନିଳୀମା ସେଠୀ, ପୂଜାରାଣୀ ଦାସ, ପରମାନନ୍ଦ ସାହୁ, ଦିଲ୍ଲୀପ କୁମାର ସାହୁ, ଭରତ ଚନ୍ଦ୍ର ଜେନା, ମଞ୍ଜୁବାଳା ମହାନ୍ତି, ସନ୍ଦିପା ଜେନା, ଅଞ୍ଜନା ପରିଡ଼ା, ଶିଶିର କୁମାର ନାୟକ, ଅଜିତ କୁମାର ସାହୁ, ଜୟକୃଷ୍ଣ ବେହେରା,ପ୍ରକାଶ ମଣ୍ଡଳ, ଅରବିନ୍ଦ ବେହେରା, ମନୋଜ କୁମାର ସାହୁ, ଅକ୍ଷୟ କୁମାର ପଣ୍ଡା, ଚନ୍ଦନ କୁମାର ପଣ୍ଡା, ଭାରତୀ ବେହେରା, ବାସନ୍ତୀ ବେହେରା,ମୀନାକ୍ଷୀ ମିଶ୍ର, ଦେବାଶିଷ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

## ଲଙ୍ଗଳେଶ୍ୱରରେ ନବୀନଙ୍କ ଜନ୍ମଦିନ ପାଳନ



ଲଙ୍ଗଳେଶ୍ୱର,୧୬/୧୦ (ନିପ୍ର) ନବ ଉତ୍କଳର ବିଶ୍ୱକର୍ମା, ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଉପଲକ୍ଷେ ବସ୍ତା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଲଙ୍ଗଳେଶ୍ୱର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଗୁରୁବାର ଦିନ ସନ୍ଧ୍ୟାରେ ଲଙ୍ଗଳେଶ୍ୱର ସ୍ଥିତ ହରପାର୍ବତୀ ମନ୍ଦିର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ଦୀର୍ଘ ଓ ନିରାମୟ ଜୀବନ କାମନା କରି ହରପାର୍ବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ୭୯ଟି ଦୀପଦାନ କରିଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ ତଥା ବିଭିନ୍ନ କ୍ଷେତ୍ରରେ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଶିକ୍ଷା ଓ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ସେ କରିଥିବା ଗୁରୁତ୍ୱପୂର୍ଣ୍ଣ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକ ଓଡ଼ିଶାର ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ସ୍ଥାପନ କରିବା ସହିତ ଆମ ରାଜ୍ୟର ଅଗଣିତ ଜନସାଧାରଣଙ୍କ ଜୀବନରେ ଏକ ସ୍ଥାୟୀ ପରିବର୍ତ୍ତନ ଆଣିପାରିଛି, ତେଣୁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁ ଏବଂ ହରପାର୍ବତୀ ତାଙ୍କୁ ଦୀର୍ଘାୟୁ ଓ ସୁସ୍ଥ ରଖନ୍ତୁ ଓ ଏହିପରି ସେ ଓଡ଼ିଶା ବାସୀଙ୍କ ସେବା କରି ଚାଲୁଥାନ୍ତୁ ବୋଲି ବିଧାୟିକା ସୁବାସିନୀ ଜେନା କହିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ବ୍ଲକ ବିଜେଡ଼ି ସଭାପତି ଅନିଲ ମହାନ୍ତି, ବାଲିଆପାଳ ବ୍ଲକ ବିଜେଡ଼ି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ବରିଷ୍ଠ ବିଜେଡି ନେତା ଚକ୍ରଧର ଗିରି, ଭଗବାନ ଗିରି, ଲକ୍ଷ୍ମୀଧର ଦାସ, ପ୍ରଦୀପ ବିଶ୍ୱାଳ, ଅଜୟ କୁମାର ସାମଲ, ସୁବ୍ରତ ପଣ୍ଡା, ମହେଶ୍ୱର ଜେନା, ଦେବ କୁମାର ଦେ, ଅଜୟ ପାତ୍ର , ଅଶ୍ୱିନୀ ଜେନା, ଅନ୍ତର୍ଯ୍ୟାମୀ ବେହେରା, ରତ୍ନାକର ବିଶ୍ୱାଳ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା, ବିଜେଡ଼ି ନେତା ନିତ୍ୟାନନ୍ଦ ଜେନା,ହରେକୃଷ୍ଣ ଜେନା, ଦେବୀ ପ୍ରସାଦ ଭଞ୍ଜ, ଅବଦୁଲ ହମିଦ ଖାନ, ଅରୁଣ ପାଣିଗ୍ରାହୀ, ରଞ୍ଜନ ଧଳ, ଜୟନ୍ତ ଦାସ, କମଳା ମଲ୍ଲିକ, ମୃତ୍ୟୁଞ୍ଜୟ ନାୟକ, ଚନ୍ଦ୍ରମୋହନ ଦାସ,ମନ୍ମଥ ବାରିକ, ମହିଳା ବିଜେଡ଼ି ସଭାପତି କସ୍ତୁରୀବାଳା ପାତ୍ର, ଲିପିକା ରାଉଳ, ଯୁବ ଛାତ୍ର ବିଜେଡି ସଦସ୍ୟ ଅନୁପମ ମହାନ୍ତି, ଦିଲୀପ ଦଳାଇ, ସୁଶାନ୍ତ ବେହେରା, ଶାନ୍ତନୁ ବେରାଙ୍କ ସମେତ ବହୁ ଯୁବ, ଛାତ୍ର,ମହିଳା ଓ ବରିଷ୍ଠ ନେତୃବୃନ୍ଦ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ



ବାସୁଦେବପୁର,୧୬/୧୦(ନି.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସୁଦର୍ଶନପୁର ପଞ୍ଚାୟତ ରେ ଥିବା ଜଗନାଥ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅବସର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ସୁଧାକର ସେଠୀ ଙ୍କ ର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସର ରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସଭାପତି ସାନ୍ତୁନୁ କୁମାର ପଳିତାଙ୍କ ସଭାପତିତ୍ୱରେ ଅତିଥି ଭାବେ ଶ୍ରୀମତୀ ରମ୍ଭାମଣି ପଣ୍ଡା ସଭାପତି ପ୍ରାଥମିକ ଶିକ୍ଷକ ସଂଘ, ସନ୍ତୋଷ କୁମାର ନାୟକ ସି ଆର ସି ସି, ଗିରିଜା ଶଙ୍କର ସାହୁ ସଭାପତି ବିଦ୍ୟାଳୟ ପରିଚାଳନା କମିଟି, ନିରଞ୍ଜନ ବେହେରା ସମାଜସେବୀ, ଚନ୍ଦ୍ରକାନ୍ତ ମଲିକ ସରପଞ୍ଚ, ଦୈତାରି ସେଠୀ ସମିତି ସଭ୍ୟ, ଭାଗିରଥି ମହାଳିକ ୱାର୍ଡ ମେମ୍ବର ଉପସ୍ଥିତ ରହି ଥିଲେ। ଅନୁଷ୍ଠିତ ସଭା କାର୍ଯ୍ୟ କ୍ରମକୁ ପ୍ରଦୀପ୍ତ ରଞ୍ଜନ ସାହୁ ସଂଯୋଜନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସର ରେ ଉପସ୍ଥିତ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଧାକର ସେଠୀଙ୍କ ଗୁଣ ଗାନ କରିଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଭିଭାବକ, ଛାତ୍ର ଛାତ୍ରୀ, ଗ୍ରାମବାସୀ ସମସ୍ତେ ମିଶି ଶୋଭାଯାତ୍ରାରେ ଭାଗ ନେଇଥିଲେ ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ପାଳିତ



ବୈଶିଙ୍ଗା,୧୬/୧୦(ନି.ପ୍ର) : ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ତମ୍ବାଖୁ ବର୍ଜନ ଦିବସ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଅଜିତ୍ କୁମାର ଜେନାଙ୍କ ମାର୍ଗଦର୍ଶନ ରେ ଆୟୋଜିତ ଏହି ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଓ ଛାତ୍ର ଛାତ୍ରୀ ପ୍ରାର୍ଥନା ସଭାରେ ଯୋଗ ଦେଇ 'ନିଶା ମୁକ୍ତ' ଶପଥ ପାଠ କରିଥିଲେ। ଅପରାହ୍ନରେ ପ୍ରଧାନ ଶିକ୍ଷକ ଙ୍କ ପୌରହିତ୍ୟରେ ଆୟୋଜିତ ଏକ ସଭାରେ 'ଜୀବନକୁ ହଁ, ତମ୍ବାଖୁକୁ ନାଁ' ବିଷୟ ବସ୍ତୁ ଉପରେ ଏକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ ବିଦ୍ୟାଳୟ ର ଶତାଧିକ ଛାତ୍ର ଛାତ୍ରୀ। ଜୀବନ ହାନି କାରକ ତମ୍ବାଖୁ ଠାରୁ ନିଜେ ଦୂରେଇ ରହିବା ସହିତ ନିଜର ଆତ୍ମୀୟ ସ୍ୱଜନ, ସାଙ୍ଗ ସାଥି ତଥା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ଠାରେ ସଚେତନତାର ବାର୍ତ୍ତା ପହଞ୍ଚେଇ ବାକୁ ଶପଥ ଗ୍ରହଣ କରି ଥିଲେ। ନିଜେ ନିଶାମୁକ୍ତ ହେବା ସହିତ ସମସ୍ତଙ୍କୁ ସଚେତନା କରିପାରିଲେ ଏକ ସୁସ୍ଥ ଓ ସନ୍ତୁଳିତ ଜୀବନଶୈଳୀର ପରିକଳ୍ପନା କରାଯାଇ ପାରିବ ବୋଲି ଉପସ୍ଥିତ ଶିକ୍ଷକ ମାନେ ପରାମର୍ଶ ଦେଇ ଥିଲେ। ଆଲୋଚନା ଚକ୍ରର ସଫଳ ଉପସ୍ଥାପନା ପାଇଁ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା। ଶିକ୍ଷକ ଶୁଭବନ୍ତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସର୍ବ ଶେଷରେ ଶିକ୍ଷକ ଶୁଭାଶିଷ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଅସୁସ୍ଥ ପୂର୍ଣ୍ଣଚନ୍ଦ୍ରଙ୍କୁ ଭେଟିଲା ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି

ଖଇରା,୧୬/୧୦(ନି.ପ୍ର) : ବାଲେଶ୍ୱର ଜିଲା ଖଇରା ବ୍ଲକ ମହତାପୁର ଗ୍ରାମ ପଞ୍ଚାୟତ ଅଧୀନ କଣ୍ଟାପଡା ଗ୍ରାମର ବିଶିଷ୍ଟ ପଣ୍ଡିତ ତଥା ଆଞ୍ଚଳିକ ବ୍ରାହ୍ମଣ ସମିତିର ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମିଶ୍ର ବାଇକ ଦୁର୍ଘଟଣାରେ ଗୁରୁତର ହୋଇ ଦେଢ ମାସଧରି ଚିକିତ୍ସିତ ହେବା ପରେ ଏବେ ୨ଦିନ ତଳେ ଘରକୁ ଫେରିଛନ୍ତି । ଗୁରୁବାର ଦିନ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତିର ଉପଦେଷ୍ଟା କୃଷ୍ଣଚନ୍ଦ୍ର ପତ୍ରୀଙ୍କ ନେତୃତ୍ୱରେ ସଭାପତି ଜଳଧର ମିଶ୍ର, ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି, ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ବୁଦ୍ଧିରାମ ପାଣିଗ୍ରାହୀ, ବାସୁଦେବ ପଣ୍ଡା, ରାମଚନ୍ଦ୍ର ପଣ୍ଡା, ପଦ୍ମନାଭ ପଣ୍ଡା, ଦିନବନ୍ଧୁ ଦାଶ, ସଙ୍କୀର୍ତ୍ତନ ପଣ୍ଡା, ପିତାମ୍ବର ପତି, ଶ୍ୟାମସୁନ୍ଦର ପଣ୍ଡା, କୈଳାସ ପଣ୍ଡା ପ୍ରମୁଖ ପୂର୍ଣ୍ଣଚନ୍ଦ୍ରଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା ଲାଗି ମନ୍ତ୍ରପାଠ ସହିତ ଆର୍ଥୀକ ସହଯୋଗ କରିଥିଲେ ।

# କୁଣ୍ଡପୁରରେ ଅଗ୍ନିକାଣ୍ଡ:ବାସଗୃହ ଛାରଖାର, ଲକ୍ଷାଧିକ ସମ୍ପତ୍ତି ବରବାଦ

ବସ୍ତା,୧୬।୧୦(ନିପ୍ର):ଆଜି ଅଚାନକ ବସ୍ତା ବ୍ଲକର କୁଣ୍ଡପୁର ଗାଁରେ ଅଗ୍ନିକାଣ୍ଡ ଘଟି ବାସଗୃହ ଛାରଖାର ହେବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି ।ସୂଚନାରୁ ପ୍ରକାଶ ଯେ ଏହି ଗାଁର ନୀଳାଦ୍ରି ବେହେରାଙ୍କ ଘରେ ସର୍ଟ ସର୍କିଟ ଯୋଗୁଁ ହୁତ ହୁତ ହୋଇ ତାଙ୍କ ବାସଗୃହ ଜଳି ଯାଇଥିଲା ।ଏହା ଫଳରେ ତାଙ୍କର ଦୁଇ ବଖରା ଘର ଛାର ଖାର ହେବା ସହ ସମସ୍ତ ଆସବାବ ପତ୍ର ନଷ୍ଟ ହୋଇ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ବରବାଦ ହୋଇଛି ।ଖବର ପାଇ ବସ୍ତା ଦମକଳ କେନ୍ଦ୍ର କର୍ମଚାରୀ ଅଗ୍ନି ନିର୍ବାପିତ କରିଥିଲେ ।ତେବେ ନୀଳାଦ୍ରି ପରିବାରକୁ ସରକାରୀ ସାହାଯ୍ୟ ପାଇଁ ଦାବି ହୋଇଛି ।

# ପିଏମଶ୍ରୀ ବିଦ୍ୟାଳୟ ଉଦଘାଟିତ ଓ ୧୬ଟି ପ୍ରକଳ୍ପର ଲୋକାର୍ପିତ କଲେ ଲୋକପ୍ରିୟ ବିଧାୟକ ସନାତନ



ବେତନଟୀ ୧୬/୧୦(ନି.ପ୍ର): ବେତନଟୀ ବ୍ଲକ୍‌ରେ ୧୬ଟି ପ୍ରକଳ୍ପର ଓ ପିଏମଶ୍ରୀ ବିଦ୍ୟାଳୟର ଭିତ୍ତିପ୍ରସ୍ତର, ଲୋକାର୍ପିତ ଓ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇଥିଲେ। ମୋଟ୍ ୧୬ଟି ପ୍ରକଳ୍ପ ପାଇଁ ୧ କୋଟି ୬୫ ଲକ୍ଷ ୪୩ ହଜାର ବ୍ୟୟ ଅଟକଳ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ; ବେତନଟୀ ବ୍ଲକର ଗଡଦେଉଳିଆର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, ସେହିପରି ବୈଶିଙ୍ଗାର ପାଠାଗାର ଗୃହ, ମହିଷାଶୋଳର ନୂତନ କମ୍ୟୁନିଟି ଗୃହ, ରଘୁପୁରର ପାଠାଗାର ଗୃହ, ରଘୁପୁରର ନୂତନ କମ୍ୟୁନିଟି ସାଂସ୍କୃତିକ ଗୃହ, ରଘୁପୁରର ନୂତନ ଫେସିଲେଟିଙ୍ଗ ସେଣ୍ଟର ଗୃହ, ହରିପୁର ର ନୂତନ କମ୍ୟୁନିଟି ଗୃହ, ମେର୍ଦା ର ନୂତନ କମ୍ୟୁନିଟିଓ ସାଂସ୍କୃତିକ ଗୃହ, ପୁରିନ୍ଦାର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, ଦହିକୋଠିର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, ବେତନଟୀର ନୂତନ ପାଠାଗାର ଗୃହ, ସଠିଲୋର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, ଆଗ୍ରିଆର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, ଯୁଗଳ ର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, କେନ୍ଦୁଆ ର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ, ସନ୍ତରାର ନୂତନ କମ୍ୟୁନିଟି ଓ ସାଂସ୍କୃତିକ ଗୃହ ଉଦ୍‌ଘାଟନ ହୋଇଯାଇଛି । ସେହିପରି ବେତନଟୀର ପିଏମଶ୍ରୀ ଏମପିସି ହାଇସ୍କୁଲ ଉଦଘାଟିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦାନ କରି ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ ଅଧକ୍ଷା କୈସଲ୍ୟା ମାଝୀ, ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାର, ୩୫ ନମ୍ବର ମଣ୍ଡଳ ସଭାପତି ଜୀବନ କୁମାର ପରିଡା, ୩୬ ନମ୍ବର ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ, ଚନ୍ଦ୍ର ଶେଖର ବେରା, ବିକାଶ ଦାସ, କ୍ଷୀତିଶ ଚନ୍ଦ୍ର ମହାନ୍ତ, ଦିପ୍ତିକାନ୍ତ ସେଠୀ, କେଶବ ନାଥ, ସଂଜୀବ ଜେନା, ହିମାଂଶୁ ଚନ୍ଦ୍ର ମହାନ୍ତ, ଅଶୋକ ବେହେରା, ରାକେଶ କୁମାର ମହାନ୍ତ, ସୁମନ୍ତ ପରିଡା, ବିର କିଶୋର ବିଶ୍ୱାଳ, ଜଗା ଦାସ ହିତେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ସୁରଭି ମହୋତ୍ସବ ଅନୁଷ୍ଠିତ



ଜଳେଶ୍ୱର,୧୬/୧୦(ନି.ପ୍ର) : ଜଳେଶ୍ୱର ଶିକ୍ଷା ଅଧିକାରୀଙ୍କ ଅଧୀନରେ ବରଡ଼ିହା ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଜଳନ୍ଧର ଉଚ୍ଚ ବିଦ୍ୟାଳୟ ପ୍ରସାଦଶୋଳ ପରିସରରେ ଅନୁଷ୍ଠିତ ହେଇଯାଇଛି । ଆୟୋଜିତ ପ୍ରଥମ ଓ ଦ୍ୱିତୀୟ ଅଧିବେଶନରେ ଜଳନ୍ଧର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକର ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଏବିଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, କଳମା ପଂଚାୟତ ସମିତି ସଦସ୍ୟ ଚିତ୍ତରଞ୍ଜନ ବେହେରା,ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଞ୍ଜୁଷା ମହାନ୍ତି, ପୂର୍ବତନ ସିଆରସିସି ରବୀନ୍ଦ୍ର କୁମାର ମହାନ୍ତ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅଜିତ କୁମାର ଦେ, ଓଷ୍ଟା ରାଇବଣିଆ ମଣ୍ଡଳର ସମ୍ପାଦକ ହରମୋହନ ମହାନ୍ତ,ଗଣେଶ ଚନ୍ଦ୍ର ବିନ୍ଧାଣି ଉପସ୍ଥିତ ରହି ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ ।କ୍ଲଷ୍ଟର ସିଆରସିସି ଗିରିଶ ଚନ୍ଦ୍ର ବେଜ ମଞ୍ଚ ପରିଚାଳନା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ୧୫ଟି ବିଦ୍ୟାଳୟରୁ ବହୁପ୍ରତିଯୋଗୀ ୯ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତି ପ୍ରତିଯୋଗୀଙ୍କୁ ଉପସ୍ଥିତ ଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ । ଶିକ୍ଷକ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ଅବସରରେ ବିଶାଳ ରକ୍ତଦାନ ଶିବିର : ୧୬୦ୟୁନିଟ ରକ୍ତ ସଂଗୃହୀତ



ନୀଳଗିରି,୧୬/୧୦(ନି.ପ୍ର) : ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିବସ ଅବସରରେ ଅକ୍ଟୋବର ୧୬ତାରିଖ ସାରାରାଜ୍ୟର ବିଜେଡ଼ି କାର୍ଯ୍ୟାଳୟ ମାନଙ୍କରେ ପାଳନ କରାଯାଉଥିବା ବେଳେ ନୀଳଗିରି ବିଜେଡ଼ି କାର୍ଯ୍ୟାଳୟରେ ବେଶ ଧୂମଧାମରେ ପାଳନ କରାଯାଇଛି ।ଏହି ଅବସରରେ ବିଶାଳ ରକ୍ତଦାନଶିବିର ଆୟୋଜନ କରାଯାଇଥିଲା। ନୀଳଗିରି ରକ୍ତଭଣ୍ଡାରର ଡାକ୍ତର ରୋଜାଲିନ ଦାସ, ଡାକ୍ତର ତ୍ରିନାଥ ପାଲ, ଟେକ୍ନିସିଆନ ରାଜେଶ ଦାସ, ମଞ୍ଜରୀ ବେହେରା, ସଂଗ୍ରାମ ମହାପାତ୍ର, ଗତିକୃଷ୍ଣ ମହାନ୍ତି, ରାଜେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତସଂଗ୍ରହରେ ନିୟୋଜିତ ଥିଲେ । ଏହି ଶିବିରରୁ ୧୬୦ ୟୁନିଟ ରକ୍ତସଂଗ୍ରହ ହେବାପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ୧୦୦ ୟୁନିଟ ଏବଂ ନୀଳଗିରି ରକ୍ତଭଣ୍ଡାରକୁ ୬୦ୟୁନିଟ ରକ୍ତ ପଠାଯାଇଥିଲା। ଏହି ରକ୍ତଦାନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମି ମାଝି, ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ନୀଳଗିରି ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ଆରବନ୍ଧ ଗ୍ରା:ପ ସରପଞ୍ଚ କୁଳମଣି ନାୟକ, ସିଆଡ଼ିମାଳ ଗ୍ରା:ପ ସରପଞ୍ଚ ସୁରଥ ସିଂ, ସମିତିସଭ୍ୟ ରାଜୀବ ଦାସବାବୁ, ପୂର୍ବତନ ଏସଏସଡି ଚେୟାରମ୍ୟାନ ତଥା ଆର୍‌ଆଇ ମୁଖ୍ୟ ମହାପ୍ରବନ୍ଧକ ମଦନ ମୋହନ ମାଝୀ, ପୂର୍ବତନ ଏନ ଏ ସି ଅଧକ୍ଷ ରାଧାଗୋବିନ୍ଦ ଖଟୁଆ,ପୂର୍ବତନ ଏନଏସି ଉପାଧକ୍ଷା କମଳା ମଣି ପରିଡ଼ା, ସମାଜସେବୀ ତଥା ବିଜେଡ଼ି ନେତା ରାମକୃଷ୍ଣ ମହାପାତ୍ର, ଉପେନ୍ଦ୍ର ନାୟକ, ଗଙ୍ଗାଧର ବିଶ୍ୱାଳ,ଦୀପକ ଦାସ,ଶ୍ରୀକାନ୍ତ ପରିଡ଼ା,ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଯାତ୍ରୀବାହୀ ବସ୍‌ରେ ବନ୍ଧୁକ ଚାଲାଣ ସନ୍ଦେହରେ ବସ୍ ସମେତ ଡ୍ରାଇଭର ଓ କଣ୍ଡକ୍ଟର ଥାନାରେ ଅଟକ




ବାଲିଆପାଳ,୧୬/୧୦(ନି.ପ୍ର) : ମା ଅନ୍ନପୂର୍ଣ୍ଣା ନାମକ ଯାତ୍ରୀବାହୀ ବସ୍ ସାର୍ଥାରୁ ବାଲିଆପାଳ ଦେଇ ଦୀଘାବର୍ଡରେ ଅଭିମୁଖେ ଯାଉଥିଲା ବେଳେ ସେଥିରେ ବନ୍ଧୁକ ଚୋରାଚାଲାଣ ହେଉଥିବା କୌଣସି ମତେ ବାଲିଆପାଳ ଓ ସିଂଲା ପୋଲିସ ଖବର ପାଇ ଗାଡିଟିକୁ ବାଲିଆପାଳ ବ୍ଲକଛକ ନିକଟରେ ଅଟକାଇ ଶେଷରେ ଗାଡିଟିକୁ ଥାନାକୁ ନେଇ ଆସିଥିଲେ। ବସର ଡ୍ରାଇଭର ଓ କଣ୍ଡକ୍ଟରଙ୍କୁ ଅଟକାଇ ପୋଲିସ ପଚରାଉଚରା କରୁଛି। ସୁଚନାରୁ ପ୍ରକାଶ ମା ଅନ୍ନପୂର୍ଣ୍ଣା "OD01Z3199 ନାମକ ଯାତ୍ରୀବାହୀ ବସ ଆଜି ସକାଳ ସମୟରେ ସିଂଲା ଥାନା ସାର୍ଥ ଗ୍ରାମରୁ ଦୀଘା ବୋର୍ଡର ଅଭିମୁଖେ ଯାତ୍ରା କରୁଥିଲା ବେଳେ ସେଥିରେ ବନ୍ଧୁକ ଚାଲାଣ ହେଉଥିବା ନେଇ ସିଂଲା ପୋଲିସ କୌଣସି ସୂତ୍ରରେ ଖବର ପାଇ ବସକୁ ପିଛା କରିଥିଲା। ପ୍ରଥମେ ଲଙ୍ଗଳେଶ୍ୱର ପରେ ବାଲିଆପାଳ ବ୍ଲକଛକ ଠାରେ ବାଲିଆପାଳ ଓ ସିଂଲା ପୋଲିସ ମିଳିତ ଭାବରେ ବସକୁ ଅଟକାଇ ଛାନଭିନ କରିବା ସହିତ ଡ୍ରାଇଭର ଓ କଣ୍ଡକ୍ଟରକୁ ଥାନାରେ ଅଟକାଇ ଅଧିକ ତଦନ୍ତ ଜାରୀ ରଖିଛି । ବସଟି ବାଲିଆପାଳ ଥାନାରେ ଅଟକ ରହିଥିଲା ବେଳେ ବସରୁ ସମସ୍ତ ଯାତ୍ରୀକୁ ଓହ୍ଲାଇ ଦିଆ ଯାଇଥିବା ଦେଖିବାକୁ ମିଳିଛି। ବସ୍ତା ଏସଡିପିଓ ମାନସ ଦେଓ ଓ ବାଲିଆପାଳ ଆଇ ଆଇ ସି ଗୋବିନ୍ଦଚନ୍ଦ୍ର ବେହେରା ଘଟଣାର ତଦନ୍ତ କରୁଥିବାବେଳେ ଶେଷରେ ବସ୍ ମାଲିକଙ୍କ ଠାରୁ ମୋଟା ଆକାର ଅର୍ଥ ବିନିମୟରେ ସନ୍ଧ୍ୟାରେ ଗାଡିଟିକୁ ଛାଡି ଦିଆଯାଇଥିବାର ଶୁଣିବାକୁ ମିଳୁଛି।

# ବାଲେଶ୍ୱରରେ ନିଯୁକ୍ତି ପାଇବେ ୫ଶହରୁ ଉର୍ଦ୍ଧ୍ୱ ପ୍ରାର୍ଥୀ

ବାଲେଶ୍ୱର,୧୬/୧୦(ନି.ପ୍ର) : ବାଲେଶ୍ୱର ଜିଲା ଅନ୍ତର୍ଗତ ସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇବେ ୱେଟିଙ୍ଗ୍ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀ । ବାଲେଶ୍ୱର ମେଡ଼ିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ, ଜିଲା ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଫାଙ୍କା ପଡ଼ିଥିବା ବିଭିନ୍ନ ବିଭାଗରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ନଭେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ନିଯୁକ୍ତି ପ୍ରଦାନ କରାଯିବ । ଫଳରେ ସ୍ୱାସ୍ଥ୍ୟ ବିଭାଗରେ ଦେଖା ଦେଉଥିବା ବିଭିନ୍ନ ସମସ୍ୟା ଏକପ୍ରକାରର ଦୂର ହେବ । ସୂଚନା ଯେ, ରାଜ୍ୟର ସମସ୍ତ ମେଡ଼ିକାଲ କଲେଜ, ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ଚିକିତ୍ସା କେନ୍ଦ୍ରଗୁଡ଼ିକରେ ଫାଙ୍କା ଥିବା ବିଭିନ୍ନ ପଦପଦବୀରେ ୫ହଜାର ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆଯିବା ନେଇ ସରକାର ଘୋଷଣା କରିଥିଲେ । ନିଷ୍ପତ୍ତି ଅନୁସାରେ ସ୍ୱାସ୍ଥ୍ୟ ବିଭାଗରେ କିଛି ଡାକ୍ତର, ଏମ୍‌ପିଏଚ୍‌ଡବ୍ଲ୍ୟୁ (ଏମ୍)ଙ୍କୁ ନିଯୁକ୍ତି ଦିଆଯାଇଥିଲେ ହେଁ ଅନ୍ୟ ପଦପଦବୀ ଏପର୍ଯ୍ୟନ୍ତ ପୂରଣ ହୋଇପାରି ନାହିଁ । ଫଳରେ ବର୍ଷ ବର୍ଷ ଧରି ୱେଟିଂ ଲିଷ୍ଟରେ ରହିଥିବା ବହୁ ଯୋଗ୍ୟ ପ୍ରାର୍ଥୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି । ସ୍ୱାସ୍ଥ୍ୟ ବିଭାଗର ବେପରୁଆ ମନୋଭାବ ଯୋଗୁଁ ୱେଟିଂ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀମାନେ ନିଯୁକ୍ତିରୁ ବଞ୍ଚିତ ରହିଛନ୍ତି । ସରକାରୀ ଭାବେ ରେଗୁଲାର ପୋଷ୍ଟିଂ ଦିଆନଯାଇ ଡୋନେସନ୍ ନେଇ ବିଭିନ୍ନ ଏଜେନ୍ସିଂ ଦ୍ୱାରା ଆଉଟସୋର୍ସିଂ ମାଧ୍ୟମରେ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯାଉଥିବାରୁ ଅସନ୍ତୋଷ ଦେଖାଦେଇଥିଲା । ଏନେଇ ପ୍ରାର୍ଥୀମାନେ ଜିଲା ଓ ରାଜ୍ୟସ୍ତରୀୟ ସଂଘମାନଙ୍କ ମାଧ୍ୟମରେ ପ୍ରଶାସନିକ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ । ପ୍ରାର୍ଥୀମାନେ ସଂଘ ଜରିଆରେ ସ୍ୱାସ୍ଥ୍ୟବିଭାଗକୁ ଲିଖିତ ଦରଖାସ୍ତ ପ୍ରଦାନ ପୂର୍ବକ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରଥମେ ୱେଟିଂ ଲିଷ୍ଟରେ ଥିବା ଯୋଗ୍ୟ ପ୍ରାର୍ଥୀଙ୍କୁ ବିଭିନ୍ନ ପଦବୀରେ ରେଗୁଲାର ପୋଷ୍ଟିଂ କରାଯିବା ପରେ ଆଉଟସୋର୍ସିଂ ବ୍ୟବସ୍ଥାକୁ ଅଗ୍ରଗତି ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ମାତ୍ର ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆନଯାଇ ବିଭିନ୍ନ ଏଜେନ୍ସି ଦ୍ୱାରା ଆଉଟସୋର୍ସିଂ ମାଧ୍ୟମରେ ମୋଟା ଅଙ୍କର ଅର୍ଥ ନେଇ ନିଯୁକ୍ତି ଦିଆଯାଉଛି । ଆଉଟସୋର୍ସିଂ ପୋଷ୍ଟିଂକୁ ଅଗ୍ରାଧିକାର ଦିଆଯାଉଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଥିଲା । ଆଉଟସୋର୍ସିଂ ପୋଷ୍ଟିଂକୁ ସ୍ଥଗିତ ରଖାଯାଇ ୱେଟିଂ ଲିଷ୍ଟରେ ଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ପ୍ରଦାନ ଦାବିରେ ଆନ୍ଦୋଳନ କରାଯାଇଥିଲା ।

## ଉଦଳା ରାଜନୀତି ପାଣିପାଗ

# ଡ଼ା. ମନୋରଂଜନ ଖେଳାଇଦେଲେ ଅବସୋସର ବାତାବରଣ



ଉଦଳ,୧୬/୧୦(ନି.ପ୍ର) : ଚାହୁଁ ଚାହୁଁ ଇତି ମଧ୍ୟରେ ଗୋଟିଏ ବର୍ଷ ସମୟ ବିତିଗଲାଣି । ଏକକାଳିନ ଲୋକସଭା ଓ ବିଧାନସଭା ନିର୍ବାଚନ ସରି ଡ଼ବଲ ଇଂଜିନ ସରକାର କ୍ଷମତା ଦଖଲ କରିସାରିଲାଣି । ନିର୍ବାଚନ ପୁର୍ବରୁ ଡ଼ା. ମନୋରଂଜନକୁ କେନ୍ଦ୍ର କରି ଏଠାରେ ଯେଉଁ ଚର୍ଚ୍ଚା ଚାଲିଥିଲା ଏହାର ପୂର୍ଣ୍ଣଛେଦ ଏପର୍ଯ୍ୟ' ପଡ଼ିନାହିଁ । ଡ଼ା. ମନୋରଂଜନ ଏଥର ନିର୍ବାଚନରେ ଉଦଳା ଆସନରୁ ବିଧାୟକ ପ୍ରାର୍ଥି ହେବେ ବୋଲି ଶୁଣିବାକୁ ମିଳିଲା । ଏକଥା କ୍ଷିପ୍ର ବେଗରେ ସବୁ ଅଂଚଳକୁ ବ୍ୟାପିଯିବା ସହିତ ଏକ ଭିନ୍ନସ୍ୱାଦର ବାତାବରଣ ଖେଳିଯାଇଥିଲା । ଡ଼ା. ମନୋରଂଜନ ଶ୍ରୀରାମଚନ୍ଦ୍ର ଭଂଜ ମେଡ଼ିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଭାବରେ କାର୍ଯ୍ୟରତ ଥିଲେ । ଏହିଭଳି ଜଣେ ଜ୍ଞାନିଗୁଣି ଓ ଉଚ୍ଚ ଶିକ୍ଷିତ ବ୍ୟକ୍ତି ଉଦଳାରୁ ବିଧାୟକ ହେବେ ଶୁଣି ତାଙ୍କପ୍ରତି ସମର୍ଥନ ବିଭିନ୍ନ ମହଲରେ ସ୍ୱତଃ ସୃଷ୍ଟି ହୋଇ ଯାଇଥିଲା । ସେ ଯେଉଁ ଦଳରୁ ପ୍ରାର୍ଥି ହେଲେ ମଧ୍ୟ ସେଥିରେ କିଛି ଫରକ ପଡ଼ିବ ନାହିଁ, ଆମେ ଡ଼ା. ମନୋରଂଜନକୁ ଭୋଟ ଦେବୁ ଏହିଭଳି ଏକ ଚର୍ଚ୍ଚାର ମାହୋଲ ସବୁ ସ୍ତରରେ ଶୁଣିବାକୁ ମିଳିଲା । ନିର୍ବାଚନ ଯେତିକି ପାଖେଇ ଆସୁଥାଏ ଏହି ଚର୍ଚ୍ଚା ସେତିକି ମାତ୍ରାରେ ବଢ଼ି ବଢ଼ି ଚାଲିଥାଏ । ଏତିକି ବେଳେ ଡ଼ା. ମନୋରଂଜନ ଉଦଳା ଠାରେ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରି ସେ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତ ହେଉଥିବାର କଥା ଖୋଲା ଖୋଲି ଘୋଷଣା କଲେ । ଉକ୍ତ ଖବର ପ୍ରଚାରିତ ହେବା ପରେ ସମସ୍ତେ ଖୁସିରେ ନାଚି ଉଠିଥିଲେ । ଚାହୁଁ ଚାହୁଁ ନିର୍ବାଚନ ପହଂଚିଗଲା । କିନ୍ତୁ ଇଭିଏମ୍‌ରେ ଲୋକେ ଡ଼ା. ମନୋରଂଜନଙ୍କୁ ଦେଖିବାକୁ ପାଇଲେ ନାହିଁ । ଏହା ସାଧାରଣ ଲୋକଙ୍କ ମାନସପଟରେ ଗଭିର ରେଖାପାତ କରିବା ସହ ଅବଶୋଷର ବାତାବରଣ ଖେଳାଇ ଦେଇଥିଲା । ଯାହାର ଉଷ୍ମତା ଆଜିବି ସ୍ପଷ୍ଟ ବାରି ହୋଇ ପଡୁଛି । ଏବେ ପୁଣି ସେ ଆସ'। ନିର୍ବାଚନରେ ପ୍ରାର୍ଥି ହେବେ ବୋଲି ଶୁଣିବାକୁ ମିଳୁଛି । ବର୍ତ୍ତମାନ ନୁଆ ନିର୍ବାଚନ ମଣ୍ଡଳି ଗଠନ ପ୍ରକ୍ରୀୟା ଆରମ୍ଭ ହୋଇଛି । ଏହାର ଚୁଡ଼ାଂ' ରୂପ ପ୍ରକାଶ ପାଇବା ପରେ ସେ କେଉଁ ବିଧାନସଭା ଆସନରୁ ପ୍ରାର୍ଥି ହେବେ ତାହା ଜଣାପଡ଼ିବ ବୋଲି ଚର୍ଚ୍ଚା ହେଉଛି ।

# ନିଜସ୍ୱ ଜମି ଉପରେ ରାସ୍ତାନିର୍ମାଣକୁ ବିରୋଧ : ନ୍ୟାୟ ପାଇଁ ଜିଲ୍ଲାପାଳଙ୍କଠାରେ ଦ୍ୱାରସ୍ଥ ଜମିମାଲିକ



ନୀଳଗିରି-,୧୬/୧୦(ନି.ପ୍ର) : ବିନା ଅନୁମତିରେ ନିଜସ୍ୱ ଜମିଉପରେ ରାସ୍ତାନିର୍ମାଣକୁ ନେଇ ଜମିମାଲିକ ଏବଂ ତାଙ୍କ ପରିବାର ବିରୋଧ କରିବା ସହିତ ନ୍ୟାୟପାଇଁ ଜିଲ୍ଲାପାଳଙ୍କ ଠାରେ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ନୀଳଗିରି ବ୍ଲକ ତେଲିପାଳ ଠାରୁ ଇସାନେଶ୍ୱି ପର୍ଯ୍ୟନ୍ତ ଓଡିଶାସରକାରଙ୍କ ଗ୍ରାମ୍ୟନିର୍ମାଣ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୩କୋଟି ୫୭ଲକ୍ଷ ୮୪ହଜାର ୪୬୦ଟଙ୍କା ବ୍ୟୟବରାଦରେ ଉକ୍ତ ନିର୍ମାଣାଧିନ ରାସ୍ତାରେ ଚନ୍ଦିନୀପୁର ଜଗତାନନ୍ଦଙ୍କ ଘରଠାରୁ କମଳା ନଇ ପୋଲ ପର୍ଯ୍ୟନ୍ତ କୌଣସି ସରକାର ଜମି ନାହିଁ । ବାଙ୍କୀସାହି ମୌଜାର ଖାତା ନମ୍ବର ୭୯/୧୪, ପ୍ଲଟ୍-୧୧୫ଏ ଏ୦.୦୩୫ଡ଼ି, ଖାତା ନମ୍ବର ୭୯/୧୫, ପ୍ଲଟ୍-୧୬ ଏ୦. ୧୧ଡ଼ି, ଖାତା ନମ୍ବର ୪୮, ପ୍ଲଟ୍-୮, ଏ୦.୧ ଓଡ଼ି, ଖାତା ନମ୍ବର ୭୨, ପ୍ଲଟ୍-୧୮ ଓ ପ୍ଲଟ ନଂ- ୫୯ ଉକ୍ତ ଚାଷଜମି ଭାସ୍କର ବେହେରାଙ୍କର ହୋଇଥିବା ବେଳେ ଏହା ତାଙ୍କର ରୟତ ଜମି ଅଟେ । ଏହାକୁ ତାଙ୍କର ବାପା, ଜେଜେବାପା ସମୟରୁ ଶାନ୍ତି ଶୃଙ୍ଖଳାରେ ଚାଷାବାଦି କରି ଭୋଗଦଖଲ କରି ଆସୁଥିବା ସଙ୍ଗେସଙ୍ଗେ ପ୍ରତିବର୍ଷ ଖଜଣା ପୈଠକରି ପାଉତି ହାସଲକରି ଆସୁଛନ୍ତି । ଗତ ତା୧୩.୧୦.୨୦୨୫ ରିଖ ବେଆଇନ ଭାବରେ ଠିକାଦାର ଓ କେତେକ ଗୁଣ୍ଡା ଶ୍ରେଣୀର ଅସାମାଜିକ ଲୋକ ଉକ୍ତ ରୟତ ଜମିଉପରେ ରାସ୍ତା କାମ କରାଇ ନେବାପାଇଁ ଜୋରଜବରଦସ୍ତ ଉଦ୍ୟମ ଚଳାଇଛନ୍ତି । ସେଥିଲାଗି ଉକ୍ତ ତଫସିଲ ଜମିରେ ଠିକାଦାର ଜଣକ ମାପଜୁପ କରିବା ବେଳେ ଜମିମାଲିକ ପ୍ରତିବାଦ କରିବାରୁ ସେମାନେ ଜାତି ଉଠାଇ ଅଶ୍ଳୀଳ ଭାଷାରେ ଜୀବନରୁ ମାରି ଶେଷକରିଦେବେ ବୋଲି ଧମକଚମକ ଦେଇଥିଲେ । ଏପରିକି ଯଦିଏହି ଜମିରେ ରାସ୍ତାକାମରେ ବାଧା ଦେବୁ ତାହେଲେ ହାଣି ଟିକ୍ ଟିକ୍ କରିଦେବେ ବୋଲି ଧମକ ମଧ୍ୟ ଦେଇଥିଲେ। ଉକ୍ତ ଜମି ବାବଦରେ ନୀଳଗିରି ସବ୍-ଜଜ୍‌ଙ୍କ କୋର୍ଟରେ ସି.ଏସ୍. ନଂ-୮୬/୧୩ରେ ମୋକଦ୍ଦମା ବଳବତ୍ତର ଅଛି। ଯାହାର ନଂ-ଏଫଏ ଓ ନମ୍ବର ୮୭/୧୪ ଅଟେ ।ଯାହା ନୀଳଗିରି ଅତିରିକ୍ତ ଜିଲ୍ଲା ଦୌରା ଜଜ ଙ୍କଠାରେ ଆଗାମୀ ତା୦୪.୧୧.୨୦୨୫ ରିଖକୁ ଧାର୍ଯ୍ୟ ଥିବାବେଳେ ଶ୍ରୀଯୁକ୍ତ ବେହେରା ଏବଂ ତାଙ୍କ ଦୁଇପୁତ୍ର ଶ୍ରୀଧର ଓ ଅଞ୍ଜନ ଆଜି ନ୍ୟାୟ ପାଇଁ ବାଲେଶ୍ୱର ଜିଲ୍ଲାପାଳ ସହିତ ନୀଳଗିରି ତହସିଲଦାର ଓ ବିଡ଼ିଓଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି ।

# ଖଣି ଓ କ୍ରସର ପରିଦର୍ଶନ କଲେ ଉପଜିଲ୍ଲାପାଳ

ଖଇରା,୧୬/୧୦(ନି.ପ୍ର) : ବାଲେଶ୍ୱର ଜିଲାର ଉପଜିଲାପାଳ ସିବ୍ ମାଲବିଆ ଗୁରୁବାର ଶାରୀଶୁଆ ପାହଡର ବିଭିନ୍ନ ଖଣି ସହ ପାହାଡ ସଂଲଗ୍ନ ୪ଟି କ୍ରସର ପରିଦର୍ଶନ କରି ଏକ ପଥର ବୋଝେଇ ଟ୍ରକ ସହିତ କ୍ରସର ଭିତରେ ବେଆଇନ ଭାବେ ଗଚ୍ଛିତଥିବା ପଥରକୁ ଜବତ କରିଥିଲେ । ଏବଂ ଜୁନିଅର ଖଣିଅଧିକାରୀଙ୍କୁ ଜବତ ପଥର ଉପରେ ଜରିମାନା ଦାୟିତ୍ୱ ପ୍ରଦାନ କରିଥିଲେ । ପାହାଡର ବଗେଇପୁର ମୌଜାର ୧୮,୧୯,୨୦ ଓ ୨୧ ଏବଂ ବନ୍ଧନଟା କପିଳଝୁରି ମୌଜାର ୮୭, ୮୯ ଓ ୯୬ନମ୍ବର ଖଣି ପରିଦର୍ଶନ ପରେ ତ୍ରିବେଣୀ, ମା ମଙ୍ଗଳା, ଜଗନ୍ନାଥ ଓ ମା ଅମ୍ବିକା ଆଦି କ୍ରସର ପରିଦର୍ଶନ କରିଥିଲେ । କନିଷ୍ଠ ଖଣି ଅଧିକାରୀ ଅଭିଷେକ ବେହେରା, ତହସିଲଦାର ଅମିତ ରଞ୍ଜନ ହୋତା ପ୍ରମୁଖ ଉପସ୍ଥିତ ଥିଲେ ।

❑ ସଂପାଦିକା : ସୈରିନ୍ଧ୍ରୀ ସାହୁ
❑ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❑ Editor: Sairindhree Sahoo
❑ Managing & Executive Editor : Srustidhar Parida